READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ | ସଂଖ୍ୟା-୨୬ | ୧୦ - ୧୬ ଜୁଲାଇ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-26 | 10th - 16th JULY, 2023 | BHUBANESWAR | ₹ 5/- (8 Pages)

# ବିଜେଡିରେ ବଢୁଛି ଗୋଷ୍ଠୀକନ୍ଦଳ !

**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ତା'ର ସାଙ୍ଗଠନିକ କସରତ ଜୋରଦାର କରିଛି। ଜିଲ୍ଲା ଓ ରାଜ୍ୟ କମିଟିର ନବକଳେବର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ନିର୍ବାଚନ ଯେତିକି ପାଖେଇ ଆସୁଛି, ଶାସକ ବିଜେଡିରେ ଗୋଷ୍ଠୀକନ୍ଦଳ ସେତେ ତୀବ୍ର ହେବାରେ ଲାଗିଛି। କଟକରୁ କୋରାପୁଟ, ସୁନ୍ଦରଗଡ଼ରୁ ସମ୍ବଲପୁରରୁ, କଳାହାଣ୍ଡିରୁ କେନ୍ଦ୍ରାପଡ଼ା, ଜଗତସିଂହପୁରରୁ ମୟୂରଭଞ୍ଜ ଓ ଗଞ୍ଜାମରୁ ପୁରୀ ସବୁ ଜିଲ୍ଲାରେ ବିଜେଡିରେ ସମାନ୍ତରାଳ ସଂଗଠନ ଓ ଗୋଷ୍ଠୀକନ୍ଦଳ ଲାଗି ରହିଥିବାରୁ ଦାୟିତ୍ୱ ମିଳିବାର ୩ମାସ ପରେ ବି ଅଧିକାଂଶ ଦଳୀୟ ଜିଲ୍ଲା ପର୍ଯ୍ୟବେକ୍ଷକ ସେମାନଙ୍କୁ ଆବଣ୍ଟନ କରାଯାଇଥିବା ଜିଲ୍ଲାରେ କାର୍ଯ୍ୟକ୍ରମ ଆଗେଇ ପାରୁନାହାନ୍ତି। ନିର୍ବାଚନ ବର୍ଷରେ ଏଭଳି ଉଗ୍ର ଗୋଷ୍ଠୀକନ୍ଦଳ ବିଜେଡି ନେତୃତ୍ୱଙ୍କୁ ଚିନ୍ତାରେ ପକାଇଥିବାବେଳେ ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କ ଦୁଇଦିନିଆ ବୈଠକ ଡାକି ଗୋଷ୍ଠୀକନ୍ଦଳରେ ତାଳିପକା ଉଦ୍ୟମ କରିବାକୁ ଦଳ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଦଳ ୪ଟି ଜିଲ୍ଲା ଯଥା- କେନ୍ଦୁଝର, ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳର ପର୍ଯ୍ୟବେକ୍ଷକ ଦାୟିତ୍ୱ ନ୍ୟସ୍ତ କରିଛି। କେନ୍ଦୁଝର ଜିଲ୍ଲା ସଂଗଠନରେ ଥିବା ଗୋଷ୍ଠୀକନ୍ଦଳ ଉପରକୁ ଏତେ ଦୃଶ୍ୟମାନ ହେଉନଥିଲେ ମଧ୍ୟ ଅନ୍ୟ ୩ଟି ଜିଲ୍ଲାରେ ଦଳର ସମାନ୍ତରାଳ ସଂଗଠନ ଓ ନେତାମାନଙ୍କ ମଧ୍ୟରେ କନ୍ଦଳ ଶ୍ରୀ ଦାସଙ୍କ ମୁଣ୍ଡବ୍ୟଥା ବଢ଼ାଇଥିବା ନେଇ ଚର୍ଚ୍ଚା ହେଉଛି। ନିକଟରେ ସମ୍ବଲପୁର ଜିଲ୍ଲା ଗସ୍ତ କରି ସଂଗଠନ ଉପରେ ଚର୍ଚ୍ଚା କରିଥିବା ଶ୍ରୀ ଦାସ ଗୋଷ୍ଠୀବିବାଦ ଏଡ଼ାଇବାକୁ ଜିଲ୍ଲାର ନେତାମାନଙ୍କୁ ଭୁବନେଶ୍ୱର ଡକାଇ ସମାଧଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଛକାପଞ୍ଝା କମିବା ପରିବର୍ତ୍ତେ ବଢୁଥିବା ଜଣାପଡିଛି। ଆଉ ଜିଲ୍ଲା ସଂଗଠନରେ ବିଧାୟକ ସୁଶାନ୍ତ ସିଂଙ୍କ ମାମଲାତିକୁ ନେଇ ଏହି ନେତାମାନେ ବେଶୀ ଅସନ୍ତୁଷ୍ଟ ଥିବା ଅନୁମେୟ କରାଯାଉଛି। ସେହିପରି ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ନେତାମାନଙ୍କ ମଧ୍ୟରେ ତୀବ୍ର କନ୍ଦଳ ଓ ଛକାପଞ୍ଝାକୁ ପ୍ରଶମିତ କରିବା ପାଇଁ ଶ୍ରୀ ଦାସ ଜିଲ୍ଲାର ନେତାମାନଙ୍କୁ ଭୁବନେଶ୍ୱର ଡକାଇ ଆଲୋଚନା କରିଥିଲେ ମଧ୍ୟ କନ୍ଦଳକୁ ପ୍ରଶମିତ କରିପାରିନାହାନ୍ତି। ସେହିପରି ରାଜନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ରବୀନ୍ଦ୍ର ଜେନାଙ୍କୁ ମାର୍ଚ୍ଚ ମାସରୁ ଦାୟିତ୍ୱ ମିଳିଥିଲେ ମଧ୍ୟ ସେ ଆଜିପର୍ଯ୍ୟନ୍ତ ଜିଲ୍ଲାରେ ସଂଗଠନ ପ୍ରସଙ୍ଗରେ ଗୋଟିଏ ବୈଠକ ତ ଦୂରର କଥା ଜିଲ୍ଲାର ନେତାମାନଙ୍କ ସହ ଭେଟଘାଟ ବି କରିନଥିବା ଜଣାପଡ଼ିଛି। ଖୋର୍ଦ୍ଧା ଜିଲ୍ଲାରେ ବିଜେଡିର ଗୋଷ୍ଠୀକନ୍ଦଳ ଚରମସୀମାରେ ପହଞ୍ଚିଛି। ଭୁବନେଶ୍ୱରର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲିପାଟଣା, ଜଟଣୀ, ଖୋର୍ଦ୍ଧା, ବେଗୁନିଆରେ ଦଳୀୟ ନେତାମାନେ ସମାନ୍ତରାଳ ଭାବେ ସଂଗଠନ ଜାରି ରଖିଛନ୍ତି। ସେହିପରି ସବୁଠୁ ବଡ଼ ଜିଲ୍ଲା ମୟୂରଭଞ୍ଜର ପର୍ଯ୍ୟବେକ୍ଷକ ଦାୟିତ୍ୱ ୩ମାସ ତଳେ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ମିଳିଛି। ସେହି ଜିଲ୍ଲାରେ ବିଜେପିର ପ୍ରଭାବ ଅଧିକ ରହିଥିବାବେଳେ ବିଜେଡିର ତୀବ୍ର ଗୋଷ୍ଠୀକନ୍ଦଳ ଓ ଛକାପଞ୍ଝା ଏବେ ତୀବ୍ର ହେବାରେ ଲାଗିଛି। ଯେଉଁଥିପାଇଁ ଶ୍ରୀ ମୁଦୁଲି ପର୍ଯ୍ୟବେକ୍ଷକ ହେବାପରେ ମାତ୍ର ଥରେ-ଦୁଇଥର ଜିଲ୍ଲାକୁ ଗସ୍ତ କରିଛନ୍ତି। ଏପରିକି ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ପରିଷଦ ଉପନିର୍ବାଚନରେ ବି ଶ୍ରୀ ମୁଦୁଲିଙ୍କୁ ଦେଖିବାକୁ ମିଳିନଥିଲା। ଖଣିଜସମୃଦ୍ଧ ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ପର୍ଯ୍ୟବେକ୍ଷକ ➤ ପୃ-୬

### ଜିଲ୍ଲାପାଳମାନଙ୍କୁ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ

# ସରକାରୀ ମେଡିକାଲରେ ସକ୍ରିୟ ଦଲାଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅ



**ଭୁବନେଶ୍ୱର :** ହାଇକୋର୍ଟ ସରକାରୀ ମେଡିକାଲଗୁଡ଼ିକରେ ସକ୍ରିୟ ଦଲାଲମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଣିଥରେ ଜିଲ୍ଲାପାଳମାନଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଅକ୍ଟୋବର ମାସରେ ଅନୁରୂପ ଭାବେ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମେଡିକାଲ କଲେଜ ଅଧୀକ୍ଷକମାନଙ୍କୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇ ସରକାରୀ ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ପ୍ରଭାବିତ କରୁଥିବା ଦଲାଲମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପରାମର୍ଶ ଦେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟ ସଚିବଙ୍କ ଏହି ତାଗିଦ୍ ଉପରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ପରିଲକ୍ଷିତ ହୋଇନଥିଲା, ଯେଉଁଥିପାଇଁ ଗତ ପ୍ରାୟ ୧୦ଦିନ ତଳେ ଓଡ଼ିଶା ହାଇକୋର୍ଟ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ରୋଗୀଙ୍କୁ ପ୍ରଭାବିତ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ଜିଲ୍ଲାପାଳ, ମ୍ୟୁନିସପାଲଟି କମିଶନର, ଏସପି, ଡିସିପି ଓ ସିଡିଏମଓମାନଙ୍କୁ ଚିଠି ଲେଖି ସମସ୍ତ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶେଷକରି ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ହସ୍ପିଟାଲଗୁଡ଼ିକରେ ଦଲାଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠି ଏଭଳି ଗତିବିଧିରେ ଦଲାଲ ସକ୍ରିୟ ଥିବାର ପ୍ରମାଣ ମିଳୁଛି ସେମାନଙ୍କ ବିରୁଦ୍ଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟାଳୟ ଓ ଅନ୍ୟ ସରକାରୀ ମେଡିକାଲଗୁଡ଼ିକର ଓପିଡିକୁ ଆସୁଥିବା ରୋଗୀମାନଙ୍କୁ ➤ ପୃ-୬

### ମହଙ୍ଗା ମାଡ଼ରୁ ଖାଉଟିଙ୍କୁ ମିଳୁନି ନିସ୍ତାର

# ଜିରା ପାଲଟିଛି ହୀରା



**ଭୁବନେଶ୍ୱର :** ହାଣ୍ଡିଶାଳରେ ଏବେ ଚଡକ ପଡିଛି। ଯେଉଁଥିପାଇଁ ଖାଉଟି କଲବଲ ହେଉଛନ୍ତି। ମହଙ୍ଗା ମାଡ଼ରୁ ନିସ୍ତାର ମିଳୁନି। ପେଟ୍ରୋଲ, ଡିଜେଲ ଆଉ ରନ୍ଧନ ଗ୍ୟାସ୍‌ର ଉଚ୍ଚ ଦରକୁ ନେଇ ଚର୍ଚ୍ଚା ଥମିଗଲାଣି। କାରଣ ପନିପରିବା ଦର ଏବେ ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି ତାହା ଖାଉଟିଙ୍କ ନିଦ ହଜାଇଦେଇଛି। କେଉଁ ପରିବା କେଉଁ ଦିନ ମହଙ୍ଗା ହେଉଛି ତାହା ଏବେ ଖାଉଟିଙ୍କ ପକ୍ଷେ ଜାଣିବା କଷ୍ଟକର। କାରଣ ଟମାଟୋ ଶତକ ମାରିବା ପରେ ବିନ୍ସ, ଅଦା ଆଉ ରସୁଣ ଦର ସବୁଠାରୁ ଅଧିକ ହୋଇଯାଇଛି। ତେବେ ଏବେ ଏସବୁର ରେକର୍ଡ ଭାଙ୍ଗିଛି ଜିରା ଦର। ଜିରା ଏବେ ହୀରା ପାଲଟିଯାଇଛି। କାରଣ ଖୁଚୁରା ବଜାରରେ ଜିରା କିଲୋ ପିଛା ୧୦୦୦ ଟଙ୍କାରେ ପହଞ୍ଚିଛି। ➤ ପୃ-୬

# ଡିଏନ୍ ଗ୍ରୁପ୍‌ରେ ଲାଗିଛି କି ବାବୁଙ୍କ ଟଙ୍କା !

**ଭୁବନେଶ୍ୱର :** ରିଏଲ ଇଷ୍ଟେଟ୍ ବ୍ୟବସାୟୀ ଜଗଦୀଶ ପ୍ରସାଦ ନାଏକଙ୍କ ଡିଏନ୍ ଗ୍ରୁପ୍‌ରୁ କୋଟି କୋଟି ଟଙ୍କାର ବେନାମୀ ସମ୍ପତ୍ତି ଠାବ ହୋଇଥିବାବେଳେ ଜଗଦୀଶ ବେଶ୍ ସୁନିୟୋଜିତ ଢଙ୍ଗରେ ମାଷ୍ଟରମାଇଣ୍ଡ ସାଜି ନିଜର ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିଥିବା ଖୋଳତାଡ଼ରୁ ଜଣାପଡ଼ିଛି। କୋଟିକୋଟି ଟଙ୍କାର ବେନାମୀ କାରବାରକୁ ପ୍ରୋତ୍ସାହିତ କରିବା ଓ କଳାଟଙ୍କାକୁ ଧଳା କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ନିଜେ ଗଢ଼ିଥିବା ଡିଏନ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡରୁ ଆଇନଗତ ଭାବେ ୨୦୧୭ ଡିସେମ୍ବରରେ ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ। ଆଉ ନିଜର ଦୁଇ ବିଶ୍ୱସ୍ତ ସହଯୋଗୀ ଚନ୍ଦ୍ରଶେଖର ପଣ୍ଡାଙ୍କୁ ସେହି କମ୍ପାନୀର ନିର୍ଦ୍ଦେଶକ ଓ ଚନ୍ଦ୍ରକାନ୍ତ ମିଶ୍ରଙ୍କୁ ପରିଚାଳନା ନିର୍ଦ୍ଦେଶକ କରି ବେନାମୀ ସମ୍ପତ୍ତି କାରବାରକୁ ପ୍ରୋତ୍ସାହିତ କରିଥିବା ସନ୍ଦେହ କରାଯାଉଛି। କେବଳ ସେତିକି ନୁହେଁ ଏହି ଗ୍ରୁପ୍ କାରବାର ସହ ରାଜ୍ୟର ୬ଜଣ ଆଇଏଏସ୍ ଅଫିସର (ସଚିବ ପାହ୍ୟାର ଜଣେ ଆଇଏଏସ)ଙ୍କ ସମ୍ପୃକ୍ତି ଥିବା ମଧ୍ୟ ଚର୍ଚ୍ଚା ହେଉଛି। ଗତ ୫ତାରିଖରେ ୟୁନିଟ୍ - ୪ସ୍ଥିତ ସରକାରୀ କ୍ୱାର୍ଟସରୁ ଯେଉଁ ନଗଦ ୩୦କୋଟି ଟଙ୍କା ଜବତ ହେଲା ତାହା ଡିଏନ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଚନ୍ଦ୍ରଶେଖର ପଣ୍ଡାଙ୍କ ଦ୍ୱାରା ଭଡ଼ା ନିଆଯାଇଥିଲା। ଆଉ ଏସବୁ ମାଧ୍ୟମରେ ଡିଏନ ପ୍ରର୍ପଟିଜ୍ କମ୍ପାନୀର ଦୁଇ ନିର୍ଦ୍ଦେଶକ ଚନ୍ଦ୍ରଶେଖର ଓ ଚନ୍ଦ୍ରକାନ୍ତଙ୍କୁ ଆଇନ ଆଗରେ ଦୋଷୀ ସଜାଇ ନିଜେ ଖସିବାର ସହଜ ଗଳାବାଟକୁ ବହୁ ପୂର୍ବରୁ ➤ ପୃ-୬

# 'ସହମତିରେ ଶାରୀରିକ ସଂପର୍କ ଦୁଷ୍କର୍ମ ନୁହେଁ'



**କଟକ :** ଶାରୀରିକ ସଂପର୍କକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ଓଡ଼ିଶା ହାଇକୋର୍ଟ। ବନ୍ଧୁତ୍ୱରୁ ଆରମ୍ଭ ହୋଇଥିବା ଶାରୀରିକ ସଂପର୍କ ଦୁଷ୍କର୍ମ ବିବେଚିତ ହେବ ନାହିଁ। ଯଦି ଏ ସଂପର୍କରେ କୌଣସି ଦୁଷ୍କର୍ମ ଅଭିଯୋଗ ଆସେ, ତାହା ଗ୍ରହଣୀୟ ହେବ ନାହିଁ। ମନୋମାଳିନ୍ୟ ଘଟି ବିବାହ ପ୍ରତିଶ୍ରୁତି ପୂରଣ ହୋଇ ନ ପାରିଲେ ତାହା ଦୁଷ୍କର୍ମ ବୋଲି ମାନ୍ୟବର ହାଇକୋର୍ଟ ଦର୍ଶାଇଛନ୍ତି। ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଦାୟର ଏକ ମାମଲାକୁ ଖାରଜ କରିବାକୁ ମନୋରଞ୍ଜନ ଦାସଙ୍କ ଆବେଦନର ରାୟ ପ୍ରକାଶ କରି ଜଷ୍ଟିସ ଆର. କେ. ପଟ୍ଟନାୟକ ଏହା କହିଛନ୍ତି। ଆବେଦନକାରୀ ମନୋରଞ୍ଜନ ଦାସଙ୍କର ଜଣେ ବିବାହିତା ମହିଳାଙ୍କ ସହ ବନ୍ଧୁତା ବିବାହ ପ୍ରତିଶୃତି ପର୍ଯ୍ୟନ୍ତ ଯାଇଥିଲା। ଉଭୟଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ବନ୍ଧୁତା ରହିବା ସହ ଶାରୀରିକ ସମ୍ପର୍କ ମଧ୍ୟ ସୃଷ୍ଟି ହୋଇଥିଲା। ମନୋରଞ୍ଜନ ସମ୍ପୃକ୍ତ ମହିଳାଙ୍କୁ ବିବାହ କରିବାକୁ ➤ ପୃ-୬

## ବକ୍ରବାଣୀ



ଟମାଟୋ କିଲୋକୁ ଶହେ କୋଡ଼ିଏ
ଅଦା କେଜି ଏବେ ଚାରି'ଶ ପରେ
ପନିପରିବା ଭାଉ ଆକାଶଛୁଆଁ
ସର୍କାର ଶୋଇଚି ଏସି ଚ୍ୟାୟରେ
ଘାରିଚି ଏବେରେ ଦେଉଳ ସଜା
ଗରୀବ ପାଇଁକି ସମୟ ନାଇଁ
ମଦ ମାଂସ ଦେଲେ ଭୋଟ ମିଳିବ
ତାଙ୍କ ଦୁଃଖ ଏବେ ଭାବିବେ କାହିଁ
ଡେଙ୍ଗୁରା ପିଟନ୍ତି ସ୍ୱଚ୍ଛ ଶାସନ
ଭାରତ ବର୍ଷରେ ନମ୍ବର୍ ୱାନ୍।

—— ଟୁଟୁ

# 'ଗୀତା ପ୍ରେସ୍ ମନ୍ଦିର ଠାରୁ କମ୍ ନୁହେଁ'




**ନୂଆଦିଲ୍ଲୀ,(ପିଆଇବି) :** ଗୋରଖପୁର ପ୍ରେସ୍ କେବଳ ଏକ ସଂସ୍ଥା ନୁହେଁ ଏହା କୋଟି କୋଟି ଲୋକଙ୍କ ନିମନ୍ତେ ଏକ ଜୀବନ୍ତ ଆସ୍ଥା। ଏହା ମନ୍ଦିର ଠାରୁ ମଧ୍ୟ କିଛି କମ୍ ନୁହେଁ। ଏହାର ନାମରେ ଗୀତା ଓ କାମରେ ଗୀତାର ପ୍ରଭାବ ରହିଛି। ଯେଉଁଠାରେ ଗୀତା ରହିଛି, ସେଠାରେ ସାକ୍ଷାତ୍ କୃଷ୍ଣ ଅଛନ୍ତି। ଯେଉଁଠାରେ କୃଷ୍ଣ ଅଛନ୍ତି ସେଠାରେ କରୁଣା ଅଛି ଓ କର୍ମ ବି ଅଛି। ସେଠାରେ ଜ୍ଞାନର ମୂଲ୍ୟବୋଧ ଓ ବିଜ୍ଞାନର ଶୁଦ୍ଧତା ମଧ୍ୟ ରହିଛି। କାରଣ ଗୀତା କୁହେ ବାସୁଦେବଃ ସର୍ବମ୍। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶ ଗୋରଖପୁରର ଗୀତା ପ୍ରେସ ପରିଦର୍ଶନ କରିବା ସହ ଐତିହାସିକ ମୁଦ୍ରଣ ପ୍ରେସର ଶତବାର୍ଷିକୀ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ସେ କହିଛନ୍ତି, ୧୯୨୩ରେ ଗୀତା ପ୍ରେସ୍ ରୂପରେ ଯେଉଁ ଜ୍ୟୋତି ପ୍ରଜ୍ୱଳିତ ହୋଇଥିଲା, ତାହାର ପ୍ରକାଶ ଏବେ ପୂରା ମାନବିକତାର ମାର୍ଗ ଦର୍ଶନ କରୁଛି। ଏହାର ଶତାବ୍ଦୀ ପୂର୍ତ୍ତିର ଆମେ ସମସ୍ତେ ସାକ୍ଷୀ। ଉଲ୍ଲେଖନୀୟ କାମ ନିମନ୍ତେ ଏହି ଅନୁଷ୍ଠାନକୁ ଗାନ୍ଧୀ ଶାନ୍ତି ପୁରସ୍କାର ଦିଆଯାଇଛି। ଗୀତାପ୍ରେସ୍ ସହ ଗାନ୍ଧିଜୀଙ୍କର ଭାବନାତ୍ମକ ସଂଯୋଗ ରହିଥିଲା। ଗାନ୍ଧିଜୀ କଲ୍ୟାଣ ପତ୍ରିକା ମାଧ୍ୟମରେ ଗୀତା ପ୍ରେସ୍ ପାଇଁ ଲେଖାଲେଖି କରୁଥିଲେ। ଗୀତା ପ୍ରେସ୍ ଭାରତକୁ ଯୋଡୁଛି। ଭାରତର ଏକତାକୁ ସଶକ୍ତ କରୁଛି। ଏହା ଏକ ଭାରତ ଶ୍ରେଷ୍ଠ ଭାରତ ମିଶନକୁ ପ୍ରତିନିଧିତ୍ୱ କରୁଛି। ବିଦେଶୀ ଆକ୍ରମଣ କରି ଆମର ବହୁ ଗ୍ରନ୍ଥକୁ ଜାଳି ଦେଇଥିଲେ। ଇଂରେଜ ଶାସନ ସମୟରେ ଗୁରୁକୁଳ ଓ ଗୁରୁ ପରମ୍ପରାକୁ ପ୍ରାୟତଃ ନଷ୍ଟ କରିଦିଆଯାଇଥିଲା। ଆମର ପୂଜ୍ୟ ଗ୍ରନ୍ଥ ଗାୟବ ହେବାରେ ଲାଗିଥିଲା। ବହିର ଦାମ୍ ଖୁବ୍ ଅଧିକ ଥିବାରୁ ଏହା ଲୋକଙ୍କ ➤ ପୃ-୬

### ଭୁବନେଶ୍ୱରରେ ସ୍ଥାପନ ହେବ ଡପଲାର୍ ରାଡାର

# ପାଣିପାଗ ସମ୍ପର୍କରେ ମିଳିବ ଆଗୁଆ ତଥ୍ୟ



**ଭୁବନେଶ୍ୱର :** ଭୁବନେଶ୍ୱରରେ ବସିବ ଡପଲାର୍ ୱେଦର ରାଡାର। ରାଡାର କଟକ-ଭୁବନେଶ୍ୱର ଦ୍ୱୈତ ନଗରୀର ପାଣିପାଗ ଆକଳନ କରିବ। ଦୁଇ ସହର ପାଇଁ ସଠିକ୍ ପୂର୍ବାନୁମାନ କରି ଆଗୁଆ ପ୍ରତିକାର ବ୍ୟବସ୍ଥା ଲାଗି ଏହି ପଦକ୍ଷେପ ନିଆଯିବ। ରାଡାର ବସାଇବା ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଯୋଜନା କରାଯାଇଥିବା ବେଳେ ଏନେଇ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ଜମି ଯୋଗାଇ ଦେବା ପାଇଁ ଆଇଏମଡି ଏସଆରସିଙ୍କୁ ଚିଠି ଲେଖିଛି। ଏହି ରାଡାର ବସିବା ଦ୍ୱାରା ବିଜୁଳି ଘଡ଼ଘଡିଇ ଜନିତ ବର୍ଷା, କାଳବୈଶାଖୀ, ବଜ୍ରପାତ ଓ ପ୍ରବଳ ବର୍ଷା ସମ୍ପର୍କରେ ୩ ଘଣ୍ଟା ପୂର୍ବରୁ ସଠିକ୍ ସୂଚନା ମିଳିଯିବ। ଭୁବନେଶ୍ୱରରେ ଏକ ଏକ୍ସ-ବ୍ୟାଣ୍ଡ ରାଡାର ବସାଇବା ପାଇଁ ଯୋଜନା କରାଯାଉଥିବା ଆଇଏମ୍‌ଡି ଏସଆରସିଙ୍କୁ ଚିଠି ଲେଖି ୪୦୦ ବର୍ଗମିଟର ଜମି ସହିତ କମ୍ପ୍ୟୁଟର ହାଉସିଂ ପାଇଁ ଅତିରିକ୍ତ ୪୦୦ ଫୁଟ୍ର ଜମି ଲୋଡ଼ିଛି। ଜମି ନିକଟରେ କୌଣସି ପ୍ରାକୃତିକ ନିର୍ମାଣ ଅର୍ଥାତ ପାହାଡ଼ ପର୍ବତ ନ ଥିବା ଓ ଉଚ୍ଚ ଅଟାଳିକା ନିର୍ମାଣ ହୋଇ ନ ଥିବା ଏଥିରେ ଉଲ୍ଲେଖ କରାଯାଇଛି। ➤ ପୃ-୬




### ଆମ ପୋଖରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# 'ସହରାଞ୍ଚଳର ଜନଜୀବନରେ ଗୁଣାତ୍ମକ ଉନ୍ନତି ଆସିବ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପୌରାଞ୍ଚଳରେ 'ଆମ ପୋଖରୀ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ସହରାଞ୍ଚଳ ଗୁଡିକରେ ଥିବା ଅବ୍ୟବହୃତ କିମ୍ବା ପୋତିହୋଇ ଯାଇଥିବା ଜଳାଶୟ ଗୁଡିକର ପୁନରୁଦ୍ଧାର କରାଯାଇ ଏହାକୁ ସ୍ୱଚ୍ଛ ଓ ନିର୍ମଳ କରାଯିବା ସହିତ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯିବ। ୧୧୫ଟି ପୌରାଞ୍ଚଳର ୨୦୦୦ଟି ବୃହତ ଜଳାଶୟର ନବୀକରଣ କରାଯାଇ ଜନସାଧାରଣଙ୍କ ଅବସର ବିନୋଦନ ପାଇଁ ସ୍ୱାସ୍ଥ୍ୟପ୍ରଦ ସର୍ବସାଧାରଣ ସ୍ଥାନର ବିକାଶ କରାଯିବ। ମିଶନ ଶକ୍ତିର ମହିଳା ଓ କଲେଜରୁ ପାସ୍ କରିଥିବା ଶିକ୍ଷିତ ଯୁବକ ଯୁବତୀମାନେ ସହଭାଗିତାରେ ଏହା କରାଯିବ। ପ୍ରାକୃତିକ ଉପାୟରେ କମ୍ ଖର୍ଚ୍ଚରେ ଉନ୍ନତ ପରିବେଶ ସୃଷ୍ଟି କରାଯିବ। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମିଶନ ଶକ୍ତି ମା'ମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମା'ମାନେ ହେଉଛନ୍ତି ଟିମ ୱାର୍କର ମଡେଲ। ଗାଁ ସହର ସବୁଆଡେ ଭଲ କାମ କରୁଛନ୍ତି। ସେମାନଙ୍କ ସଫଳତା ପାଇଁ 'ମୁଁ ଗର୍ବିତ' ବୋଲି ସେ କହିଥିଲେ। ମୁକ୍ତା ଯୋଜନାରେ, ଜଳସାଥୀ ଭାବରେ ମିଶନ ଶକ୍ତିର ମା'ମାନେ ଭଲ କାମ କରୁଛନ୍ତି ବୋଲି ମତ ଦେଇ ଆମ ପୋଖରୀ କାର୍ଯ୍ୟକ୍ରମକୁ ମଧ୍ୟ ଭଲ ଭାବରେ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଥିଲେ। ଆମ ପୋଖରୀ ଗୁଡିକ ସହରାଞ୍ଚଳ ଜୀବନର ଏକ ମୌଳିକ ଅଂଶ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ସାମାଜିକ ଓ ସାଂସ୍କୃତିକ ଜୀବନରେ ପୋଖରୀ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ସହିତ ସ୍ୱାସ୍ଥ୍ୟ ଓ ଅର୍ଥନୀତି ସହିତ ମଧ୍ୟ ସଂପର୍କ ରହିଛି। ଅବକ୍ଷୟପ୍ରାପ୍ତ ଜଳାଶୟଗୁଡିକର ପୁନରୁଦ୍ଧାର ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହାର ରୂପାନ୍ତର ଦ୍ୱାରା ସହରାଞ୍ଚଳ ଜନଜୀବନରେ ଗୁଣାତ୍ମକ ଉନ୍ନତି ଆସିପାରିବ ବୋଲି ସେ କହିଥିଲେ। ଆମ ପୋଖରୀ କାର୍ଯ୍ୟକ୍ରମର ପାଇଲଟ୍ ପ୍ରୋଜେକ୍ଟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରର ମହାନଗର ନିଗମର ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ଯଥା ଜାଗା ମିଶନ, ଡ୍ରିଙ୍କ ଫ୍ରମ ଟ୍ୟାପ୍, ମୁକ୍ତା ପରି ଯୋଜନାର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରଶଂସା ମଧ୍ୟ କରିଥିଲେ। ଏବେ ଆମ ପୋଖରୀ ଯୋଜନାର ସଫଳ ରୂପାୟନ ବିଭାଗର ଆଉ ଏକ ସଫଳତା ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଉଷା ଦେବୀ କହିଲେ ଯେ ଏହି କାର୍ଯ୍ୟକ୍ରମ ଦ୍ୱାରା ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ବିବାଦ ଯୋଗ ଅଛି। ଧନର ସ୍ଥିତି ମଜବୁତ ହେବ। ଉପହାର ପାଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶୁଭ ଖବର। ଜୀବନସାଥୀଙ୍କ ସହ ଧାର୍ମିକ ଯାତ୍ରାରେ ଯାଇପାରନ୍ତି। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ ଗାଡି କ୍ରୟ କରିପାରନ୍ତି।

**ବୃଷ**
ଖାଦ୍ୟରେ ଧ୍ୟାନ ଦିଅନ୍ତୁ। ତରବରିଆ ଭାବେ କାମ ଶେଷ କରନ୍ତୁ ନାହିଁ। ବନ୍ଧୁଙ୍କ ସହ ସମୟ କଟାଇବେ। ୨ଟି ଜାଗାରୁ ଧନପ୍ରାପ୍ତି ଯୋଗ ଅଛି। କାମରେ ପ୍ରଶଂସିତ ହେବେ। କଳାରେ ରୁଚି ବଢ଼ିବ। ବିଦେଶ ଭ୍ରମଣ ଯୋଗ ଅଛି।

**ମିଥୁନ**
ସନ୍ତାନ ପାଇଁ ବ୍ୟସ୍ତ ରହିବେ। ଆୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ନୂଆ କାମ ପାଇପାରନ୍ତି। ସମ୍ମାନିତ ହେବେ। ଜୀବନସାଥୀଙ୍କ ସହ ନୂଆ ଜିନିଷ କିଣାକିଣି କରିପାରନ୍ତି। ପ୍ରେମୀଙ୍କ ପାଇଁ ସମୟ ବହୁତ ଭଲ।

**କର୍କଟ**
ମନ ଚଞ୍ଚଳ ରହିବ। ଚିଡିଚିଡା ବଢ଼ିବ। ଧନ ସାମାନ୍ୟ ରହିବ। ଗାଡି ବା ଘର କରଣା ଜିନିଷ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବାଦବିବାଦ ଦେଖାଦେବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିଯିବ।

**ସିଂହ**
ଅଚାନକ ଧନପ୍ରାପ୍ତି ଯୋଗ ଅଛି। ବନ୍ଧୁ ଓ ପିତାମାତା ଆପଣଙ୍କୁ ସାକ୍ଷାତ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇବେ। ପ୍ରେମୀଙ୍କ ସମ୍ପର୍କ ଦୃଢ଼ ହେବ। ନୂତନ ଯାନ କ୍ରୟ କରିପାରନ୍ତି।

**କନ୍ୟା**
ଉପହାର ପାଇବା ଯୋଗ ଅଛି। ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ। ଆୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ ଯୋଗ ଅଛି। ଦୂରଯାତ୍ରା ଯୋଗ ଅଛି। ଦମ୍ପତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**ତୁଳା**
ପରିବାର ସହ ସମୟ କଟାଇବା ଯୋଗ ଅଛି। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମୀମାନେ ମନର କଥା ପ୍ରକାଶ କରିପାରନ୍ତି। ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇପାରନ୍ତି।

**ବିଛା**
ପେଟରେ ସମସ୍ୟା ହୋଇପାରେ। ଧନପ୍ରାପ୍ତି ଯୋଗ ସାମାନ୍ୟ ଅଛି। ନୂଆ ଚାକିରି ପାଇପାରନ୍ତି। ପଦୋନ୍ନତି ଯୋଗ ଅଛି। ଜୀବନସାଥୀଙ୍କ ସହ ପୂଜାପାଠରେ ମନ ଦେବେ। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ**
ସ୍ୱାସ୍ଥ୍ୟ ପାଇଁ ମନନିବେଶ କରିବେ। ରୋକିଥିବା ଧନ ପାଇବେ। ଅନ୍ୟର ସ୍ୱାସ୍ଥ୍ୟ ପରୀକ୍ଷାରେ ଧନ ଖର୍ଚ୍ଚ ହେବ। ଚାକିରିରେ ପରିବର୍ତ୍ତନ ଯୋଗ ଅଛି। ଜୀବନସାଥୀଙ୍କ ସହ ପଡୋଶୀ ସହ ବିବାଦ ହୋଇପାରେ।

**ମକର**
ବହୁତ କ୍ରୋଧିତ ହେବେ। ମିଛ କହିବାକୁ ପଡିପାରେ। ଧନପ୍ରାପ୍ତି ପାଇଁ ସଂଘର୍ଷ କରିବେ। କାର୍ଯ୍ୟ କ୍ଷେତ୍ରରେ ନୂଆ ସୁଯୋଗ ପାଇବେ। ଦମ୍ପତିଙ୍କ ସମ୍ପର୍କ ଦୃଢ଼ ହେବ। ନୂତନ ଜାଗା କ୍ରୟ କରିପାରନ୍ତି।

**କୁମ୍ଭ**
ମନ ପ୍ରସନ୍ନ ରହିବ। ଧନ ବର୍ଷା ହୋଇପାରେ। ବାଣୀରେ ଲଗାମ ରଖନ୍ତୁ। କାମରେ ମନ ଲଗାନ୍ତୁ। ଘର ପାଇଁ ଖର୍ଚ୍ଚ ବଢ଼ିବ। ବିବାହ ସ୍ଥିର ହୋଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ ସମୟ। ନୂଆ ଗାଡି କିଣିବାର ସୁଯୋଗ ଆସିବ।

**ମୀନ**
ପରିବାରରେ ବିବାଦ ହୋଇପାରେ। ବସ୍ତୁହୀନ ଯୋଗ ଅଛି। ଆୟ ଓ ବ୍ୟୟ ସମାନ ରହିବ। କାର୍ଯ୍ୟ କ୍ଷେତ୍ରରେ ସମାଧାନ ହେବ। ଶ୍ୱଶୁରାଳୟ ଭ୍ରମଣ ଯୋଗ ଅଛି। ନୂତନ ଜାଗା କିଣିପାରନ୍ତି। କୌଣସି ଏକ ଜାଗାରୁ ଟଙ୍କା ମିଳିପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ସିଏମ୍‌ଆଇଇ ରିପୋର୍ଟ

# ଦେଶରେ ବେକାରି ହାର ବୃଦ୍ଧି




**ନୂଆଦିଲ୍ଲୀ:** ଦେଶରେ ପୁଣି ଥରେ ବଢ଼ିବାରେ ଲାଗିଛି ବେକାରି ହାର। ବିଶେଷକରି ଦେଶର ଗ୍ରାମାଞ୍ଚଳ କ୍ଷେତ୍ରରେ ଅଧିକ ଲୋକ କାମ ଧନ୍ଦା ନ ପାଇବା ଯୋଗୁ ବେକାରି ସଂଖ୍ୟାରେ ବୃଦ୍ଧି ଘଟି ଜୁନ୍‌ରେ ବେକାରି ହାର ବଢ଼ିଯାଇଛି। ଇତିମଧ୍ୟରେ ଜୁନ୍ ମାସରେ ହାରାହାରି ବେକାରି ହାର ୮.୪୫ ପ୍ରତିଶତରେ ପହଞ୍ଚିଛି। ଚଳିତବର୍ଷର ପ୍ରଥମ ୬ ମାସ ମଧ୍ୟରେ ଏହା ହେଉଛି ତୃତୀୟ ଥର ଯେତେବେଳେ କି ଦେଶରେ ହାରାହାରି ବେକାରି ହାର ୮ ପ୍ରତିଶତ ଉପରେ ରହିଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏକ ଲକ୍ଷ ସରକାରୀ ଚାକିରି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ପ୍ରଶାସନର ବିଶ୍ୱସନୀୟତାକୁ ବଢ଼ାଇବାକୁ ଚେଷ୍ଟା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ ଏହି ରିପୋର୍ଟ ଏକ ଚିନ୍ତାର ବିଷୟ। ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ନିର୍ଦ୍ଦିଷ୍ଟ ଭାବେ ଋତୁକାଳୀନ ବେକାରି ସଂଖ୍ୟାରେ ବୃଦ୍ଧି ହେତୁ ଚଳିତ ବର୍ଷ ତୃତୀୟ ଥର ପାଇଁ ବେକାରି ହାର ୮ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ବିଶେଷ କଥା ହେଉଛି କି ସହରାଞ୍ଚଳରେ ବେକାରି ହାରରେ ହ୍ରାସ ଘଟିଥିବାବେଳେ ଗ୍ରାମାଞ୍ଚଳରେ ବେକାରି ହାର ବଢ଼ିଛି। ସିଏମ୍‌ଆଇଇ ରିପୋର୍ଟ ଅନୁଯାୟୀ, ଜୁନ୍‌ରେ ବେକାରୀ ହାର ପୂର୍ବ ମାସ ଅର୍ଥାତ୍ ମେ'ର ୭.୬୮ ପ୍ରତିଶତରୁ ୮.୪୫ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ମାସରେ, ସହରାଞ୍ଚଳ କ୍ଷେତ୍ରରେ ବେକାରି ହାର ୭.୮୭ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଗ୍ରାମାଞ୍ଚଳ କ୍ଷେତ୍ରରେ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ ବେକାରି ହାର ୮.୭୩ ପ୍ରତିଶତ ରହିଥିଲା। ଅପରପକ୍ଷେ ଜୁନ୍‌ରେ ସାଧାରଣତଃ କୃଷି କ୍ଷେତ୍ର ମାନ୍ଦା ରହିଥାଏ, ଯାହାକି ଦେଶର ଗ୍ରାମାଞ୍ଚଳ ଲୋକମାନଙ୍କ ପାଇଁ ଜୀବିକା ନିର୍ବାହର ମୁଖ୍ୟ ଉତ୍ସ। ତେଣୁ ଜୁନ୍‌ରେ ଗ୍ରାମୀଣ କ୍ଷେତ୍ରରେ ବେରୋଜଗାରି ବୃଦ୍ଧି ପାଇଥାଏ। ଏହାର କାରଣ ହେଉଛି ମେ'ରେ ଫସଲ ଅମଳ ଶେଷ ହୋଇଥାଏ। ମୌସୁମୀର ଅଗ୍ରଗତି ସହ ନୂଆ ଫସଲ ବୁଣିବା କେବଳ ଜୁଲାଇରେ ବୃଦ୍ଧି ପାଇଥାଏ।

# ୭ ରାଜ୍ୟର ହାଇକୋର୍ଟ ନୂଆ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ନାମ ସୁପାରିସ କଲେ ସୁପ୍ରିମକୋର୍ଟ କଲେଜିୟମ

**ନୂଆଦିଲ୍ଲୀ :** ଓଡ଼ିଶା ସମେତ ୭ ରାଜ୍ୟର ହାଇକୋର୍ଟ ପାଇଁ ନୂଆ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ କଲେଜିୟମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ କଲେଜିୟମ ଓଡ଼ିଶା ସମେତ ବମ୍ବେ, ଗୁଜରାଟ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମଣିପୁର ଏବଂ କେରଳ ହାଇକୋର୍ଟରେ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପାରିସ୍ କରିଛନ୍ତି । ବୁଧବାର ବିଳମ୍ବିତ ରାତିରେ ସୁପ୍ରିମକୋର୍ଟ କଲେଜିୟମ ଏହିସବୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ପାଇଁ ସୁପାରିସ କରିଥିବା ବେଳେ ଏହାକୁ ଯଦି କେନ୍ଦ୍ର ସରକାର ଅନୁମୋଦନ ଦିଅନ୍ତି ତେବେ କେବଳ ଗୁଜରାଟ ହାଇକୋର୍ଟରେ ଜଣେ ମହିଳା ମୁଖ୍ୟ ବିଚାରପତି ନିଯୁକ୍ତି ପାଇବେ ବୋଲି ଜଣାପଡ଼ିଛି ।ବର୍ତ୍ତମାନ ସମୟରେ କୌଣସି ହାଇକୋର୍ଟରେ ମହିଳା ମୁଖ୍ୟ ବିଚାରପତି ନାହାନ୍ତି । ଜଷ୍ଟିସ୍ ସୁନିତା ଅଗ୍ରୱାଲଙ୍କୁ ନିଯୁକ୍ତି ମିଳିବା ପରେ ସେ ପ୍ରଥମ ମହିଳା ମୁଖ୍ୟ ବିଚାରପତି ହେବେ। କଲେଜିୟମ ବୈଠକରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ କରାଯାଇଛି। ସେହିପରି କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଆଲୋକ ଆରାଧେଙ୍କୁ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯିବ। ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଧୀରଜ ସିଂହ ଠାକୁରଙ୍କୁ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି, ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସିଦ୍ଧାର୍ଥ ମୃଦୁଲଙ୍କୁ ମଣିପୁର ହାଇକୋର୍ଟ ମୁଖ୍ୟ ବିଚାରପିତି, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶୁଭାଶିଷଙ୍କୁ ମୁଖ୍ୟ ବିଚାରପତି ଏବଂ ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଗୁଜୁରାଟ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଆଶିଷ ଜେ ଦେଶାଇଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବାକୁ ସୁପାରିସ କରାଯାଇଛି।

# ଜାଞ୍ଜିବରରେ ଖୋଲିବ ଆଇଆଇଟି ମାଡ୍ରାସ କ୍ୟାମ୍ପସ



**ନୂଆଦିଲ୍ଲୀ :** ତାଞ୍ଜାନିଆର ଜାଞ୍ଜିବରରେ ଆଇଆଇଟି ମାଡ୍ରାସର କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ଆଇଆଇଟି ମାଡ୍ରାସ ଏବଂ ଜାଞ୍ଜିବର-ତାଞ୍ଜାନିଆର ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମଓୟୁ ସମାରୋହରେ ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଏବଂ ଜାଞ୍ଜିବରର ରାଷ୍ଟ୍ରପତି ଡକ୍ଟର ହୁସେନ ଅଲି ମିନ୍ୱି ଉପସ୍ଥିତ ଥିଲେ। ଏ ନେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ଦ୍ୱାରା ଭାରତ ବାହାରେ ଆଇଆଇଟିର ସର୍ବପ୍ରଥମ କ୍ୟାମ୍ପସ ପ୍ରତିଷ୍ଠା ହେବା ପାଇଁ ଯାଉଛି। ଏହା ଭାରତ ଓ ତାଞ୍ଜାନିଆ ମଧ୍ୟରେ ଥିବା ଲମ୍ବା ସମୟର ବନ୍ଧୁତ୍ୱର ପ୍ରତିଫଳନ। ଆଫ୍ରିକା ଏବଂ ଗ୍ଲୋବାଲ ସାଉଥରେ ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ଉପରେ ଭାରତ ଯେଉଁ ପ୍ରାଥମିକତା ଦେଉଅଛି, ତାହାର ଏକ ବାସ୍ତବ ରୂପାୟନ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ତାଞ୍ଜାନିଆର ଭାରତ ହାଇକମିଶନର ଶ୍ରୀ ବିନୟ ଶ୍ରୀକାନ୍ତ ପ୍ରଧାନ, ଆଇଆଇଟି ମାଡ୍ରାସର ଡିନ(ଗ୍ଲୋବାଲ ମ୍ୟାନେମେଣ୍ଟ) ପ୍ରଫେସର ରଘୁନାଥନ ରେଙ୍ଗାସ୍ୱାମୀ, ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ବିଭାଗର କାର୍ଯ୍ୟକାରୀ ପ୍ରମୁଖ ସଚିବ ଖଲିଦ ମସୁଦ୍ ୱାଜିର୍ ଯଥାକ୍ରମେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ଆଇଆଇଟି ମାଡ୍ରାସ ଏବଂ ଜାଞ୍ଜିବର-ତାଞ୍ଜାନିଆର ଶିକ୍ଷା ଓ ଧନ୍ଦାମୂଳକ ତାଲିମ ମନ୍ତ୍ରଣାଳୟ ପକ୍ଷରୁ ଏହି ଏମଓୟୁ ସ୍ୱାକ୍ଷର କରିଥିଲେ।

### ଛତିଶଗଡକୁ କେନ୍ଦ୍ର ସରକାରଙ୍କ ଭେଟି

# ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ଖର୍ଚ୍ଚ ହେବ ୭,୫୦୦ କୋଟି



**ରାୟପୁର :** ଛତିଶଗଡକୁ କେନ୍ଦ୍ର ସରକାରଙ୍କ ଭେଟି। ରାଇପୁର ଗସ୍ତ କରି ପ୍ରାୟ ୭ ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ ମୂଲ୍ୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭିତ୍ତିଭୂମି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଛତିଶଗଡରେ ପାଞ୍ଚଟି ଜାତୀୟ ରାଜପଥ ପ୍ରକଳ୍ପ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ଜବଲପୁର-ଜଗଦଲପୁର ଜାତୀୟ ରାଜପଥରେ ରାୟପୁରର କୋଡବୋଡ ବିଭାଗକୁ ୩୩ କିଲୋମିଟର ଲମ୍ବା ୪ ଲେନିଂ ଅନ୍ତର୍ଭୁକ୍ତ। ଏହା ସହ ବିଳାସପୁର-ପାଥ୍ରାପାଲି ରାଜପଥର ଅମ୍ବିକାପୁର ବିଭାଗକୁ ମଧ୍ୟ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି, ଯାହା ଉତ୍ତରପ୍ରଦେଶ ସହିତ ଛତିଶଗଡର ସଂଯୋଗୀକରଣରେ ସହାୟକ ହେବ। ଏଥିସହ ପ୍ରଧାନମନ୍ତ୍ରୀ ରାୟପୁର - ବିଶାଖାପାଟନମ୍ ଗ୍ରୀନଫିଲ୍ଡ କରିଡରର, ଛତିଶଗଡ ପାଇଁ ତିନୋଟି ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ୭୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୦୩ କିଲୋମିଟର ଲମ୍ବା ରାୟପୁର - ଖରିଆର ରୋଡ ରେଳ ଲାଇନକୁ ଦ୍ୱିଗୁଣିତ କରିବା ପାଇଁ ଦେଶକୁ ଉତ୍ସର୍ଗ କରିଛନ୍ତି। ସେହିଭଳି କୋରବାଠାରେ ୧୩୦ କୋଟିରୁ ଅଧିକ ମୂଲ୍ୟରେ ନିର୍ମିତ ବାର୍ଷିକ ୬୦ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଡିଆନ୍ ଅଏଲ୍ କର୍ପୋରେସନର ଏକ ବଟଲିଂ ପ୍ଲାଣ୍ଟ ମଧ୍ୟ ପ୍ରଧାନମନ୍ତ୍ରୀ ଦେଶକୁ ଉତ୍ସର୍ଗ କରିଛନ୍ତି।

# ୯ ନେତାଙ୍କୁ ୪ ରାଜ୍ୟର ଦାୟିତ୍ୱ ଦେଲା ବିଜେପି

**ନୂଆଦିଲ୍ଲୀ :** ଚଳିତ ବର୍ଷ ଶେଷ ଆଡ଼କୁ ରାଜସ୍ଥାନ, ତେଲେଙ୍ଗାନା, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ବିଜେପି। ସେଥିପାଇଁ ଦଳ ଆଜି ଏହି ୪ ରାଜ୍ୟ ପାଇଁ ନିର୍ବାଚନ ପ୍ରଭାରୀ ଓ ସହ ପ୍ରଭାରୀ ନିଯୁକ୍ତ କରିଛି। କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ରାଜସ୍ଥାନ ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେହିଭଳି ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ନୀତିନ ପଟେଲ ଓ କୁଲଦୀପ ବିଷ୍ଣୋଇଙ୍କୁ ରାଜସ୍ଥାନର ନିର୍ବାଚନ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ବରିଷ୍ଠ ନେତା ପ୍ରକାଶ ଜାଭଡ଼େକରଙ୍କୁ ଦଳ ତେଲେଙ୍ଗାନାର ନିର୍ବାଚନ ପ୍ରଭାରୀ ଦାୟିତ୍ୱ ଦେଇଛି। ସେହିଭଳି ସୁନୀଲ ବଂଶଲଙ୍କୁ ତେଲେଙ୍ଗାନାର ନିର୍ବାଚନ ସହପ୍ରଭାରୀ ଦାୟିତ୍ୱ ଦେଇଛି ଦଳ। ବରିଷ୍ଠ ନେତା ଓମ୍ ପ୍ରକାଶ ମାଥୁରଙ୍କୁ ଛତିଶଗଡ଼ ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ଛତିଶଗଡ଼ର ନିର୍ବାଚନ ସହପ୍ରଭାରୀ ନିଯୁକ୍ତ କରାଯାଇଛି।

### ଗଡକାରୀଙ୍କ ଗୁରୁମନ୍ତ୍ର

# ୧୫ ଟଙ୍କାରେ ମିଳିବ ପେଟ୍ରୋଲ



**ନୂଆଦିଲ୍ଲୀ :** ସବୁଠି ଲୋକଙ୍କୁ ଘାଇଲା କରୁଛି ମହଙ୍ଗା ମାଡ଼ । ପରିବାଠୁ ଆରମ୍ଭ କରି ଗ୍ୟାସ୍, ପେଟ୍ରୋଲ ଦର ବି ଲୋକଙ୍କୁ କନ୍ଦାଉଛି। ରାତି ପାହିଲେ ସମସ୍ତେ ଘରୁ ଗାଡ଼ି ଧରି ବାହାରିଥାନ୍ତି। ମାତ୍ର ପେଟ୍ରୋଲ ଲିଟର ପିଛା ଶହେ ଟଙ୍କାରୁ ଊର୍ଦ୍ଧ୍ୱରେ କିଣିବା ଖୁବ୍ ବାଧୁଥିବା ସାଧାରଣ ଲୋକେ କହୁଥିବା ବେଳେ ଏହାର ଉପାୟ କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ। ଏପରିକି କିଛି ସରଳ ଉପାୟ ଅବଲମ୍ବନ କଲେ ପେଟ୍ରୋଲ ଲିଟର ପିଛା ୧୫ ଟଙ୍କାରେ ମିଳି ପାରିବ ବୋଲି ବି କହିଛନ୍ତି। ଇଥାନଲ ଓ ବିଦ୍ୟୁତ୍ ଶକ୍ତିର ବ୍ୟବହାର କରାଗଲେ ତାହା ପେଟ୍ରୋଲର ବିକଳ୍ପ ଭାବେ କାମ କରିବ। ଫଳରେ ପେଟ୍ରୋଲର ଆମଦାନୀ ନିମନ୍ତେ ଆମକୁ ଆଉ ବାହାର ଦେଶ ଉପରେ ନିର୍ଭର କରିବାକୁ ପଡ଼ିବନି ଓ ଆପେଆପେ ଏହାର ଦାମ୍ ଆଶାତୀତ ଭାବେ ଖସିଯିବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ରାଜସ୍ଥାନର ଉଦୟପୁରରେ ୫,୬୦୦ କୋଟି ଟଙ୍କାର ୧୧ଟି ଜାତୀୟ ରାଜପଥ ନିର୍ମାଣର ଶୁଭାରମ୍ଭ କରିବା ଅବସରରେ ଏପରି କହିଛନ୍ତି। ସେଠାରେ ସେ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଦେଶବାସୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛନ୍ତି। ନୀତିନ ଗଡକରୀ ନିଜ ଅଭିଭାଷଣରେ କହିଛନ୍ତି , ବର୍ତ୍ତମାନ କୃଷକ ଦେଶର ଖାଦ୍ୟ ଯୋଗାଣକାରୀ ହୋଇଥିବା ବେଳେ ଭବିଷ୍ୟତରେ ସେମାନେ ଶକ୍ତି ଯୋଗାଣକାରୀ ମଧ୍ୟ ହେବେ। ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଇଥାନଲ ଓ ବିଦ୍ୟୁତ୍ ଶକ୍ତି ବ୍ୟବହାର କରି ଶକ୍ତି ଯୋଗାଣକାରୀ ହୋଇପାରିବେ। ୬୦% ଇଥାନଲ ଓ ୪୦% ବିଦ୍ୟୁତ୍ରେ ଚାଲିବ ଗାଡ଼ି। ଅଗଷ୍ଟ ମାସରେ ଟୟୋଟା କମ୍ପାନୀର ଗାଡି ଲଞ୍ଚ ହେବ। ଚାଷୀମାନେ ପ୍ରସ୍ତୁତ କରୁଥିବା ଇଥାନଲରେ ଚାଲିବ ଏହି ଗାଡ଼ି। ଏହା ପ୍ରଦୂଷଣକୁ ବହୁ ମାତ୍ରାରେ ରୋକିବାକୁ ସମ୍ଭବ ହେବ। ଏଥିସହ ପେଟ୍ରୋଲ ଓ ଡିଜେଲ ନିମନ୍ତେ ବାହାର ରାଷ୍ଟ୍ର ଉପରେ ଆମର ନିର୍ଭରଶୀଳତା ଆପେ ଆପେ କମିଯିବ। ଫଳରେ ପ୍ରତିବର୍ଷ ଆମ ଦେଶକୁ ୧୬ ଲକ୍ଷ କୋଟି ଟଙ୍କାର ପେଟ୍ରୋଲ ଆମଦାନୀ ହେଉଥିବା ବେଳେ ତାହାକୁ ରୋକା ଯାଇ ପାରିବ। ଆଉ ସେହି ଟଙ୍କା କୃଷକଙ୍କ କାମରେ ଲାଗିବ ବୋଲି କହିଛନ୍ତି। ଭାରତ ଏବେ ଦ୍ରୁତ ବିକାଶଶୀଳ ଦେଶ ହୋଇଥିବା ବେଳେ ଆମ ଦେଶରେ ବାହାନ ଉଦ୍ୟୋଗ କାରବାର ୭.୫ ଲକ୍ଷ କୋଟି ଅଛି। ଏହି କାରବାର ପାଇଁ ୪ ଲକ୍ଷ କୋଟି ଲୋକ ରୋଜଗାରକ୍ଷମ ହୋଇ ପାରିଛନ୍ତି। ଆଗାମୀ ଦିନରେଏହି ବ୍ୟବସାୟକୁ ବୃଦ୍ଧି କରାଯାଇ ୧୫ ଲକ୍ଷ କୋଟି କାରବାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଦେଶରେ ୧୦ କୋଟି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ।

# ୫ ଗୁଣ ବଢ଼ିବ ଅତି ଧନୀ ପରିବାର ସଂଖ୍ୟା

**ନୂଆଦିଲ୍ଲୀ :** ଚଳିତ ଦଶନ୍ଧି ଶେଷ ସୁଦ୍ଧା ଭାରତରେ ଅତି ଧନୀ ପରିବାରଗୁଡ଼ିକ ସଂଖ୍ୟାରେ ପାଞ୍ଚ ଗୁଣା ବୃଦ୍ଧି ହେବ। ଅଧିକାଂଶ ଧନୀ ଗ୍ରାମାଞ୍ଚଳରୁ ସୃଷ୍ଟି ହେବେ। ପ୍ରାଇସ୍ ନାମକ ସଂସ୍ଥା ଜାରି କରିଥିବା ରିପୋର୍ଟ ଅନୁସାରେ ବର୍ଷକୁ ୨ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ପରିବାରକୁ ଅତି ଧନୀ ଭାବେ ବିଚାର କରି ଏହି ରିପୋର୍ଟ ତିଆରି କରାଯାଇଛି। ୨୦୧୬ରୁ ୨୦୨୧ ମଧ୍ୟରେ ସେଭଳି ପରିବାର ସଂଖ୍ୟା ଦୁଇ ଗୁଣା ବୃଦ୍ଧି ପାଇ ୧୮ ଲକ୍ଷ ହୋଇଛି। ଗ୍ରାମାଞ୍ଚଳରେ ସେଭଳି ପରିବାର ସଂଖ୍ୟାରେ ୧୪.୨ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ସହରାଞ୍ଚଳରେ ସେହି ବୃଦ୍ଧି ହାର ତା'ଠାରୁ କମ୍ ୧୦.୬ ପ୍ରତିଶତ ରହିଛି। ୨୦୩୧ ସୁଦ୍ଧା ଅତି ଧନୀ ପରିବାର ସଂଖ୍ୟା ୫ ଗୁଣା ବୃଦ୍ଧି ପାଇ ୯୧ ଲକ୍ଷ ହୋଇଯିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଗ୍ରାମାଞ୍ଚଳରେ ଅଧିକାଂଶ ଲୋକ କୃଷିଭିତ୍ତିକ ବ୍ୟବସାୟ ଓ ଅଣ କୃଷି ଉଦ୍ୟୋଗ ସହ ଯୋଡ଼ିହେଉଛନ୍ତି। ଫଳରେ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟୁଛି। ଗ୍ରାମାଞ୍ଚଳରେ ଅଧିକ ଉଦ୍ୟୋଗୀ ମଧ୍ୟ ସୃଷ୍ଟି ହେଉଛନ୍ତି। ସେଥିପାଇଁ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଧନୀ ପରିବାର ସଂଖ୍ୟା ଦ୍ରୁତ ଗତିରେ ଆଗକୁ ବଢ଼ିବ ବୋଲି ରିପୋର୍ଟରେ କୁହାଯାଇଛି ।ଭାରତର ପ୍ରାୟ ଅଧା ଧନୀ ମହାରାଷ୍ଟ୍ର ଓ ଦିଲ୍ଲୀରେ ବାସ କରୁଛନ୍ତି। ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଓ ପଞ୍ଜାବ ତିନି ଚତୁର୍ଥାଂଶ ଧନୀ ରହୁଛନ୍ତି। ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ମାତ୍ର ୧୧ ପ୍ରତିଶତ ଧନୀ ବାସ କରୁଥିବା ବେଳେ ପ୍ରାୟ ୫୬ ପ୍ରତିଶତ ନିଃସ୍ୱ ପରିବାର ଏହି ପାଞ୍ଚଟି ଗରିବ ରାଜ୍ୟରେ ରହୁଛନ୍ତି। ଏହି ରିପୋର୍ଟ ଅନୁସାରେ ବାର୍ଷିକ ୬୦୦୦-୩୬,୦୦୦ ଡଲାର ରୋଜଗାର କରୁଥିବା ମଧ୍ୟବିତ୍ତ ବର୍ଗଙ୍କ ସଂଖ୍ୟା ଏବେ ୪୩.୨ କୋଟି ରହିଛି ଯାହା ୨୦୩୧ ସୁଦ୍ଧା ୭୧.୫ ନିଯୁତକୁ ବୃଦ୍ଧି ପାଇବ। ଏହି ବର୍ଗ ହେଉଛି ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଜନସଂଖ୍ୟା ବର୍ଗ। ବାର୍ଷିକ ୧୫୩୦ ଡଲାରରୁ କମ୍ ଆୟ କରୁଥିବା ନିଃସ୍ୱ ବର୍ଗରେ ଥିବା ଲୋକଙ୍କ ସଂଖ୍ୟା ଏହି ସମୟରେ ହ୍ରାସ ପାଇ ୭.୯ କୋଟିକୁ ଖସିଆସିବ। ଅକ୍ସଫାମ୍ ରିପୋର୍ଟ ଅନୁସାରେ ୨୦୧୮ରୁ ୨୦୨୨ ଭିତରେ ଭାରତରେ ପ୍ରତିଦିନ ୭୦ ନୂଆ ମିଲିଓନେୟାର ସୃଷ୍ଟି ହୋଇଛନ୍ତି। ଧନୀ ଲୋକଙ୍କ ସଂଖ୍ୟା ବଢୁଥିବାରୁ ସେମାନଙ୍କୁ ସେବା ପ୍ରଦାନ ଲାଗି ବିଦେଶୀ ବ୍ୟାଙ୍କଗୁଡ଼ିକ ଭାରତରେ ପ୍ରବେଶ କରୁଛନ୍ତି।

# ଅଗ୍ନିଶମ ସେବାର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ୫ ହଜାର କୋଟି ବ୍ୟୟବରାଦ

**ନୂଆଦିଲ୍ଲୀ, (ପିଆଇବି):** ମୋଟ୍ ୫ହଜାର କୋଟି ଟଙ୍କାର ବ୍ୟୟବରାଦ ସହିତ 'ରାଜ୍ୟମାନଙ୍କରେ ଅଗ୍ନିଶମ ସେବାର ବିସ୍ତାର ଓ ଆଧୁନିକୀକରଣ ଲାଗି' ଯୋଜନା ଆରମ୍ଭ କରିଛି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ)ର ପ୍ରସ୍ତୁତି ଓ କ୍ଷମତା ନିର୍ମାଣ ପାଣ୍ଠି ଅଧୀନରେ ନିର୍ଦ୍ଧାରିତ ଆବଣ୍ଟନରୁ ଏହି ଅର୍ଥ ବିନିଯୋଗ କରାଯିବ। ରାଜ୍ୟମାନଙ୍କୁ ସେମାନଙ୍କର ଆଇନଗତ ଓ ମୌଳିକ ଭିତ୍ତିଭୂମି ଆଧାରିତ ସଂସ୍କାର ଆଧାରରେ ପ୍ରୋତ୍ସାହିତ କରିବା ଲାଗି ମୋଟ ବ୍ୟୟବରାଦ ମଧ୍ୟରୁ ୫୦୦ କୋଟି ଟଙ୍କାର ଅର୍ଥରାଶି ରଖାଯାଇଛି। ଏ ସଂକ୍ରାନ୍ତରେ ସବୁ ରାଜ୍ୟର ମୁଖ୍ୟ ସଚିବ ଏବଂ ଅଗ୍ନିଶମ ସେବା ମୁଖ୍ୟମାନଙ୍କୁ ପତ୍ର ପଠାଯାଇଛି। ୧୩ ଜୁନ୍, ୨୦୨୩ରେ ଅନୁଷ୍ଠିତ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀମାନଙ୍କ ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ, ଅମିତ ଶାହା ଏହି ଯୋଜନାର ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶଳୀ ମାର୍ଗଦର୍ଶନରେ ଭାରତରେ ବିପର୍ଯ୍ୟୟ ବିପଦ ହ୍ରାସ ପ୍ରଣାଳୀକୁ ମଜବୁତ କରିବା ସହିତ ଭାରତକୁ ବିପର୍ଯ୍ୟୟ ପ୍ରତିରୋଧୀ କରିବା ଏବଂ ବିପର୍ଯ୍ୟୟ ସମୟରେ 'ଶୂନ୍ୟ ମୃତ୍ୟୁ' ଓ ଧନଜୀବନର ସର୍ବନିମ୍ନ କ୍ଷୟକ୍ଷତି ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ପ୍ରମୁଖ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି। ଯୋଜନାର ଉଦ୍ଦେଶ୍ୟ ହେଉଛି ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ମଧ୍ୟରେ ଅଗ୍ନିଶମ ସେବାର ବିସ୍ତାର ଓ ଆଧୁନିକୀକରଣ କରିବା, ଯାହାଫଳରେ ଏନଡିଆରଏଫର ପ୍ରସ୍ତୁତି ଓ କ୍ଷମତା ନିର୍ମାଣ ମାଧ୍ୟମରେ ରାଜ୍ୟସ୍ତରରେ ଅଗ୍ନିଶମ ସେବାକୁ ମଜବୁତ କରାଯାଇ ପାରିବ। ଯୋଜନା ଅଧୀନରେ ପ୍ରକଳ୍ପ/ପ୍ରସ୍ତାବ ଲାଗି ଅର୍ଥ ଆବଣ୍ଟନ ନିମନ୍ତେ, ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ଏସବୁ ପ୍ରକଳ୍ପ/ ପ୍ରସ୍ତାବର ମୋଟ୍ ବ୍ୟୟର ୨୫%(ଉତ୍ତର-ପୂର୍ବ ଏବଂ ହିମାଳୟ (ଏନଇଏଚ) ରାଜ୍ୟମାନଙ୍କୁ ଛାଡ଼ି, ଯେଉଁମାନେ ୧୦% ଯୋଗଦାନ ଦେବେ) ଯୋଗଦାନ ଦେବାକୁ ହେବ ଏବଂ ସେମାନେ ନିଜ ବଜେଟ୍ ସମ୍ବଳରୁ ଏହି ଅର୍ଥ ଯୋଗାଇ ଦେବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିପର୍ଯ୍ୟୟ ପ୍ରଶମନ ପ୍ରଭାଗର ୱେବସାଇଟ୍‌ରୁ ଯୋଜନାର ବିବରଣୀ ଡାଉନଲୋଡ୍ କରାଯାଇପାରିବ। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସ ଅନୁଯାୟୀ, ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରୁ ୧୨.୫ % ଲେଖାଏଁ ଥମୋଟ୍ ଜାତୀୟ ବିପର୍ଯ୍ୟୟ ବିପତ୍ତି ପ୍ରଶମନ ପାଣ୍ଠି (ଏନଡିଆରଏମଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ବିପତ୍ତି ପ୍ରଶମନ ପାଣ୍ଠି (ଏସଡିଆରଏମଏଫ) ମୋଟ୍ କର୍ପସର ୧୦%ଧ ଅର୍ଥ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ କ୍ଷମତା ନିର୍ମାଣ ପାଇଁ ଖର୍ଚ୍ଚ କରିବାକୁ ଆୟୋଗ ସୁପାରିସ କରିଥିଲେ। ଏନଡିଆରଏଫର ମୋଟ୍ କୋଷ ମଧ୍ୟରୁ ୫,୦୦୦ କୋଟି ଟଙ୍କାର ଅର୍ଥରାଶି 'ଅଗ୍ନିଶମ ସେବାର ବିସ୍ତାର ଓ ଆଧୁନିକୀକରଣ' ପାଇଁ ପ୍ରାଥମିକତା ଆଧାରରେ ରଖାଯାଇଛି। ନିର୍ଦ୍ଧାରିତ ଆବଣ୍ଟନ ବାବଦରେ ମଞ୍ଜୁର ପ୍ରକଳ୍ପ ଲାଗି ପ୍ରତିବଦ୍ଧ ଦେୟତା ସେଗୁଡ଼ିକ ସମ୍ପୂର୍ଣ୍ଣ ହେବାର ଅବଧି ପରେ କୌଣସି ସ୍ପିଲ୍-ଓଭର ହେବ ନାହିଁ।

**ସବୁ ସରକାରୀ ମେଡିକାଲ କଲେଜରେ ରହିବ ଷ୍ଟୁଡେଣ୍ଟସ୍ ୱେଲଫେୟାର ଫଣ୍ଡ**

# ସରକାର ଦେବେ ବାର୍ଷିକ ୮ ରୁ ୨୦ ଲକ୍ଷ

**ଭୁବନେଶ୍ୱର :** ଏଣିକି ରାଜ୍ୟର ସବୁ ସରକାରୀ ମେଡିକାଲ କଲେଜ ଓ ସରକାରୀ ଡେଣ୍ଟାଲ କଲେଜରେ ଷ୍ଟୁଡେଣ୍ଟସ୍ ୱେଲଫେୟାର ଫଣ୍ଡ(ଛାତ୍ରଛାତ୍ରୀ କଲ୍ୟାଣ ପାଣ୍ଠି) ରହିବ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୮ରୁ ୨୦ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟେକ ମେଡିକାଲ କଲେଜକୁ ଦେବେ। ଏହି ପାଣ୍ଠିକୁ ଛାତ୍ରଛାତ୍ରୀମାନେ ବିଭିନ୍ନ ଗତିବିଧି ପାଇଁ ଖର୍ଚ୍ଚ କରିପାରିବେ। ସାଂସ୍କୃତିକ, କ୍ରୀଡ଼ା, ଶାରୀରିକ ପ୍ରଶିକ୍ଷଣ, ପାର୍ଟଟାଇମ୍ ଯୋଗ ଓ ମ୍ୟୁଜିକ୍ ଶିକ୍ଷକ ନିଯୁକ୍ତି ଆଦି ନିମନ୍ତେ ଖର୍ଚ୍ଚ କରିପାରିବେ। ଏହି ପାଣ୍ଠି ଖର୍ଚ୍ଚ ନିମନ୍ତେ ପ୍ରତ୍ୟେକ ମେଡିକାଲ କଲେଜରେ ଗୋଟିଏ ଲେଖାଏଁ କମିଟି ଗଠନ କରାଯିବ। ସମସ୍ତ ମେଡିକାଲ କଲେଜ୍ ଓ



ଏସସିବି ଡେଣ୍ଟାଲ କଲେଜ ପାଇଁ ଗଠିତ କମିଟିରେ କଲେଜର ପ୍ରିନ୍ସିପାଲଙ୍କୁ କମିଟିର ଅଧ୍ୟକ୍ଷ ଭାବେ ସାମିଲ କରାଯିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରଶାସନିକ ଅଫିସର, ଛାତ୍ର ସଂସଦର ଉପଦେଷ୍ଟା, ଛାତ୍ର ସଂସଦର ୨ଜଣ ପ୍ରତିନିଧିଙ୍କ ସମେତ କଲେଜର ଆକାଉଣ୍ଟସ ଅଫିସର ସଦସ୍ୟ ରହିପାରିବେ। ଯେଉଁ ମେଡିକାଲ କଲେଜ ୫ବର୍ଷରୁ ପୁରୁଣା ସେହି କଲେଜର ଛାତ୍ରକଲ୍ୟାଣ ପାଣ୍ଠିକୁ ବାର୍ଷିକ ୨୦ଲକ୍ଷ ଟଙ୍କା ଓ ଯିଏ ୫ବର୍ଷରୁ କମ୍ ତାକୁ ବାର୍ଷିକ ୧୫ଲକ୍ଷ ଟଙ୍କା ଦିଆଯିବ। ସେହିପରି ସରକାରୀ ପିଜି ଇନଷ୍ଟିଚ୍ୟୁଟ୍ ଓ ଏସସିବି ଡେଣ୍ଟାଲ କଲେଜ, ଏସସିବି ମେଣ୍ଟାଲ ହେଲଥ୍ ଇନଷ୍ଟିଚ୍ୟୁଟକୁ ବାର୍ଷିକ ୮ଲକ୍ଷ ଟଙ୍କା ୱେଲଫେୟାର ଫଣ୍ଡ ଭାବେ ରାଜ୍ୟ ସରକାର ଯୋଗାଇ ଦେବେ। ଏହି ପାଣ୍ଠିକୁ ଛାତ୍ରଛାତ୍ରୀମାନେ ସାଂସ୍କୃତିକ, କ୍ରୀଡ଼ା ଓ ଶାରୀରିକ ପ୍ରଶିକ୍ଷଣ, ପାର୍ଟ ଟାଇମ୍ ଯୋଗ ଓ ମ୍ୟୁଜିକ ଶିକ୍ଷକ ରଖିବା, ଛାତ୍ର ସଂସଦ ଦ୍ୱାରା ସଙ୍ଗୀତ, ସାଂସ୍କୃତିକ ଓ କ୍ରୀଡ଼ା ଉତ୍ସବ ଆଦି ପାଳନ ତଥା ଏ ସଂକ୍ରାନ୍ତ ଉପକରଣ କ୍ରୟ ଆଦି ପାଇଁ ଅର୍ଥ ଖର୍ଚ୍ଚ କରିପାରିବେ। ଜାତୀୟ ଓ ରାଜ୍ୟସ୍ତରରେ ପାଳନ ହେଉଥିବା ପ୍ରମୁଖ ଦିବସ ପାଳନରେ ମଧ୍ୟ ଏହି ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିପାରିବେ। ବୃକ୍ଷରୋପଣ, ଜେନେରେଟର କ୍ରୟ, କଲେଜସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀ ନିଷ୍ପତ୍ତି ନେଇ ଏହି ଅର୍ଥ ଖର୍ଚ୍ଚ କରିପାରିବେ। ତେବେ ଏହି ପାଣ୍ଠିରେ କାହାରିକୁ ସ୍ଥାୟୀ ନିଯୁକ୍ତି କିମ୍ବା ଗାଡ଼ି କ୍ରୟ କରାଯାଇ ପାରିବ ନାହିଁ। ଏହାଦ୍ୱାରା ରାଜ୍ୟର ୯ଟି ସରକାରୀ ମେଡିକାଲ କଲେଜ ସମେତ ଡେଣ୍ଟାଲ, ମେଣ୍ଟାଲ ହେଲଥ, ପିଜି ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଉପକୃତ ହେବେ। ୱେଲଫେୟାର ଫଣ୍ଡ ପାଇଁ ମେଡିକାଲ ଛାତ୍ରଛାତ୍ରୀମାନେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଜଷ୍ଟିସ ଶୁଭାଶିଷ ତାଳପତ୍ର ହେବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି



**କଟକ :** ଜଷ୍ଟିସ ଶୁଭାଶିଷ ତାଳପତ୍ର ହେବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି। ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କ ନାମକୁ ସୁପ୍ରିମକୋର୍ଟଙ୍କ କଲେଜିୟମ ସୁପାରିସ କରିଛନ୍ତି। ୧୦ ଜୁନ୍ ୨୦୨୨ରୁ ଜଷ୍ଟିସ ତାଳପତ୍ର ଓଡ଼ିଶା ହାଇକୋର୍ଟରେ ବିଚାରପତି ଅଛନ୍ତି। ପୂର୍ବରୁ ତ୍ରିପୁରା ହାଇକୋର୍ଟରୁ ଜଷ୍ଟିସ ଶୁଭାଶିଷ ତାଳପତ୍ର ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଛନ୍ତି। ଜଷ୍ଟିସ ଶୁଭାଶିଷ ତାଳପତ୍ର ୪ ଅକ୍ଟୋବର ୧୯୬୧ରେ ତ୍ରିପୁରାର ଉଦୟପୁରଠାରେ ଜନ୍ମଗ୍ରହଣ କରିଥିଲେ। କୋଲକାତା ୟୁନିଭର୍ସିଟିରେ ଆର୍ଟସ ଆଣ୍ଡ ଲ'ରେ ସ୍ନାତକ କଲା ପରେ ୧୨ ସେପ୍ଟେମ୍ବର ୧୯୯୦ରେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଓ ଅରୁଣାଚଳ ପ୍ରଦେଶ ବାର୍ କାଉନସିଲରେ ଦାୟିତ୍ୱରେ ଥିଲେ। ଗୁଜୁରାଟ ହାଇକୋର୍ଟର ଅଗରତାଲା ବେଞ୍ଚରେ ତାଙ୍କ ଓକିଲାତିର ଅଭ୍ୟାସ କରିଛନ୍ତି ଜଷ୍ଟିସ ତାଳପାତ୍ର। ସିଭିଲ୍ ଓ କ୍ରିମିନାଲ ମ୍ୟାଟର ହ୍ୟାଣ୍ଡେଲ କରିଛନ୍ତି। ୨୧ ଡିସେମ୍ବର ୨୦୦୪ରେ ସିନିୟର ଆଇନଜୀବୀ ଭାବେ ପଦୋନ୍ନତି। ୨୦୧୧, ନଭେମ୍ବର ୧୫ରେ ସେ ଗୌହାଟୀ ହାଇକୋର୍ଟର ବିଚାରପତି ଭାବେ ଶପଥଗ୍ରହଣ କରିଥିଲେ। ୨୦୧୩ ସେପଟେମ୍ବର ୧୩ରେ ସେ ତ୍ରିପୁରା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ଦେଶର ୭ଟି ହାଇକୋର୍ଟ ମୁଖ୍ୟ ବିଚାରପତି ପାଇଁ କଲେଜିୟମ ସୁପାରିସ କରିଛନ୍ତି। ଆସନ୍ତା ଅଗଷ୍ଟ ୮ରେ ହାଇକୋର୍ଟ ମୁଖ୍ୟବିଚାରପତି ଏସ. ମୂରଲିଧର ଅବସର ନେବେ। ତାଙ୍କ ସ୍ଥାନରେ ଦାୟିତ୍ୱ ନେବେ ଜଷ୍ଟିସ ତାଳପାତ୍ର।

## ୟୁଜିସି ନିଷ୍ପତ୍ତି ବଦଳାଇଲା

### ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ପିଏଚ୍‌ଡି ଜରୁରି ନୁହେଁ

**ଭୁବନେଶ୍ୱର :** ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଁ ପିଏଚ୍‌ଡି ବାଧ୍ୟତାମୂଳକ ନୁହେଁ। ଏନ୍‌ଇଟି, ଏସ୍‌ଇଟି ଓ ଏସ୍‌ଏଲ୍‌ଇଟି ମାଧ୍ୟମରେ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇପାରିବେ। ତାଙ୍କୁ ସିଧାସଳଖ ଏହି ପଦବି ପାଇଁ ମନୋନୀତ କରାଯାଇପାରିବ। ୟୁଜିସି ଅଧ୍ୟକ୍ଷ ଏମ ଜଗଦୀଶ କୁମାର କହିଛନ୍ତି ଯେ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ବେଳେ ପିଏଚ୍‌ଡି ଡିଗ୍ରି ପୂର୍ବଭଳି କେବଳ ବିକଳ୍ପ ହୋଇ ରହିବ। ଇଟି, ଏସଇଟି ଓ ଏସ୍‌ଏଲଇଟିକୁ ହିଁ ଏହି ପଦ ଲାଗି ସର୍ବନିମ୍ନ ଯୋଗ୍ୟତା ଭାବେ ବିବେଚନା କରାଯିବ। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଏପରି ଯୋଗ୍ୟତା ରଖିଥିବା ଆଶାୟୀଙ୍କୁ ସିଧାସଳଖ ନିଯୁକ୍ତି ଦେଇପାରିବେ। ସୂଚନା ଅନୁଯାୟୀ ୨୦୧୮ରେ ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟ ଓ କଲେଜରେ ନିଯୁକ୍ତି ପାଇଁ ନୂଆ ନିୟମ ଜାରି କରାଯାଇଥିଲା। ସଂସ୍ଥା ପକ୍ଷରୁ ଆଶାୟୀମାନଙ୍କୁ ୩ ବର୍ଷର ସମୟ ଦେବା ସହ ପିଏଚଡି ଶେଷ କରିବାକୁ କୁହାଯାଇଥିଲା। ଏଥିସହ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ ୨୦୨୧-୨୨ ଶିକ୍ଷାବର୍ଷରୁ ଆସିଷ୍ଟାଣ୍ଟ ପ୍ରଫେସର ପୋଷ୍ଟ ପାଇଁ ପିଏଚ୍‌ଡି ବାଧ୍ୟତାମୂଳକ କରିବାକୁ କୁହାଯାଇଥିଲା।

**ବନ କର୍ମଚାରୀଙ୍କୁ ମିଳିଲା ଗୁଳି ଚାଳନାର ଅନୁମତି**

# ତଦନ୍ତ କରିବେ ସ୍ଥାନୀୟ ମାଜିଷ୍ଟ୍ରେଟ୍, ପୁଲିସ କରିପାରିବ ଗିରଫ

**ଭୁବନେଶ୍ୱର :** ରାଜ୍ୟର ବନ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ଆତ୍ମରକ୍ଷା ପାଇଁ ଗୁଳି ଚଳାଇବାର ଅନୁମତି ଦେଇଛନ୍ତି। ଏହାସହିତ ଏଭଳି ପ୍ରତ୍ୟେକ ଗୁଳି ଚଳାଇବା ଘଟଣାର ତଦନ୍ତ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦ୍ୱାରା କରାଯିବ ଓ ତ୍ରୁଟି ଥିଲେ ସମ୍ପୃକ୍ତ କର୍ମଚାରୀଙ୍କୁ ପୁଲିସ ଗିରଫ କରିପାରିବ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ବନ କର୍ମଚାରୀଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଉଦବେଗ ବ୍ୟକ୍ତ ସହ ଏଥିପ୍ରତି ଦୃଷ୍ଟି ଦେବାକୁ କୁହାଯିବା ପରେ ରାଜ୍ୟ ସରକାର ଏଭଳି ବିଜ୍ଞପ୍ତି ଜାରି କରିଥିବା ଜଣାପଡ଼ିଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମରେ ରାଜ୍ୟ ସରକାର ସଂରକ୍ଷିତ ଜଙ୍ଗଲ ସମ୍ପତ୍ତିର ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟର ବନ କର୍ମଚାରୀମାନଙ୍କୁ ଗୁଳି ସହ ବନ୍ଧୁକ (ଆଗ୍ନେୟାସ୍ତ୍ରର ଉପଯୋଗ) ଦେବାକୁ ଘୋଷଣା କରିଛନ୍ତି। ତେବେ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହବେଳେ ବନ କର୍ମଚାରୀମାନଙ୍କୁ ବିଭିନ୍ନ ଅପରାଧିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ସେଥିପାଇଁ ପୂର୍ବ ଅନୁମତି ବିନା ସେମାନଙ୍କୁ ଆଗ୍ନେୟାସ୍ତ୍ରର ଉପଯୋଗ କରିବାର ଅନୁମତି ଦେବାର ବି ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର କ୍ରିମିନାଲ ପ୍ରୋସିଜିଓର-୧୯୭୩ (୧୯୭୪ର ୨)ର ଧାରା ୧୯୭(୩)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟପାଳଙ୍କ ପକ୍ଷରୁ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସିଆରପିସିର ଧାରା ୧୯୭(୨) ପ୍ରାବଧାନ ଅନୁସାରେ ରାଜ୍ୟର ସମସ୍ତ ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ଫରେଷ୍ଟ ରେଞ୍ଜ ଅଫିସର, ଫରେଷ୍ଟ ରେଞ୍ଜ ଅଫିସର, ଆସିଷ୍ଟାଣ୍ଟ କଞ୍ଜରଭେଟର, ସବଡିଭିଜିନାଲ ଫରେଷ୍ଟ ଅଫିସର, ଡେପୁଟି କଞ୍ଜରଭେଟର, ଡେପୁଟି ଡାଇରେକ୍ଟର, ଡିଏଫଓ, ରିଜିଓନାଲ ମୁଖ୍ୟ ଫରେଷ୍ଟ କଞ୍ଜରଭେଟର, ଫିଲ୍ଡ ଡାଇରେକ୍ଟର ଓ ଅନ୍ୟ ବନ ଅଧିକାରୀ ଯେଉଁମାନେ କି ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ସଂକ୍ରାନ୍ତରେ ସାର୍ବଜନୀନ ବ୍ୟବସ୍ଥା ବଜାୟ ରଖିବା ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଉପରେ ଏହି ଧାରା ପ୍ରଯୁଜ୍ୟ ହେବ। ଏହି ବନ କର୍ମଚାରୀମାନେ ଯେତେବେଳେ କୌଣସି କାରଣରୁ ଗୁଳି ଚଳାଇବେ ତା'ର ତଦନ୍ତ ନିଶ୍ଚିତ ଭାବେ ସ୍ଥାନୀୟ ଏକଜ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଦ୍ୱାରା କରାଯିବ। ଯଦି ତଦନ୍ତରେ କୌଣସି ଅପରାଧିକ ଦିଗ ଆସେ, ତା'ହେଲେ ସମ୍ପୃକ୍ତ ବନ କର୍ମଚାରୀଙ୍କୁ ପୁଲିସ ଗିରଫ କରିପାରିବ। ଆଉ ଗୁଳି ଚଳାଇବା ଅନାବଶ୍ୟକ ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ହୋଇଥିଲା ବୋଲି ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ ଦେବାକୁ ପଡ଼ିବ, ଯେଉଁ ରିପୋର୍ଟକୁ ରାଜ୍ୟ ସରକାର ମଧ୍ୟ ଗ୍ରହଣ କରିବେ ବୋଲି ଏହି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ନୂଆ ଶିକ୍ଷାବର୍ଷରୁ ଡାକ୍ତରୀଛାତ୍ରଙ୍କ ପାଇଁ 'ନେକ୍ସଟ୍' ବାଧ୍ୟତାମୂଳକ

**ଭୁବନେଶ୍ୱର:** ନୂଆ ଶିକ୍ଷାବର୍ଷରୁ ଆଉ ନିଟ୍ ପିଜି ପରୀକ୍ଷା ହେବନି। ନେସନାଲ୍ ଏକଜିଟ୍ ଟେଷ୍ଟ (ନେକ୍ସଟ୍) ମେଡିକାଲ୍ ଛାତ୍ରଛାତ୍ରୀଙ୍କ ଏକ ପ୍ରକାର ଲାଇସେନ୍ସ ଭାବେ ବିବେଚିତ ହେବ। ଏହା ବଦଳରେ ଶେଷବର୍ଷ ମେଡିକାଲ (ଏମବିବିଏସ) ଛାତ୍ରଛାତ୍ରୀମାନେ ନେକ୍ସଟ୍ ପରୀକ୍ଷା ଦେବେ। ଏନେଇ 'ଏନଏମସି' ପକ୍ଷରୁ ମାର୍ଗଦର୍ଶିକା ପ୍ରକାଶ ପାଇଛି। ନୂଆ ଶିକ୍ଷା ବର୍ଷରୁ ଉଭୟ ଭାରତ ଏବଂ ବିଦେଶ ଫେରନ୍ତା ମେଡିକାଲ(ଏମବିବିଏସ) ଛାତ୍ରଛାତ୍ରୀମାନେ ନେକ୍ସଟ୍ ପରୀକ୍ଷା ଦେବା ବାଧ୍ୟତାମୂଳକ ହେବ। ଏଣିକି ବିଦେଶ ଫେରନ୍ତା ଡାକ୍ତରୀ ଛାତ୍ରଛାତ୍ରୀ ଓ ଭାରତୀୟ ଏମବିବିଏସ ଛାତ୍ରଛାତ୍ରୀଙ୍କୁ ପିଜି କୋର୍ସ ଲାଗି ଅଲଗା ଅଲାଗା ଆବେଦନ କରିବାକୁ ପଡ଼ିବନି। ସେହିଭଳି ମେଡିକାଲ ପ୍ରାକ୍ଟିସ୍ ଲାଗି ନେକ୍ସଟ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପାସ କରିବାକୁ ପଡ଼ିବ। ନେକ୍ସଟ୍-୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପିଜି କରିବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ପୂର୍ବରୁ ଏମବିବିଏସ୍ ଶେଷ କରୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ଇଣ୍ଟର୍ଣ୍ଣସିପ୍ କରିବା ପରେ ହିଁ ଲାଇସେନ୍ସ ପାଇପାରୁଥିଲେ। ବିଦେଶରୁ ମେଡିକାଲ ସ୍ନାତକ ବା ୟୁଜି ଶେଷ କରି ଭାରତରେ ପ୍ରାକ୍ଟିସ କରିବା ଲାଗି ଇଚ୍ଛା କରୁଥିଲେ ସେମାନଙ୍କୁ ଏଫଏମଜିଇ ପରୀକ୍ଷା ଦେବାକୁ ପଡୁଥିଲା। କିନ୍ତୁ ନୂଆ ବ୍ୟବସ୍ଥା ଦ୍ୱାରା ଉଭୟ ଭାରତୀୟ ଓ ବିଦେଶୀ ମେଡିକାଲ ଗ୍ରାଜୁଏଟ୍ମାନେ ଏକାସଙ୍ଗରେ ନେକ୍ସଟ୍ ପରୀକ୍ଷା ଦେବେ। ଏଥିରେ କୃତକାର୍ଯ୍ୟ ହେଲେ ସେମାନଙ୍କୁ ଇଣ୍ଟର୍ଣ୍ଣସିପ୍ କରିବାକୁ ଅନୁମତି ମିଳିବ। ଏହାର ବର୍ଷକ ପରେ ସେମାନେ ନେକ୍ସଟ-୨ ପରୀକ୍ଷା ଦେଇ ପିଜିରେ ନାମଲେଖା ପାଇଁ ଯୋଗ୍ୟତା ହାସଲ କରି ପାରିବେ।

## ଦୁର୍ଘଟଣାର ହେବ ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେସନ

**ଭୁବନେଶ୍ୱର :** ଦୁର୍ଘଟଣା ହ୍ରାସ କରିବା ଓ ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ବା ଗୋଲଡେନ ଆୱାରରେ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରକ୍ଷକ ଯୋଜନା ଆରମ୍ଭ ହୋଇଛି। କିନ୍ତୁ ସଡକ ଦୁର୍ଘଟଣା ପରେ କିପରି ସାଇଣ୍ଟିଫିକ୍ ଇନଭେଷ୍ଟିଗସନ ହୋଇପାରିବ ସେ ନେଇ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଦିଆଯାଇଛି ସ୍ୱତନ୍ତ୍ର ତାଲିମ। ସଡକ ଦୁର୍ଘଟଣାର ହେବ ସାଇଣ୍ଟିଫିକ୍ ଇନଭେଷ୍ଟିଗେସନ୍। ତିଆରି ହୋଇଛି ଇଣ୍ଟିଗ୍ରେଟେଡ ରୋଡ଼ ଆକ୍ସିଡେଣ୍ଟ ଡାଟାବେସ୍ ଆପ୍। ରୋଡ଼ ଇଞ୍ଜିନିୟରିଂରେ ଆସିବ ବ୍ୟାପକ ସୁଧାର। ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି। ବର୍ଷକୁ ପାଖାପାଖି ୫ ହଜାର ଲୋକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଛି। ଦୈନିକ ୧୫ ଜଣଙ୍କ ମୁଣ୍ଡ ଗଡୁଛି। ଏଥିରେ ରୋକ ଲଗାଇବା ଓ ତତ୍କାଳ ଚିକିତ୍ସା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ରକ୍ଷକ। ସେପଟେ ଆହୁରି କ୍ରିୟାଶୀଳ କରିବା ପାଇଁ ସରକାର ଆଣିଛନ୍ତି କ୍ରାସ୍ ଇନଭେଷ୍ଟିଗେସନ ପଲିସି। ଦୁର୍ଘଟଣାରେ ଏକାଧିକ ଲୋକ ମୃତାହତ ହେଲେ ସ୍ପେଶାଲ ଟିମ୍ ତଦନ୍ତ କରିବ। ଟିମ୍‌ରେ ଜଣେ ପୋଲିସ ଅଧିକାରୀ, ଇଞ୍ଜିନିୟର, ଆରଟିଓ ଓ ଜଣେ ବୈଷୟିକ ଅଧିକାରୀ ସାମିଲ ହେବେ। ୮ଟି ଦିଗକୁ ନେଇ ୧୦ ଦିନ ଭିତରେ ପୋଲିସ ଆଇଜିକୁ ଏ ସମ୍ପର୍କିତ



ରିପୋର୍ଟ ପ୍ରଦାନ କରାଯିବ। ପରିବହନ ବିଭାଗ ଓ ପୋଲିସ କର୍ମଚାରୀଙ୍କୁ ଏ ସମ୍ପର୍କିତ ତାଲିମ ପ୍ରଦାନ କରିଛନ୍ତି ବିଶେଷଜ୍ଞ। ଦୁର୍ଘଟଣା ସମ୍ପର୍କିତ ସମସ୍ତ ଡାଟା ଆଇଆରଏଡି ଆପ୍ଲିକେସନରେ ରହିବ। ଯାହା ଫଳରେ ଦୁର୍ଘଟଣାର ପ୍ରକୃତ କାରଣ, ତଦନ୍ତର ଦିଗ, କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଗରେ ସହାୟକ ହେବ। ସେହିପରି ଶୃଙ୍ଖଳିତ ଗାଡି ଚଳାଚଳ ଦିଗରେ ଟ୍ରାଫିକ ଭାୟୋଲେସନ ଡିଟେକ୍ଟର ସିଷ୍ଟମ କାମ କରିବ। ସିସିଟିଭି ଆଧାରରେ ଇ-ଚାଲାଣକୁ ଫୋକସ କରାଯିବ। ବାରମ୍ବାର ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରୁଥିବାରୁ ଏନ୍‌ଏଚ୍‌ଏଆଇ ସହଯୋଗରେ ବ୍ଲାକସ୍ପଟ୍ ସ୍ଥାନରେ କିଭଳି ଜୀବନ ରକ୍ଷା କରାଯାଇପାରିବ ସେ ନେଇ ଟ୍ରେନିଂ ସେସନରେ ଗୁରୁତ୍ୱାରୋପ କରାଯାଇଛି। ସାମାନ୍ୟ ଅସାବଧାନତା ଓ ଖରାପ ରୋଡ଼ ଇଞ୍ଜିନିୟରିଂ ପାଇଁ ପାଣି ଫୋଟକା ଭଳି ଝଡ଼ିପଡୁଛି ଜୀବନ। ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଦୁର୍ଘଟଣା ସଂଖ୍ୟା ରୋକାଯାଇପାରିବ।

**ରୋଗୀସେବା, ଗବେଷଣା କ୍ଷେତ୍ରରେ ଚିକିତ୍ସାକୁ ଗୁରୁତ୍ୱ**

## ଏମ୍ସ ଭୁବନେଶ୍ୱର-ଏସ୍‌ଭିନିରତାର ମଧ୍ୟରେ ବୁଝାମଣାପତ୍ର

**ଭୁବନେଶ୍ୱର,(ପିଆଇବି):** ପୁନର୍ବାସ କ୍ଷେତ୍ରରେ ବ୍ୟାପକ ଚିକିତ୍ସାସେବା ଯୋଗାଇଦେବା ଲକ୍ଷ୍ୟରେ ଦୁଇ ପ୍ରମୁଖ ଜାତୀୟ ଅନୁଷ୍ଠାନ ଏମ୍ସ ଭୁବନେଶ୍ୱର ଏବଂ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ, ତାଲିମ, ଗବେଷଣା ଏବଂ ଶିକ୍ଷା କେନ୍ଦ୍ର(ଏସ୍ଭିନିର୍ତାର) ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ସ୍ୱାସ୍ଥ୍ୟସେବାକୁ ଏକ ନୂତନ ଦିଶା ଦେବା ସହିତ ବିଭିନ୍ନ କ୍ଷେତ୍ରରେ ଗବେଷଣା ଓ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ଏସ୍‌ଭିନିରତାର, କଟକ ନିର୍ଦ୍ଦେଶକ ଡ. ପି ପି ମହାନ୍ତି ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏପରି ବୁଝାମଣା ଅସ୍ତ୍ରୋପଚାର ପରବର୍ତ୍ତୀ ଏବଂ ବିଭିନ୍ନ ରୋଗର ନିରାକରଣ ନିମନ୍ତେ ପୁନର୍ବାସ ଚିକିତ୍ସା ସେବା ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ବିଶେଷ ସହାୟକ ହେବ। ଏମ୍ସର ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ଅର୍ଥୋପେଡିକ୍ସ, ବର୍ନ ଏବଂ ପ୍ଲାଷ୍ଟିକ୍ ସର୍ଜରୀ, ପେଡିଆଟ୍ରିକ୍ସ(ଶିଶୁରୋଗ) ଭଳି ବିଭିନ୍ନ ବିଭାଗ ସହିତ ଏସ୍‌ଭିନିରତାରର ଫିଜିଓଥେରାପୀ, ଅକୁପେସ୍ନାଲ ଥେରାପୀ, ସ୍ପିଚ୍ ଥେରାପୀ ଭଳି



ବିଭିନ୍ନ ବିଭାଗ ଅଧୀନରେ ଚିକିତ୍ସିତ ରୋଗୀଙ୍କ ରେଫରାଲ୍ ଉପରେ କାର୍ଯ୍ୟ କରିବ। ଉଭୟ ଜାତୀୟ ଅନୁଷ୍ଠାନ ଏହି କ୍ଷେତ୍ରରେ ଚିକିତ୍ସାଧୀନ ରୋଗୀ ଆବଶ୍ୟକ କରୁଥିବା ପୁନର୍ବାସ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତପ୍ରକାଶ କରିଛନ୍ତି। ଏଥିସହିତ ହୃଦ୍‌ରୋଗ, ମାନସିକ ରୋଗ, କର୍କଟ ଆଦି ବିଭାଗ କ୍ଷେତ୍ରରେ ମଧ୍ୟ ପୁନର୍ବାସ ବ୍ୟବସ୍ଥା ଯୋଗାଇଦେବାରେ ଏହି ବୁଝାମଣା ବିଶେଷ ସହାୟକ ହେବ। ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା, ଗବେଷଣା ନିମନ୍ତେ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରିବା, ଏସ୍‌ଭିନିରତାର ଛାତ୍ରଛାତ୍ରୀ ଏମ୍ସକୁ ଆସି କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ଭଳି ବିଷୟ ମଧ୍ୟ ଏହି ବୁଝାମଣାରେ ସ୍ଥାନ ପାଇଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ୍ ମାଣ୍ଡଭିୟ ସର୍ବଦା ଏହିଭଳି ବୁଝାମଣାକୁ ଉତ୍ସାହିତ କରିଥାଆନ୍ତି। ଏହି ଏମଓୟୁକୁ ସଫଳ କରିବା ପାଇଁ ପ୍ରେରଣା ଦେଇଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ରାଜ୍ୟ ବିକାଶରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ବିକାଶରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିଲେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଆହୁରି ଆଗେଇବ। ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀରେ ଯୋଗ ଦେଇ ଏହା କହିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ପ୍ରଦାୟ, ଦେଶ ଏବଂ ରାଜ୍ୟର ଭାଗ୍ୟ ଗଠନରେ ଯୁବକମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ଆମ ରାଜ୍ୟର ଭାଗ୍ୟକୁ ବଦଳାଇବାରେ ବିଜୁ ବାବୁ ସର୍ବଦା ଯୁବକମାନଙ୍କୁ ବିଶ୍ୱାସ କରୁଥିଲେ। ବିଜେଡି ମଧ୍ୟ ସର୍ବଦା ତାଙ୍କ ପଦ ଅନୁସରଣ କରିବା ଉଚିତ୍ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଖାଦ୍ୟ ନିରାପତ୍ତା, ବିପର୍ଯ୍ୟୟ ପରିଚାଳନା, ଅର୍ଥ ପରିଚାଳନା, ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତିକରଣ, କ୍ରୀଡା, ଆଇଟି, ସହରୀ ବିକାଶ, ଭିତ୍ତିଭୂମି ବିକାଶ, ପର୍ଯ୍ୟଟନ ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବହୁତ ଆଗକୁ ଯାଇଛି। ଯୁବକମାନଙ୍କ ଅବଦାନ ବିନା ଏହା ସମ୍ଭବ ନୁହେଁ। ବର୍ତ୍ତମାନ ଓଡିଶା ବିକାଶର ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିଛି। ମୋର ସମସ୍ତଙ୍କ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ଯେ ଆପଣ ଆପଣଙ୍କର ସମସ୍ତ କାର୍ଯ୍ୟରେ ରାଜ୍ୟକୁ ପ୍ରାଥମିକତା ଭାବରେ ରଖିବେ ଏବଂ ଏହାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି କି ଆଜିକାଲି ସୋସିଆଲ ମିଡିଆ ଏକ ଶକ୍ତିଶାଳୀ ମାଧ୍ୟମ। ମୁଁ ଆଶା କରୁଛି ଆପଣ ସୋସିଆଲ ମିଡିଆରେ ସକ୍ରିୟ ରହିବେ। ଓଡ଼ିଶାର ପରିବର୍ତ୍ତନଶୀଳ ଯାତ୍ରା ସମଗ୍ର ଦେଶରେ ହେଡଲାଇନ ସୃଷ୍ଟି କରୁଛି ଏବଂ ଆମର କିଛି ପଦକ୍ଷେପ ମଧ୍ୟ ବିଶ୍ୱ ମାନ୍ୟତା ପାଇଛି। ତେଣୁ ଆମେ ସମ୍ପୂର୍ଣ୍ଣ ବିଶ୍ୱାସ ସହିତ ଲୋକଙ୍କ ନିକଟରେ ପହଞ୍ଚିବା ଉଚିତ୍। ଆମେ ସବୁବେଳେ ଲୋକଙ୍କ ଭଲ ସମୟ, ଖରାପ ସମୟ ଏବଂ ପରିବର୍ତ୍ତନ ସମୟ ସହିତ ରହି ଆସିଛୁ। ପରିସ୍ଥିତି ଯାହା ହେଉନା କାହିଁକି ଆମେ ସବୁବେଳେ ଲୋକଙ୍କ ସହ ଜଡିତ ରହିଥାଉ। ଆମର ପ୍ରୟାସ ପ୍ରତି ଆମର ଆଭିମୁଖ୍ୟରେ ସର୍ବଦା ମାନବ ଚେହେରା ରହିଆସିଛି। ତାହା ହେଉଛି ଆମର ହଲମାର୍କ। ତାହା ହେଉଛି ଆମର ଶକ୍ତି। ଆମେ ଏହାକୁ ସର୍ବଦା ବଜାୟ ରଖିବା ଉଚିତ୍ ବୋଲି ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀରେ ଯୋଗ ଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ।

**କର୍ମଚାରୀଙ୍କୁ ପେନସନ୍ ନ ମିଳିବା ନେଇ ମୁଖ୍ୟ ସଚିବ କ୍ଷୁବ୍ଧ**

# ନିର୍ଦ୍ଧାରିତ ସମୟରେ ପେନ୍‌ସନ୍ ଦେବାକୁ ଗୁରୁତ୍ୱ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଚାକିରିରୁ ଅବସର ଦିନ ହିଁ ପେନସନ୍ ପାଇବାର ପ୍ରାବଧାନ ଥିବା ସତ୍ତ୍ୱେ ବହୁ ସଂଖ୍ୟକ କର୍ମଚାରୀ ନିଜର ପେନସନ ପାଇବାକୁ ଅପେକ୍ଷା କରି ରହିଛନ୍ତି। ଯାହାକୁ ନେଇ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କ୍ଷୁବ୍ଧ ହେବା ସହ ଏନେଇ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ନିମନ୍ତେ ସମସ୍ତ ପ୍ରଶାସନିକ ବିଭାଗ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସରକାରୀ କର୍ମଚାରୀ ଅବସର ପରେ ପେନସନ୍ ପାଇବାରେ ବିଳମ୍ବ ହେଲେ ସମ୍ପୃକ୍ତ ପେନସନଧାରୀ ବାର୍ଷିକ ୧୮% ସୁଧ ହାରରେ ନିଜ ପେନସନ୍ ପାଇବାକୁ ହକଦାର। ଆଉ ତାଙ୍କ ପେନସନ ପ୍ରଦାନରେ ବିଳମ୍ବ ପାଇଁ ଯିଏ ଦାୟୀ (ଯେଉଁ ଅଫିସର ବା କର୍ମଚାରୀ) ତାଙ୍କଠୁ ଏହି ସୁଧ ସୁଧ ଅର୍ଥ ଆଦାୟ କରିବାକୁ ଶ୍ରୀ ଜେନା ସମସ୍ତ ବିଭାଗର ସଚିବମାନଙ୍କୁ ତାଗିଦ୍ କରିଛନ୍ତି। ଶ୍ରୀ ଜେନା ରାଜ୍ୟର ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଧାରିତ ସମୟରେ ପେନସନ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବା ସହ ପେନସନ୍ ମଞ୍ଜୁର କରୁଥିବା କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ (ପେନସନ) ରୁଲସ-୧୯୯୨ ଅନୁସାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବା ହେଉଛି ସରକାରଙ୍କ କର୍ତ୍ତବ୍ୟ। କିନ୍ତୁ ଏବେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ବହୁ ସଂଖ୍ୟକ ପେନସନ୍ ମାମଲା ଏବେ ବିଭିନ୍ନସ୍ତରରେ ପ୍ରଶାସନିକ ବିଭାଗ ଓ ଅଧସ୍ତନ ଅଫିସ ଗୁଡ଼ିକରେ ପଡ଼ିରହିଛି। ଏବେ ପଡ଼ି ରହିଥିବା ପେନସନ ମାମଲାର ସଦ୍ୟ ସମୀକ୍ଷାରୁ



ମଧ୍ୟ ଜଣାପଡ଼ିଲା ଯେ, ବିଭାଗଗୁଡ଼ିକ ପଦକ୍ଷେପ ଓ ଅଗ୍ରଗତି ମଧ୍ୟ ଏଦିଗରେ ସନ୍ତୋଷଜନକ ନୁହେଁ। ତେଣୁ ସମସ୍ତ ପ୍ରଶାସନିକ ବିଭାଗ ପୁଣିଥରେ ସାଧାରଣ ପ୍ରଶାସନ ଦ୍ୱାରା ଜାରି ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପେନସନ୍ ପ୍ରଦାନ ଉପରେ ଗୁରୁତ୍ୱ ଓ ଆବଶ୍ୟକସ୍ଥଳେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗର ଗାଇଡଲାଇନ୍ ଅନୁସାରେ ଯଦି ପେନସନ୍ ପ୍ରଦାନରେ ବିଳମ୍ବ ହୁଏ ତା'ହେଲେ ପେନସନଭୋଗୀଙ୍କୁ ନିଶ୍ଚିତ ଭାବେ ବାର୍ଷିକ ୧୮ ପ୍ରତିଶତ ସୁଧ ହାରରେ ପେନସନ(ବିଳମ୍ବିତ ଅବଧିର) ମିଳିବ ଓ ଏଥିପାଇଁ ଦାୟୀ ଅଫିସର ବା କର୍ମଚାରୀଙ୍କଠୁ ସେହି ସୁଧ ଅର୍ଥ ଆଦାୟ କରାଯିବାର ଗାଇଡଲାଇନରେ ପ୍ରାବଧାନ ରହିଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସହଯୋଗ କରି ସେମାନଙ୍କର ପେନସନ୍ ସଂକ୍ରାନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଉଛି ପ୍ରତ୍ୟେକ ବିଭାଗରେ ଥିବା ନୋଡାଲ ଅଫିସର(ପେନସନ) ଓ ହେଲପଡେସ୍କ ଅଫିସରମାନଙ୍କ ମଧ୍ୟ ଦାୟିତ୍ୱ ବୋଲି ଶ୍ରୀ ଜେନା କହିଛନ୍ତି। ଏହାସହିତ ମୁଖ୍ୟ ସଚିବ ଶ୍ରୀ ଜେନା ସମସ୍ତ ବିଭାଗକୁ ଚଳିତ ଜୁଲାଇ ମାସଠୁ ପ୍ରତିମାସର ପ୍ରଥମ ସପ୍ତାହ ସୁଦ୍ଧା ଇ-ମେଲ୍ ମାଧ୍ୟମରେ ଏକ ନିର୍ଦ୍ଧାରିତ ଫର୍ମାଟରେ କେତେ ପରିମାଣର ପେନସନ୍ ମାମଲା ପଡ଼ିରହିଛି ଓ କେତେ ସଂଖ୍ୟକ ସମାଧାନ ହୋଇଛି ତାହା ନିୟମିତ ଭାବେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସଚିବ ଶ୍ରୀ ଜେନା ଦେଇଥିବା ଫର୍ମାଟରେ ପ୍ରତ୍ୟେକ ବିଭାଗର ନାମ, ମାସ ଆରମ୍ଭରୁ କେତେ ସଂଖ୍ୟକ ପେନସନ୍ ମାମଲା ପଡ଼ି ରହିଛି, ସେହି ମାସରେ କେତେ ସଂଖ୍ୟକ ପେନସନ୍ ମାମଲା ଯୋଡ଼ି ହେଲା, ଉକ୍ତ ମାସରେ କେତେ ଜଣଙ୍କୁ ପ୍ରୋଭିଜିନାଲ ଓ ଫାଇନାଲ ପେନସନ୍ ପ୍ରଦାନ କରାଗଲା, ବିଭାଗରୁ ଅବସର ନେଇଥିବା କେତେ ସଂଖ୍ୟକ କର୍ମଚାରୀଙ୍କ ପେନସନ୍ ସଂକ୍ରାନ୍ତ ଦସ୍ତାବିଜ ପୈଠ ହୋଇନି, ତା'ର ବିସ୍ତୃତ ତଥ୍ୟ ଦେବାକୁ ଶ୍ରୀ ଜେନା ସବୁ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଜୁଲାଇ, ୨୦୨୩


# ବୁଝିବାକୁ ବାକି

ସମ୍ପାଦକୀୟ

ତାରକ ମହାନ୍ତି



ଦେଶରେ ଦୁର୍ନୀତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଚାଲିଥିଲାବେଳେ ଲୋକ କିଭଳି କୋଟି କୋଟି ଟଙ୍କା କଳାଧନ ଉପାର୍ଜନ କରିପାରୁଛନ୍ତି ତାହା ଆଶ୍ଚର୍ଯ୍ୟ କରୁଛି। ଓଡ଼ିଶାରେ ଗତ କିଛିମାସ ମଧ୍ୟରେ ସରକାରୀ ଚାକିରିଆ, ବ୍ୟବସାୟୀ ଭିଜିଲାନ୍ସ ଓ ଆୟକର ବିଭାଗ ହାତରେ ଧରା ପଡିଛନ୍ତି ଏବଂ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଟଙ୍କା ଜବତ କରାଯାଇଛି। କେବଳ ନଗଦ ଟଙ୍କା ନୁହେଁ, ବରଂ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବହୁ ପରିମାଣରେ ଧରାପଡୁଛି। ବାସ୍ତବରେ ଦେଖିଲେ ଜଣେ ସରକାରୀ ଚାକିରିଆ ଏତେ କଳା ଟଙ୍କା ଆଣୁଚି କିପରି? ଏଥିରେ ସାଧାରଣ ଜନତାଙ୍କର କିଛି ତ୍ରୁଟି ରହୁନାହିଁ ତ? ଏକଥା ଏଇଥିପାଇଁ ଯେ, ସାଧାରନଲୋକ ସରକାରୀ ଦପ୍ତରକୁ ଯାଇ କରୁଥିବା କାର୍ଯ୍ୟ ପାଇଁ କାହିଁକି ଲାଞ୍ଚ ଦେଉଛି! ଏଭଳି ଅନେକ ପ୍ରଶ୍ନ ମନକୁ ଆସୁଥିଲେ ବି କାହାଠାରୁ ଏହାର ନିର୍ଦ୍ଦିଷ୍ଟ ଉତ୍ତର ମିଳିବା ସହଜ ନୁହେଁ। କାରଣ ସାଧାରଣ ଲୋକ ଛୋଟ କାମ ପାଇଁ କାହାକୁ ହାତଗୁଞ୍ଜା ଦେଉଥିଲା ବେଳେ ବ୍ୟବସାୟୀ, ବିଲଡର, ଦଲାଲ ମାନେ ବଡ଼ ବଡ଼ କାର୍ଯ୍ୟ ପାଇଁ ବହୁତ ଅର୍ଥ ଲାଞ୍ଚ ଆକାରରେ ଦେଇ ନିଜ ସ୍ୱାର୍ଥ ହାସଲ କରୁଛନ୍ତି। ବର୍ତ୍ତମାନ ସମୟରେ ଏଭଳି କୌଣସି କାର୍ଯ୍ୟ ନାହିଁ ଯାହା ବିନା ଲାଞ୍ଚ ବା ବିନା ପିସିରେ ହେଉଛି। ଜଣେ ଠିକାଦାର ନିଜ ବିଲ ପାସ କରିବାକୁ ହେଉ ବା କାମ ପାଇବାକୁ ନେଇ କେତେ କେତେ ଟଙ୍କା ପିସି ଦେଉଛି ତାହା ସାଧାରଣ ଜନତାଙ୍କ ଚିନ୍ତା ବାହାରେ। ସମ୍ପ୍ରତି ସେବା ପ୍ରଦାନକାରୀଙ୍କ ଏଭଳି ଲାଞ୍ଚୁଆ ମାନସିକତା ଯୋଗୁ ଅନେକ କାର୍ଯ୍ୟରେ ଦୁର୍ନୀତି ସୀମା ଲଙ୍ଘି ସାରିଲାଣି। ରାଜକୋଷରୁ ଦିଆଯାଉଥିବା ଅର୍ଥର ଅଧିକ ମାତ୍ରାରେ ତୋଷଣ ହେତୁ ବିକାଶ ପ୍ରଭାବିତ ହେବା ସହିତ ଜନତାଙ୍କ ଟିକସ ଅର୍ଥ ଦୂରୁପଯୋଗ ହେଉଥିବା ସ୍ପଷ୍ଟ ଅନୁମେୟ ହେଉଛି। କାରଣ ବେତନ ନେଇ ଚାକିରୀ କରୁଥିବା ବ୍ୟକ୍ତି ଯଦି ଚାକିରୀ କାଳରେ ଦୁର୍ନୀତି କରିଚାଲିବ ଏଥିରେ ଦେଶ ବା ରାଜ୍ୟର ପ୍ରଗତି ସମ୍ଭବ କି? ଯେପର୍ଯ୍ୟନ୍ତ ଆମ ହୃଦୟରେ ଅନ୍ୟ ପ୍ରତି ଦୟା, କ୍ଷମା ନଜାଗିଛି, ମଣିଷ ପଣିଆ ଜାତ ହୋଇନାହିଁ ଆମେ ଅନ୍ୟର ଦୁଃଖ ଲାଘବ କରିପାରିବା କି! ଯେମିତି ଏହାକୁ ନା କୁହାଯିବ ସେମିତି ଦାୟିତ୍ୱରେ ରହୁଥିବା ବ୍ୟକ୍ତିବିଶେଷ ସାଧାରଣ ଜନତାଙ୍କ ଟଙ୍କା ଲୁଟ ଚିନ୍ତାରୁ ବାହାରକୁ ନଆସିଲେ 'ସର୍ବେ ଭବନ୍ତୁ ସୁଖିନଃ' ବୋଲି ତୁଣ୍ଡରୁ ବାହାରିପାରିବ ନାହିଁ। ଆବଶ୍ୟକତା କାହାର ନାହିଁ! ସମସ୍ତେ ଜୀବନ ଜୀବିକାକୁ ନେଇ ସଂଘର୍ଷ କରୁଥିଲାବେଳେ କିଛି ମୁଷ୍ଟିମେୟ ଗରିବ ଅର୍ଥରେ ପ୍ରାସାଦ କରି ଅଧିକ ସୁଖ ଭୋଗ ଇଚ୍ଛାରେ ମାତିଛନ୍ତି। ଫଳସ୍ୱରୂପ ଦୁର୍ନୀତି ନିଜର କାୟା ବିସ୍ତାର କରି ଥିଲାବାଲାକୁ ଗର୍ବୀ, ଅହଙ୍କାରୀ ଓ ଧନୀ କରୁଛି। ଏ ଭିତରେ ରାଜନୈତିକ ସହଯୋଗରେ କଳା ଟଙ୍କା ଉପାର୍ଜନର ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ବିଶେଷକରି ବର୍ତ୍ତମାନ ଭିଜିଲାନ୍ସ ଓ ଆୟକର ବିଭାଗ ହାତରେ ଧରା ପଡୁଥିବା ଅନେକ ବ୍ୟକ୍ତିଙ୍କ ପଲିଟିକାଲ ଲିଙ୍କ ରହିଛି। କିଏ ଆଗାମୀଦିନରେ ସାଂସଦ ଟିକଟ ପାଇଥାନ୍ତେ ତ ଆଉକିଏ ବିଧାୟକ ହେବାପାଇଁ ଟିକଟ ହାତେଇଥାନ୍ତେ। ଏଥିରେ ଶାସକ ଦଳ ଲିଙ୍କ ଅଧିକ ବୋଲି ଚର୍ଚ୍ଚା ଜୋର ଧରିଛି। ତେଣୁ କଳା ଟଙ୍କା ଆୟ ପଛରେ ଯଦି ନେତା ବା ମନ୍ତ୍ରୀ ରହିବେ ତେବେ ଦୁର୍ନୀତିଖୋରଙ୍କ ସଂଖ୍ୟା କମିବା ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ଯେଉଁ ସରକାର ଦୁର୍ନୀତି ବିରୋଧରେ ସ୍ଲୋଗାନ ଦେଇ ଶାସନ କ୍ଷମତା ଉପଭୋଗ କରୁଛି ସେ କିପରି ଦୁର୍ନୀତିଗ୍ରସ୍ତଙ୍କୁ ସମର୍ଥନ କରୁଛି ବୋଲି ଅନେକ ପ୍ରଶ୍ନ କରୁଛନ୍ତି। ନିକଟରେ ଏକ ବଡ଼ ସଂସ୍ଥା ଉପରେ ଆଇଟି ରେଡ କରାଯାଇଥିଲା। ଉକ୍ତ ସଂସ୍ଥାର ଜଣେ କର୍ମଚାରୀଙ୍କ ଘରୁ ନଗଦ ତିରିଶ କୋଟି ଜବତ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆୟକର ଫାଙ୍କିବା ଅଭିଯୋଗରେ ଉକ୍ତ ସଂସ୍ଥା ଉପରେ ହୋଇଥିବା ରେଡରୁ ଜଣାପଡିଛି ଯେ, କୋଟି କୋଟି ଟଙ୍କା କାରବାରର କାଗଜପତ୍ର ଜବତ କରାଯାଇଛି। ସେଭଳି ତ୍ରିସୁଲିଆରେ ଥିବା ଏକ ବିଲଡର ସଂସ୍ଥା ଉପରେ ମଧ୍ୟ ଆଇଟି ରେଡ ହୋଇଛି। ସେଠାରେ ମଧ୍ୟ ସମାନ ଧରଣର ଗଫଲତି ନେଇ ତଥ୍ୟ ମିଳିଛି। ତେବେ ୟୁନିଟ ୪ ସରକାରୀ କ୍ୱାର୍ଟରରୁ ମିଳିଥିବା ୩୦ କୋଟି ଟଙ୍କାକୁ ଯାଞ୍ଚ ପାଇଁ ରିଜର୍ଭ ବ୍ୟାଙ୍କ ପଠାଯାଇଥିଲା। ହେଲେ ୩୦ କୋଟିରୁ ଲକ୍ଷ ଲକ୍ଷ ଜାଲ ବୋଲି ଜଣାପଡିଛି। ଜାଲ ନୋଟ ତଥ୍ୟ ପଦାକୁ ଆସିବା ପରେ ଉକ୍ତ ସଂସ୍ଥାର ମାଲିକଙ୍କ ଅଡୁଆ ବଢିଯାଇଛି। ଆସନ୍ତା ସପ୍ତାହରେ ଇଡି ଏହାର ତଦନ୍ତ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଜବତ ହୋଇଥିବା ନଗଦ ୩୦ କୋଟି ଟଙ୍କା କେଉଁଠୁ ଆସିଲା ଓ କାହାର ଏହି ଟଙ୍କା ସେ ନେଇ ଅଧିକ ଖୋଳତାଡ କରାଯିବ। କେଉଁ ଉଦ୍ଦେଶ୍ୟରେ ଏତେଟଙ୍କା ଠୁଳ କରାଯାଇଥିଲା ଏବଂ ଏଥିସହିତ ଆଉ କାହାର ଲିଙ୍କ୍ ରହିଛି ତାହାର ମଧ୍ୟ ରହସ୍ୟ ଖୋଲିବ ଇଡି। ଡିଏନ୍ ଗ୍ରୁପର ନଗତ ଏତେ ଟଙ୍କାକୁ ନେଇ ଏକାଧିକ ଅସମାହିତ ପ୍ରଶ୍ନ ସାଧାରଣରେ ଦେଖାଦେଇଛି। ତେବେ ଆଇଟି ରେଡ୍ ଗୋଟିଏ ଦିନରେ ସରି ନଥିଲା। ଡିଏନ୍ ଗ୍ରୁପର କୋଡିଏରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ, ଲକର, ହାର୍ଡଡିସ୍କ, ଫାଇଲ ଜବତ କରାଯାଇଛି।

ଅନ୍ୟପଟେ ବିଜେପିର ଅଭିଯୋଗ ଯେ, ରାଜ୍ୟରେ ଧରାପଡୁଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ବ୍ୟବସାୟୀଙ୍କର ଶାସକ ଦଳ ସହ ଭଲ ସମ୍ପର୍କ ରହିଛି। ଅନେକ ଆରୋପ, ପ୍ରତ୍ୟାରୋପ ମଧ୍ୟରେ ଚିନ୍ତା କରିବାର ଅଛି ଯେ, ବାସ୍ତବରେ ଦୁର୍ନୀତି ବଢୁଛି କି କମୁଛି। ଯେଉଁ ହାରରେ ଏବେ ସରକାରୀ ଅଫିସର ଓ କିରାଣୀ ଦୁର୍ନୀତି କରି ଭିଜିଲାନ୍ସ ଜାଲରେ ପଡୁଛନ୍ତି ତାହା ପୂର୍ବପେକ୍ଷା ଢେର ଅଧିକ ଏବଂ ଧରା ପଡି ଜବତ ହେଉଥିବା ସମ୍ପତ୍ତି, ନଗଦ ଟଙ୍କା ଯଥେଷ୍ଟ ଅଧିକ। ଯାହାର ହିସାବ କରିବା ପାଇଁ ଭିଜିଲାନ୍ସକୁ ଦୀର୍ଘ ସମୟ ଲାଗୁଛି। ଏଥିରୁ ଅନୁମାନ କରାଯାଉ ରାଜ୍ୟରେ ଦୁର୍ନୀତିର ପରିମାଣ କେତେ। ଯଦି ସରକାର ତୃଣମୂଳ ସ୍ତରରୁ ଦୁର୍ନୀତିକୁ ଜଗିଥାନ୍ତେ ବା ଭ୍ରଷ୍ଟାଚାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ ତେବେ ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିନଥାନ୍ତା। ଗ୍ରାମସେବକ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ, ଏପରିକି ନ୍ୟାୟ ଦେଉଥିବା ବ୍ୟକ୍ତି ବିଶେଷ ଆଜି ଦୁର୍ନୀତି ଜାଲରେ ପଡ଼ିନଥାନ୍ତେ। ଅନ୍ୟପକ୍ଷେ ଗତ ଶୁକ୍ରବାର ୯ ଅଧିକାରୀଙ୍କୁ ଦଣ୍ଡ ଦେଇଛନ୍ତି ରାଜ୍ୟ ସରକାର। ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ ଜାରି ରହିଛି। ଏଥର ୯ଜଣ ଅଧିକାରୀଙ୍କ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୩ଜଣ ଚାକିରିରୁ ବହିଷ୍କାର ହୋଇଥିବା ବେଳେ ୬ଜଣଙ୍କ ସ୍ଥାୟୀ ଭାବେ ପେନ୍‌ସନ ବନ୍ଦ କରାଯାଇଛି। ଏହାକୁ ମିଶାଇ ୧୯୭ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇସାରିଲାଣି। କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଧିକାରୀଙ୍କ ଅପାରଗତା ଓ ଦୁର୍ନୀତି ଯୋଗୁ ସରକାର ଏଭଳି ଦଣ୍ଡ ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି କଡା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କାହିଁକି ଅଧିକରୁ ଅଧିକ ଦୁର୍ନୀତିଗ୍ରସ୍ତ ଅଧିକାରୀ ସୃଷ୍ଟି ହେଉଛନ୍ତି। ଏହା ସେମାନଙ୍କର ମାନସିକତା ଅଥବା ଦୁର୍ନୀତି କରିବା ପାଇଁ ଏମାନଙ୍କୁ ପ୍ରୋତ୍ସାହନ ମିଳୁଛି ତାହା ବୁଝିବାକୁ ବାକି ରହିଲା।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ନ' ବର୍ଷର ସୁଶାସନ

**ଭୁବନାନନ୍ଦ ତ୍ରିପାଠୀ**

ଏହି ପ୍ରବନ୍ଧରେ ଆମେ ନରେନ୍ଦ୍ର ମୋଦିଙ୍କ ନ'ବର୍ଷର ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳ ବିଷୟରେ ଚର୍ଚ୍ଚା କରିବାକୁ ଯାଉଛେ। ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ୧୩ବର୍ଷ କଟାଇବାପରେ ସେ ଦେଶର ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିଲେ ୨୦୧୪ ମସିହାର ମେ ମାସ ୨୬ ତାରିଖ ଦିନ। ତାଙ୍କୁ ଶପଥ ପାଠ କରାଇଥିଲେ ତତ୍‌କାଳୀନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀ ଏବଂ ଶପଥପାଠର ପ୍ରଥମ ଉଚ୍ଚାରଣ "ମୁଁ ନରେନ୍ଦ୍ର ଦାମୋଦର ଦାସ ମୋଦି" ସୂଚାଇ ଦେଇଥିଲା ଯେ ଏ ଲୋକ ପାଖରେ ଦମ୍ ଅଛି, ଦେଶ ପାଇଁ କିଛି ନୂଆ କାମ କରିବ। ଶପଥ ପାଠ ପରେ ପରେ ପ୍ରଧାନମନ୍ତ୍ରୀ ଭାବେ ପାର୍ଲିଆମେଣ୍ଟ ଭବନରେ ପ୍ରଥମ ପ୍ରବେଶ ବେଳର ସାଷ୍ଟାଙ୍ଗ ପ୍ରଣିପାତ ଦୃଶ୍ୟ ଦେଶବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲା। ସେ ଥିଲେ ପାର୍ଲିମେଣ୍ଟରେ ନୂଆ, କେନ୍ଦ୍ର ଶାସନ କଳରେ ନୂଆ ଏବଂ ଦିଲ୍ଲୀର ରାଜନୈତିକ ବାତାବରଣରେ ମଧ୍ୟ ତାଙ୍କର ଏକପ୍ରକାର ନୂତନ ପ୍ରବେଶ ଥିଲା। କେବଳ ଭାରତ ବର୍ଷ ନୁହେଁ, ବିଶ୍ୱ ପଟଳରେ ମଧ୍ୟ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ହେବା ଘଟଣା ଚମକ ସୃଷ୍ଟି କରିଥିଲା। ଇଂଲଣ୍ଡର 'ଗାର୍ଡ଼ିଆନ' ପତ୍ରିକା ନିଜ ଅଗ୍ରଲେଖାରେ ପ୍ରକାଶ କରିଥିଲା 'ଭାରତ ବର୍ଷ ଏବେ ପ୍ରକୃତ ସ୍ୱାଧୀନତା ଲାଭ କରିଛି"। ଅର୍ଥାତ୍ ଇଂରେଜ ନୀତି ନିୟମର ଅନ୍ତ ଘଟିଛି ଏବଂ ଭାରତୀୟ ନୀତି ଲାଗୁ ହେବାର ପ୍ରାରମ୍ଭ ହୋଇଛି। ୨୦୧୪ ମସିହାରୁ ୨୦୧୯ ମସିହାର ପ୍ରଥମ ୫ବର୍ଷ କାର୍ଯ୍ୟକାଳ ପୂରଣ କରିବାପରେ ତାଙ୍କ ପ୍ରତି ଦେଶବାସୀଙ୍କ ସମର୍ଥନ ପୂର୍ବାପେକ୍ଷା ବୃଦ୍ଧି ପାଇଥିଲା। ୨୦୧୪ ମସିହାରେ ଭାଜପା ୨୮୨ଟି ସିଟ୍ ହାସଲ କରିଥିବା ବେଳେ ୨୦୧୯ ମସିହାରେ ଏହା ୩୦୩ ସିଟ୍‌ରେ ପହଞ୍ଚିଥିଲା। ପ୍ରଧାନମନ୍ତ୍ରୀ ଭାବେ ଦ୍ୱିତୀୟ ପାଳିରେ ମୋଦିଜୀଙ୍କର ୫ବର୍ଷ ଶାସନ କାଳ ଭିତରୁ ଗତ ମେ ମାସରେ ୪ବର୍ଷ ପୂର୍ଣ୍ଣ ହୋଇଛି ଏବଂ ଏହିପରି ପ୍ରଥମ ପାଳି ଓ ଦ୍ୱିତୀୟ ପାଳି ମିଶି ମୋଟ ୯ବର୍ଷର ଶାସନ କଳ ପୂର୍ଣ୍ଣ କରିବା ଅବସରରେ ଦୁଇପଦ ଲେଖିବା ପାଇଁ ଏହି କ୍ଷୁଦ୍ର ପ୍ରଚେଷ୍ଟା।

ଆମ ଦେଶରେ ମୋଦିଙ୍କ ପୂର୍ବରୁ ଜବାହରଲାଲ ନେହେରୁ (୧୫ବର୍ଷ) ଲାଲବାହାଦୁର ଶାସ୍ତ୍ରୀ (୩ବର୍ଷ), ଇନ୍ଦିରା ଗାନ୍ଧୀ (ପ୍ରଥମ ପାଳି ୧୧ବର୍ଷ ଏବଂ ୨ୟ ପାଳି ୫ବର୍ଷ), ଚୌଧୁରୀ ଚରଣ ସିଂହ, ଚନ୍ଦ୍ରଶେଖର, ଦେବୀଲାଲ, ଇନ୍ଦ୍ର କୁମାର ଗୁଜୁରାଲ (ପ୍ରତ୍ୟେକ ଏକ ବର୍ଷରୁ କମ୍) ବିଶ୍ୱନାଥ ପ୍ରତାପ ସିଂ (୧ବର୍ଷ), ଅଟଳ ବିହାରୀ ବାଜପେୟୀ (ପ୍ରଥମ ପାଳି ୧୩ ମାସ ଏବଂ ଦ୍ୱିତୀୟ ପାଳି ୪ବର୍ଷ), ମନମୋହନ ସିଂ (୧୦ବର୍ଷ) ପ୍ରଧାନମନ୍ତ୍ରୀ ଦେଶ ଶାସନରେ ନିଜ ନିଜର ବ୍ୟକ୍ତିତ୍ୱ ଏବଂ ନେତୃତ୍ୱର ପ୍ରଦର୍ଶନ କରିଯାଇଛନ୍ତି। ସ୍ୱର୍ଗତ ଗୁଲଜାରିଲାଲ ନନ୍ଦା ମଧ୍ୟ କିଛି ଦିନ ପାଇଁ ପ୍ରଧାନମନ୍ତ୍ରୀ ପଦଭାର ଗ୍ରହଣ କରିଥିଲେ। ଉପରୋକ୍ତ ସମସ୍ତ ବ୍ୟକ୍ତି ନିଜ ନିଜ କାର୍ଯ୍ୟକାଳରେ ଦେଶର ଉନ୍ନତି ପାଇଁ ତଥା ଦେଶର ସୁଶାସନ ପ୍ରତିଷ୍ଠା ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରିଥିଲେ। ସେମାନେ ସମସ୍ତେ ଦେଶବାସୀଙ୍କ ନିକଟରେ ନମସ୍ୟ। କିନ୍ତୁ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ କିଛି ନୂତନତା ରହିଛି ଯାହା ଅନ୍ୟମାନଙ୍କ ସମୟରେ ଦେଖିବାକୁ ମିଳିନଥିଲା।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ସମୟରେ ଭାରତର ସମସ୍ତ ପଡ଼ୋଶୀ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା ଏବଂ ସୁଖର କଥା ସବୁଦେଶର ମୁଖ୍ୟମାନେ ଏଥିରେ ଭାଗନେଇଥିଲେ। ପରବର୍ତ୍ତୀ କାଳରେ ସମସ୍ତ ପଡ଼ୋଶୀ ଦେଶ ଯଥା ଭୁଟାନ, ନେପାଳ, ବାଙ୍ଗଲାଦେଶ, ମିଆଁମାର, ସିଂହଳ, ମାଳଦ୍ୱୀପ ତଥା ଆଫଗାନିସ୍ଥାନ ସହିତ ସୁସଂପର୍କ ରହିଆସିଛି। କେବଳ ପାକିସ୍ଥାନ ଏବଂ ଚୀନ ସହିତ ବିଭିନ୍ନ ସମୟରେ ବିବାଦୀୟ ସ୍ଥିତି ଦେଖାଦେଇଛି। ପାକିସ୍ଥାନ ଦ୍ୱାରା ଆତଙ୍କବାଦୀଙ୍କୁ ପ୍ରୋତ୍ସାହିତ ଦିଆଯିବା ଏବଂ ଚୀନ ଦ୍ୱାରା ଭାରତର ସୀମା ଅତିକ୍ରମ କରିବା କାରଣରୁ ଏହି ଦୁଇ ଦେଶ ସହିତ ଆମ ଦେଶର ବିବାଦ ସୃଷ୍ଟି ହୋଇଛି।

ମୋଦି ବିଦେଶରେ ଭାରତର ସମ୍ମାନ ବଢ଼ାଇଛନ୍ତି ଏହା ସର୍ବମାନ୍ୟ। ଇଂଲଣ୍ଡ ହେଉ ଅବା ନ୍ୟୁୟର୍କ, ଅଷ୍ଟ୍ରେଲିଆ ହେଉ ଅବା କାନାଡ଼ା ସବୁଠି ହଜାର ହଜାର ଭାରତୀୟ ମୂଳବାସୀ ଏକତ୍ରିତ ହୋଇ ମୋଦିଙ୍କୁ ଭେଟିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଛନ୍ତି। ଭାଷଣ ଶୁଣିବାର ଆନନ୍ଦ ଲାଭ କରିଛନ୍ତି। ବିଦେଶ ମାଟିରେ 'ଭାରତ ମାତା କୀ ଜୟ'ର ନାରା ଗୁଞ୍ଜରିତ ହୋଇଉଠିଛି। ଏସବୁ ଦୃଶ୍ୟ ଦେଖି ସେହି ସବୁ ଦେଶର ନେତୃବୃନ୍ଦ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି ଏବଂ ମୋଦିଙ୍କୁ ସ୍ୱାଗତ ସତ୍କାର ସହିତ ଯଥୋଚିତ ସମ୍ମାନ ଦେଖାଇବାରେ ଊଣା କରିନାହାଁନ୍ତି। ବିଦେଶ ମାଟିରେ ଭାରତ ବର୍ଷର ସମ୍ମାନ ବଢ଼ିବା ସହିତ ସେହିସବୁ ଦେଶ ସହିତ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ବାଣିଜ୍ୟକାରବାର ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଉଛି ସେ ଦେଶରେ ରହୁଥିବା ଭାରତୀୟମାନଙ୍କର ମାନସମ୍ମାନର ବୃଦ୍ଧି। ଭାରତୀୟ ଭାବେ ସେମାନେ ପୂର୍ବାପେକ୍ଷା ଆଜି ଅଧିକ ଗର୍ବିତ।

ଗରିବ ସାଧାରଣ ନାଗରିକ ମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ମୋଦି ଏକ ଅଭିନବ ଅଭିଯାନ ଚଳାଇଥିଲେ। ଫଳସ୍ୱରୂପ ଦେଶରେ ୪୮ କୋଟି ନୂଆ ବ୍ୟାଙ୍କ ଖାତା ଖୋଲିଲା। ବ୍ୟାଙ୍କମାନଙ୍କରେ ଶୂନ୍ୟ ଆକାଉଣ୍ଟ ରଖିବା ପାଇଁ ଅନୁମତି ଦେବା ଦେଶରେ ନୂଆ କଥା ହେଲା। ମାତ୍ର ତା'ର ସୁଫଳ ମିଳିଲା ଯେତେବେଳେ ସରକାରୀ ଅନୁଦାନ, ସରକାରୀ ଭତ୍ତା, ସବ୍‌ସିଡ଼ି ରାଶି ଜଣେ ଲାଭାର୍ଥୀର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଜମା ହେଲା। ଏହାଫଳରେ ଚୋରୀ, ଠକାମି, ମିଛ ଦେଣନେଣରେ ପୂର୍ଣ୍ଣଛେଦ ପଡ଼ିପାରିଲା। ଜଣେ ସାଧାରଣ ନାଗରିକ ବ୍ୟାଙ୍କ ସହିତ ସଂପର୍କ ବଢ଼ାଇବା ପାଇଁ ସାହସ ପାଇଲା।

ଦେଶରେ "ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା" ଏବଂ "ଜୀବନ ଜ୍ୟୋତି ବୀମା" ନାମରେ ଦୁଇଟି ଶସ୍ତା ଓ ସରଳ ବୀମା ଯୋଜନା ଲାଗୁ କରାଯାଇ ଯଥାକ୍ରମେ ବାର୍ଷିକ ମାତ୍ର ୧୨ଟଙ୍କା ଏବଂ ୩୩୦ଟଙ୍କା ଜମାଦେଇ ଦୁର୍ଘଟଣା ମୃତ୍ୟୁ ଏବଂ ସାଧାରଣ ମୃତ୍ୟୁ ସମୟରେ ଗୋଟିଏ ଅସହାୟ ପରିବାରକୁ ୨ଲକ୍ଷ ଟଙ୍କା ବୀମାରାଶି ମିଳିବା ପାଇଁ ସୁନ୍ଦର ବ୍ୟବସ୍ଥା କରାଯାଇଛି। ଆଜି ସୁଦ୍ଧା ସୁରକ୍ଷା ବୀମା ଯୋଜନାରେ ୩୦ କୋଟି ଏବଂ ଜୀବନ ଜ୍ୟୋତି ବୀମା ଯୋଜନାରେ ୧୪କୋଟି ଦେଶବାସୀ ଯୋଗଦେଇଥିବା ଜଣାଯାଇଛି। ଯୋଜନାଗୁଡ଼ିକ ସ୍ଥାନୀୟ ବ୍ୟାଙ୍କମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ବାର୍ଷିକ ଦେୟ ଜମା କରିବାରେ କୌଣସି ଅସୁବିଧା ହେଉନାହିଁ।

ରୋଜଗାରକ୍ଷମ ଥିବା ସମୟରେ ପରିଣତ ବୟସ ପାଇଁ ଚିନ୍ତାକରିବା ଏବଂ ଏଥିପାଇଁ ଉଚିତ ପଦକ୍ଷେପ ନେବାର ଏକ ସୁଚିନ୍ତିତ ପରିକଳ୍ପନା ହେଉଛି "ଅଟଳ ପେନ୍‌ସନ ଯୋଜନା"। ଏହି ଯୋଜନାରେ ଭାଗନେଇ ମାସିକ ୧ହଜାରରୁ ଆରମ୍ଭ କରି ଜଣେ ବ୍ୟକ୍ତି ମାସିକ ୫ ହଜାର ପର୍ଯ୍ୟନ୍ତ ପେନସନ ପାଇପାରିବ। ଏଥିପାଇଁ ବାର୍ଷିକ କିସ୍ତି ଆକାରରେ ନିଜର ଦେୟ ଜମା ଦେବାକୁ ପଡ଼ିଥାଏ। ଏ ଯୋଜନାରେ ମଧ୍ୟ ଦେଶର ପ୍ରାୟ ୧୨ କୋଟି ଯୁବକ/ଯୁବତୀ ଭାଗ ନେଇଥିବାର ଦେଖାଯାଉଛି।

ଦେଶସାରା ସମସ୍ତ ରାଜମାର୍ଗର ଉଚିତ୍ ରକ୍ଷଣାବେକ୍ଷଣ ସହିତ ଏହାର ବିସ୍ତାର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହା ସହିତ ଅନେକଗୁଡ଼ିଏ ରାଜ୍ୟ ସଡ଼କକୁ ରାଜପଥରେ ପରିଣତ କରାଯାଇ ଯାନବାହନ ଯାତାୟାତ ପାଇଁ ସୁଗମ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ଦୂରଦୃଷ୍ଟି ବେଶ ପ୍ରଶଂସନୀୟ। ଏହା ସହିତ କେତେଗୁଡ଼ିଏ ଜଳପଥର ପୁନରୁଦ୍ଧାର କରାଯାଇ ଏକ ସହଜଲଭ୍ୟ ଗମନାଗମନ ମାର୍ଗ ଉନ୍ମୋଚିତ ହୋଇଛି।

କୃଷିକ୍ଷେତ୍ରରେ ଯେତେ ଯାହା ବିକାଶର ଯୋଜନା କରାଗଲେ ସୁଦ୍ଧା ସାଧାରଣ କୃଷକ ନିକଟରେ ଏହାର ଲାଭ ପହଞ୍ଚି ପାରିନଥାଏ। ଏକଥାକୁ ଉପଲବ୍ଧି କରି 'କୃଷକ ସମ୍ମାନ ନିଧି' ନାମକ ଏକ ଯୋଜନା ମାଧ୍ୟମରେ ଦେଶର ୧୨କୋଟି କୃଷକଙ୍କୁ ଜଣ ପିଛା ବାର୍ଷିକ ୬୦୦୦ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି। କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ବଜାର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି। କୃଷି ବୀମା ମାଧ୍ୟମରେ ମଧ୍ୟ ବିଭିନ୍ନ କାରଣରୁ କ୍ଷତିରେ ପଡୁଥିବା କୃଷକ ଭାଇ ଆଜି ନିଜ କ୍ଷତିର ଭରଣା କରିବା ପାଇଁ ସକ୍ଷମ ହୋଇପାରୁଛି। "କୃଷି ଉତ୍ପାଦନ ସଂଘ" ନାମରେ ଏକ ନୂତନ ଯୋଜନା ଲାଗୁ କରାଯାଇ କ୍ଷୁଦ୍ର ଚାଷୀମାନଙ୍କୁ ସଂଗଠିତ କରିବା ପାଇଁ, ସେମାନଙ୍କ ବାର୍ଷିକ ଆୟକୁ ଦ୍ୱିଗୁଣିତ କରିବା ପାଇଁ କୃଷିକୁ ଏକ ଶିଳ୍ପୋଦ୍ୟୋଗରେ ପରିଣତ କରିବାର ପରିକଳ୍ପନା କରାଯାଇଛି। ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ରାଜ୍ୟରେ ଏହି ଯୋଜନା ଲାଗୁ ହୋଇ ଏହାର ସୁଫଳ ମିଳିବା ଆରମ୍ଭ ହୋଇଯାଇଛି।

ଚିକିତ୍ସା ସେବା ଆମ ଦେଶରେ ଅବହେଳିତ ଅବସ୍ଥାରେ ରହିଆସିଛି କହିଲେ ଠିକ୍ ହେବ। ଏଦିଗରେ ମୋଦି ସରକାର ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କାର ସ୍ୱସ୍ଥ୍ୟବୀମା ଯୋଗାଇଦେଇ ଏକ ବଡ଼ ଅନୁଦାନର ବ୍ୟବସ୍ଥା କରିଛନ୍ତି। ପ୍ରତି ଜିଲ୍ଲାରେ ମେଡ଼ିକାଲ କଲେଜ ଖୋଲିବାର ପରିକଳ୍ପନା ଏ ସରକାର ଲାଗୁ କରୁଛନ୍ତି। ଓଡ଼ିଶାରେ ପୁରୀ, ବାରିପଦା, ବାଲେଶ୍ୱର ଆଦି ମୋଟ ୭ଟି ନୂତନ ସ୍ଥାନରେ ମେଡ଼ିକାଲ କଲେଜ ଖୋଲିଛି। ନୂଆ ମେଡ଼ିକାଲ କଲେଜ ଖୋଲିବା ଫଳରେ ଦେଶରେ ଡ଼ାକ୍ତର ସଂଖ୍ୟା ବୃଦ୍ଧି ପାଉଛି। ଦେଶରେ ୧୦,୦୦୦ ସଂଖ୍ୟକ ଜନଔଷଧି କେନ୍ଦ୍ର ସ୍ଥାପନ ଫଳରେ ଜଣେ ସାଧାରଣ ନାଗରିକକୁ ଔଷଧ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି। ଏହି ପଦକ୍ଷେପ ଆମ ଦେଶରେ ଜନକଲ୍ୟାଣ କାର୍ଯ୍ୟର ଏକ ମାଇଲଖୁଣ୍ଟ ସଦୃଶ।

ମୋଦିଙ୍କ ଦ୍ୱାରା ଲାଗୁ କରାଯାଇଥିବା ଯୋଜନାଗୁଡ଼ିକୁ ଏହିପରି ତାଲିକା କଲେ ଦୁଇଶହରୁ ଅଧିକ ହେବ। ଏ ସମସ୍ତ ଏକାଠି କରାଗଲେ ଏକ ପୁସ୍ତିକା ପ୍ରସ୍ତୁତ ହୋଇଯିବ। ଏଣୁ ଆଉ ଦୁଇଟି ମାତ୍ର ଯୋଜନାର ଅବତାରଣା କରି ପ୍ରବନ୍ଧର ସମାପ୍ତି କରିବା।

ଦେଶର ଅବିଚ୍ଛେଦ୍ୟ ଅଙ୍ଗ ଭାବେ କାଶ୍ମୀର ପ୍ରଦେଶ ରହିଛି। ମାତ୍ର ଏଥିପାଇଁ ରହିଥିବା ସାମ୍ବିଧାନିକ ବ୍ୟବସ୍ଥା (ଧାରା ୩୭୦) ଦ୍ୱାରା କାଶ୍ମୀରବାସୀଙ୍କୁ ଅନେକ ବିଶେଷ ସୁବିଧା ଦିଆଯାଉଥିଲା ଯାହାଫଳରେ ଭାରତର ଅନ୍ୟ ପ୍ରଦେଶର ଲୋକମାନେ କାଶ୍ମୀରକୁ ଆପଣେଇବା ପାଇଁ ବାଧା ରହିଥିଲା। ଦେଶର ଆଇନ କାଶ୍ମୀରରେ ଲାଗୁ ହୋଇପାରୁନଥିଲା ଏବଂ କାଶ୍ମୀରରେ କେତେକ ନିର୍ଦ୍ଦିଷ୍ଟ ପରିବାର ଏହାର ଶାସନକୁ କରାୟତ କରି ରଖିଥିଲେ। ୨୦୧୯ ମସିହା ଅଗଷ୍ଟ ମାସ ୭ ତାରିଖ ଦିନ ପାର୍ଲିମେଣ୍ଟରେ ଦେଶର ଗୃହମନ୍ତ୍ରୀ ଅମିତ ଶାହା ଏ ସଂକ୍ରାନ୍ତରେ ଏକ ବିଲ ପାଶ୍ କରି ଧାରା-୩୭୦କୁ ଉଚ୍ଛେଦ କରିଦେଲେ। କାଶ୍ମୀର ଭାରତର ଅନ୍ୟ ପ୍ରଦେଶ ଗୁଡ଼ିକ ପରି ବର୍ତ୍ତମାନ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ଉଭା ହୋଇଛି। ଏହି ନିଷ୍ପତ୍ତି ଦେଶର ସାମ୍ବିଧାନରେ ଥିବା ୭୫ବର୍ଷର କାଳିମାକୁ ପୋଛି ଦେଇଛି ବୋଲି କୁହାଯିବ।

ରାମ ଜନ୍ମଭୂମି ପୀଠର ପବିତ୍ର ମନ୍ଦିରକୁ ଭାଙ୍ଗିଦେଇ ଷୋଡ଼ଶ ଶତାବ୍ଦୀର ମୋଗଲ ବାଦଶାହା ବାବର ଗୋଟିଏ ମସଜିଦ ଢ଼ାଞ୍ଚା ତିଆରି କରିଥିଲା। ସେହି ଦିନରୁ ଆଜିସୁଦ୍ଧା ରାମ ଜନ୍ମଭୂମିର ଉଦ୍ଧାର ପାଇଁ ଦୀର୍ଘ ୫୦୦ବର୍ଷର ଆନ୍ଦୋଳନ ଏବେ ସମାପ୍ତ ହୋଇଛି। ସୁପ୍ରିମକୋର୍ଟର ସହମତି ଭିତ୍ତିକ ନିଷ୍ପତ୍ତି ଫଳରେ ରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣ କରିବା ଏବଂ ସର୍ବୋପରି ଅଯୋଧ୍ୟା ନଗରୀକୁ ବିଶ୍ୱ ପ୍ରସିଦ୍ଧ ନଗରୀର ରୂପ ଦେବା ପାଇଁ ନରେନ୍ଦ୍ର ମୋଦିଙ୍କ ସଂକଳ୍ପ ଓ ପଦକ୍ଷେପ ବେଶ ପ୍ରଶଂସନୀୟ। ଏହି ଗୋଟିଏ କାର୍ଯ୍ୟ କରି ନରେନ୍ଦ୍ର ମୋଦି ଭାରତବାସୀଙ୍କ ହୃଦୟରେ ଯୁଗ ଯୁଗ ପାଇଁ ଜଣେ ରାଷ୍ଟ୍ରନାୟକର ସ୍ଥାନ ଗ୍ରହଣ କରିପାରିଛନ୍ତି।

ଆମ ଦେଶରେ ଏହିପରି ଅନେକ ବଡ଼ ବଡ଼ କାମ ଏବେ ମଧ୍ୟ ଅପୂର୍ଣ୍ଣ ଅଛି। ଗୃହଶତ୍ରୁଙ୍କୁ ଦମନ କରିବା, ଦେଶବାସୀଙ୍କ ହୃଦୟରେ ରାଷ୍ଟ୍ରଭକ୍ତିର ଭାବନା ଭରିଦେବା, ଏବଂ ସର୍ବୋପରି ଭାରତ ବର୍ଷକୁ ପରମ ବୈଭବଶାଳୀ ଦେଶ ଭାବେ ଗଢ଼ିବା ପାଇଁ ମୋଦିଙ୍କ ପରି ଜନନେତା ଆମ ଦେଶ ପାଇଁ ଅତିକମ୍‌ରେ ଆଉ ୧୦ବର୍ଷ ପାଇଁ ଆବଶ୍ୟକ।


*୦୨, ଜ୍ୟୋତି ଏନ୍‌କ୍ଲେଭ,*
*ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ,*
*ଭୁବନେଶ୍ୱର-୭୫୧୦୦୫*
*ଦୂରଭାଷ : ୮୮୯୫୫୨୩୫୬୧*


# ରାଜନୀତିରେ ନୈତିକତାର ଅଭାବ



**ଅସିତ ମହାନ୍ତି**

ନୈତିକତା 'ର ଅର୍ଥ କ'ଣ? ନୈତିକତା ହେଉଛି ବୁଦ୍ଧିର ନିଷ୍ପତ୍ତି, ଯାହା ଭିତରୁ ପ୍ରକାଶିତ ହୁଏ, ଅର୍ଥାତ୍ ଏହା ଭିତରରୁ ବାହାରିଥାଏ, ଯେଉଁଥିରେ ବୁଦ୍ଧି ଏବଂ ବିବେକ ସଠିକ୍ କାର୍ଯ୍ୟ ଏବଂ ଭୁଲ କାର୍ଯ୍ୟ କ'ଣ ଚିହ୍ନଟ କରେ ଏବଂ ସେହି ଅନୁଯାୟୀ ଆମେ ଆମର ଆଚରଣ ଉପସ୍ଥାପନ କରୁ, ତାହା ହେଉଛି ନୈତିକତାର ଅର୍ଥ। ଉତ୍ତମ ଉଦ୍ଦେଶ୍ୟ ଏବଂ ସଚ୍ଚୋଟତାକୁ ସଫଳତାର ପ୍ରଥମ ପଦକ୍ଷେପ ମଧ୍ୟ କୁହାଯାଏ। ନୈତିକ ଗୁଣ ଜଣେ ବ୍ୟକ୍ତିକୁ ସଫଳତାର ଉପଯୁକ୍ତ ପାତ୍ର ଏବଂ ଉପଭୋଗକର୍ତ୍ତା କରିଥାଏ। ଯେଉଁ ନୈତିକ ଗୁଣ ଏକତ୍ର ମିଶି ଯେଉଁ ଚରିତ୍ର ସୃଷ୍ଟି କରେ, ତାହା କେବଳ ସଫଳତା ପାଇଁ ତିଆରି ହୋଇଥାଏ। ଯଦି ସଫଳତା ନୈତିକ ଗୁଣର ମୂଳଦୁଆ ଉପରେ ଛିଡା ହୁଏ, ତେବେ ସ୍ଥିରତା ସ୍ୱୟଂଚାଳିତ ଭାବରେ ଏଥିରେ ଆସେ। ନହେଲେ ସ୍ଥିରତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ଏଭଳି ପରିସ୍ଥିତିରେ ବ୍ୟକ୍ତି ଅନୈତିକତାର ଶିକାର ହୋଇ ସ୍ଥିରତାକୁ ଖୋଜେ। ସରଳ ଶବ୍ଦରେ, ନୈତିକତା ହେଉଛି ଯେ, ଯେତେବେଳେ ଆମେ ଦେଶ, ପରିବେଶ, ନିୟମ, ଆଇନ, ସଂସ୍କୃତି, ରୀତିନୀତିକୁ ଧ୍ୟାନରେ ରଖି ଆମର ବୁଦ୍ଧି ବ୍ୟବହାର କରୁ ଏବଂ କେଉଁ ଆଚରଣ କରିବା ଉଚିତ ଏବଂ କେଉଁ ଆଚରଣ କରିବା ଉଚିତ ନୁହେଁ ତାହା ସ୍ଥିର କରିବା। ଏହାକୁ ନୈତିକତା କୁହାଯାଏ। ଏବଂ ଏହି ନିୟମକୁ ଅନୁସରଣ କରୁଥିବା ବ୍ୟକ୍ତିଙ୍କୁ ଏକ ନୈତିକ ବ୍ୟକ୍ତି କୁହାଯାଏ। ଏବଂ ଗୋଟିଏ ଧାଡିରେ, ନୈତିକତାର ଅର୍ଥ ହେଉଛି ଆଚରଣରେ ଉପଯୁକ୍ତ ଆଚରଣ, ଯାହା ହେତୁ କୌଣସି ନିୟମ ପ୍ରଭାବିତ ହୁଏ ନାହିଁ। ସେହି ଆଚରଣ ହେଉଛି ନୈତିକତା। ତେଣୁ ନୈତିକତାର ପ୍ରଶ୍ନ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁଜ୍ୟ। କାରଣ ରାଜନୀତି ଆଧାରରେ ସମଗ୍ର ଦେଶରେ ସବୁକିଛି ନିୟନ୍ତ୍ରିତ ହୋଇଥାଏ ଏବଂ ଏହା ଆମ ଜୀବନକୁ ସିଧାସଳଖ ଭାବରେ ପ୍ରଭାବିତ କରିଥାଏ, ସେଥିପାଇଁ ନୈତିକତାର ପ୍ରଶ୍ନ ମଧ୍ୟ ଏଥିରେ ଜଡିତ। ରାଜନୀତିରେ ନୈତିକତାର ପ୍ରଶ୍ନ ବିଜ୍ଞାନ ସମ୍ମତ ଅଟେ। ଦେଶ ତଥା ବିଶ୍ୱର ଐତିହାସିକ ଅଧ୍ୟୟନ ମାଧ୍ୟମରେ ରାଜନୀତି ନୀତି ପ୍ରସ୍ତୁତ କରେ। ରାଜନୀତି, ଅର୍ଥାତ୍ ରାଜ୍ୟର ନୀତି କାହାର ଇଚ୍ଛା ଅନୁଯାୟୀ କରାଯାଏ ନାହିଁ, କିନ୍ତୁ ଏହା ବୈଜ୍ଞାନିକ ପଦ୍ଧତି ଗ୍ରହଣ କରି କରାଯାଇଥାଏ। ଏହା ଏକ ପଦ୍ଧତିଗତ ଅଧ୍ୟୟନ ଯାହା ପରୀକ୍ଷା, ସାଧରଣୀକରଣ ଏବଂ ଯାଞ୍ଚ ପରେ ସମାଜରେ କାର୍ଯ୍ୟକାରୀ ହୋଇଥାଏ। ରାଜନୀତି ହେଉଛି ଦୁଇଟି ଶବ୍ଦର ସମୂହ (ରାଜ ଅର୍ଥ ଶାସନ ଏବଂ ନୀତିର ଅର୍ଥ ହେଉଛି ଠିକ୍ ସମୟରେ ଏବଂ ସଠିକ୍ ସ୍ଥାନରେ ସଠିକ୍ କାର୍ଯ୍ୟ କରିବାର କଳା) ଯଥା ଏକ ନିର୍ଦ୍ଦିଷ୍ଟ ନୀତି ମାଧ୍ୟମରେ ଶାସନ କରିବା କିମ୍ବା ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ କରିବା ରାଜନୀତି କୁହାଯାଏ। ରାଜନୈତିକ ନୈତିକତା କେବଳ ନେତାମାନଙ୍କୁ ଏପରି କାର୍ଯ୍ୟ କରିବାକୁ ଅନୁମତି ଦିଅନ୍ତି ଯାହା ବ୍ୟକ୍ତିଗତ ଜୀବନରେ ଭୁଲ ହେବ କିନ୍ତୁ ସେମାନଙ୍କୁ ବ୍ୟକ୍ତିଗତ ଜୀବନର ଆବଶ୍ୟକୀୟ ଉଚ୍ଚ ମାନ ପୂରଣ କରିବାକୁ ଆବଶ୍ୟକ କରେ। ଗୋଟିଏ ପଟେ ଭଲ ରାଜ୍ୟ ଏବଂ ଉତ୍ତମ ସମାଜର ନୀତି ପାଇଁ ନିରପେକ୍ଷ ସନ୍ଧାନ ଏବଂ ଅନ୍ୟ ପଟେ ରାଜନୈତିକ ଏବଂ ସାମାଜିକ ବାସ୍ତବତା ପାଇଁ ନିରପେକ୍ଷ ସନ୍ଧାନର ଏକ ମିଶ୍ରଣ। ରାଜନୈତିକ ଦର୍ଶନ - ରାଜନୀତିର ଏକ ନୈତିକ ତତ୍ତ୍ୱ ଏବଂ ରାଜନୈତିକ ଚିନ୍ତାଧାରାର ଐତିହାସିକ ଅଧ୍ୟୟନ। ଏକ ବୈଜ୍ଞାନିକ ମାନକ। ରାଜନୈତିକ ଚିନ୍ତାଧାରାର ଭାଷାଗତ ବିଶ୍ଳେଷଣ। 'ରାଜନୀତି' ଗ୍ରୀକ୍ ଶବ୍ଦ 'ପଲିସ୍'ରୁ ଉତ୍ପନ୍ନ ହୋଇଛି ଯାହାର ଅର୍ଥ ହେଉଛି 'ସହର' ବା 'ରାଜ୍ୟ'। ପ୍ରାଚୀନ ଗ୍ରୀସରେ ପ୍ରତ୍ୟେକ ସହର ଏକ ସ୍ୱାଧୀନ ରାଜ୍ୟ ଭାବରେ



ସଂଗଠିତ ହୋଇଥିଲା ଏବଂ ରାଜନୀତି ଶବ୍ଦରୁ ସେହି ସହର ରାଜ୍ୟଗୁଡିକ ସହିତ ଜଡିତ ଶାସନର ଜ୍ଞାନକୁ ବୁଝାଯାଉଥିଲା। ନୈତିକତା ଏକ ବିଶେଷ ସାମାଜିକ ପରିମଣ୍ଡଳରୁ ଆବିର୍ଭାବ ହୋଇଛି। ସମାଜର ବିକାଶର କ୍ରମରେ ନୈତିକତାର ଧୀରେ ଧୀରେ ବିକାଶ ହୋଇଛି ଏବଂ ଏହି ଶବ୍ଦଟି ସେତେବେଳେ ପରିପକ୍ୱ ହୋଇ ସାମ୍ନାକୁ ଆସିଛି, ଯେତେବେଳେ ସମାଜ ବର୍ଗ ବିଭାଜିତ ହୋଇଛି। ଜଣେ ଅନ୍ୟଜଣକୁ ଶୋଷଣ କରୁଛି, ଅନ୍ୟାୟ ଅତ୍ୟାଚାର କରୁଛି। ଅର୍ଥାତ ମାଲିକ ଏବଂ ଶ୍ରମିକ ମଧ୍ୟରେ ଦ୍ୱନ୍ଦ ସଂଘାତ ହେଉଛି। ଏହି ସ୍ଥାନରେ ନୈତିକତା ଏବଂ ଅନୈତିକତାର ପ୍ରଶ୍ନ ଆସିଛି।

ଉପରୋକ୍ତ ବକ୍ତବ୍ୟରୁ ଜଣା ପଡିଛି ଯେ ରାଜନୀତି ଏକ ଉଚ୍ଚ ହୃଦୟର ବୃତ୍ତି ବା କାରବାର। କିନ୍ତୁ ବର୍ତ୍ତମାନ ସମୟରେ ରାଜନୀତି କିଛି ଅଲଗା ହୋଇଯାଇଛି। ଯାହାକୁ ଜଣେ ବ୍ୟକ୍ତି ନୈତିକତାର ଶିକ୍ଷା ଦେବାକୁ ଚାହାଁନ୍ତି, ଏହାକୁ ନୈତିକତାର ଉଲ୍ଲଂଘନ ବୋଲି ବିବେଚନା କରନ୍ତି, କିନ୍ତୁ ଯଦି ସେହି ସମାନ ବ୍ୟକ୍ତି ଯିଏ ଅନୈତିକ କାର୍ଯ୍ୟ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ରାଜନୈତିକ ଦୃଷ୍ଟିରୁ ଲାଭଦାୟକ, ତେବେ ସେହି ଅନୈତିକ କାର୍ଯ୍ୟ ନୈତିକ ହୋଇଯାଏ। ତାହା ହେଉଛି, ଏହା ରାଜନୈତିକ ବୈଜ୍ଞାନିକ ପଦ୍ଧତିକୁ ପ୍ରତ୍ୟାଖ୍ୟାନ କରିଛି। ଏହାର ଫଳାଫଳ ରାଜନୈତିକ କ୍ଷେତ୍ରରେ ନିଶ୍ଚିତ ଭାବେ ନକାରାତ୍ମକ ହେବ। ଯାହା ବର୍ତ୍ତମାନ ରାଜନୀତିରେ ଦୃଷ୍ଟିଗୋଚର ହେଉଛି. ନୈତିକତା ବିହୀନ ରାଜନୀତି କେବଳ ଦେଶକୁ ରଶାତଳକୁ ନେଇଯାଏ ନାହିଁ ବରଂ ଦେଶର ଜନତାଙ୍କୁ ଅନ୍ଧାରରେ ରଖି ସେମାନଙ୍କୁ ଅନୈତିକ ରାସ୍ତାରେ ଯିବାକୁ ବାଧ୍ୟ କରିଥାଏ। ତେଣୁ ଦେଶର ଜନସାଧାରଣଙ୍କୁ ଦେଶରେ ଚାଲିଥିବା ପ୍ରତ୍ୟକ ରାଜନୈତିକ ଘଟଣାକୁ ବୈଜ୍ଞାନିକ ପଦ୍ଧତ୍ତି ମାଧ୍ୟମରେ ବିଶ୍ଳେଷଣ କରିବା ଉଚିତ। ନଚେତ, ଅନୈତିକତାକୁ ନୈତିକତା ବୁଝି ଆମେ ଭୁଲ କରିବସିବା। ଏକଥା ଭୁଲିଯିବା ଉଚିତ ନୁହେଁ ଯେ ରାଜନୀତି ଏକ ବିଜ୍ଞାନ ଏବଂ ବିଜ୍ଞାନ କଦାପି ମାନବ ସଭ୍ୟତାର ଅପକାର କରେନାହିଁ।


*ସୁଜନପୁର, ଯାଜପୁର*
*ଦୂରଭାଷ: ୯୩୪୮୭୬୮୮୧୨*

## ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**

ଭାଗ-୦୨



ଦୀର୍ଘଶ୍ୱାସ ବାହାରିଗଲା ପରେ ପରା ମଣିଷର ମନ ଓ ଶରୀର କାଳେ ହାଲୁକା ହୋଇଯାଏ ! ଛାତି ଭିତରର ସବୁ ଓଜନିଆ ଦୁଃଖ ଓ ଅବସୋସ କାଳେ ବାଷ୍ପୀଭୂତ ହୋଇଯାଏ ! ସବୁ ଏକାକୀତ୍ୱ ଆଉ ଅପୂର୍ଣ୍ଣତା କାଳେ ପୂର୍ଣ୍ଣ ହୋଇଯାଏ !

ଗୋଟାଏ ନୁହେଁ, ଲାଗେ ଲାଗ ତିନିଟି ଦୀର୍ଘଶ୍ୱାସ ତାଙ୍କ ଭିତରୁ ବାହାରିଯାଇ ଶୂନ୍ୟରେ ମିଳାଇ ଯିବା ପରେ ମଧ କାଣିଚାଏ ବି ଉଣା ହୋଇପାରୁନି ନିଜ ଭିତରର ଯାତନା।

ଶୁଷ୍କ ହସ ଚିରୁଡାଏ ଶୁଭକାନ୍ତଙ୍କ ଓଠ ଉପରେ ଦେଖାଦେଇ ତତ୍‌କ୍ଷଣାତ୍ ମିଳାଇଗଲା। ସେ ଭାବିଲେ-ହେତ୍, ଦୀର୍ଘଶ୍ୱାସ ଯଦି ମଣିଷ ଭିତରର ସବୁ ଦୁଃଖ ଓ ଦୁଶ୍ଚିନ୍ତାକୁ ଏମିତି ବାଷ୍ପ କରି ପବନରେ ମିଳାଇ ଦେଇ ପାରୁଥାଆନ୍ତା, ତେବେ ଜୀବନ ଏତେ କର୍ଦ୍ଦମାକ୍ତ, ଏତେ ଯନ୍ତ୍ରଣାମୟ ହୋଇଥାଆନ୍ତା କି ?

ଟେଲିଫୋନ୍‌ର ଘଣ୍ଟି ପୁଣି ବାଜି ଉଠିଲା।

ରାଜଲକ୍ଷ୍ମୀ ଚାହିଁଲେ ଶୁଭକାନ୍ତଙ୍କ ଆଡକୁ। ଚାହିଁବାର ଅର୍ଥ, ସେ ଯାଇ ଫୋନ୍ ଉଠାନ୍ତୁ।

ଶୁଭକାନ୍ତ ସେ ଆଡକୁ ନଜର ନ ଦେଇ ଚାହିଁଥିଲେ ବାହାରକୁ, ଯଦିଓ ବାହାରେ ସେପରି କୌଣସି ଅଲୌକିକ ଦୃଶ୍ୟ ସଂଘଟିତ ହେଉ ନଥିଲା, ଯାହାକୁ ସେ ଉପଭୋଗ କରିଥାନ୍ତେ।

ଅନେକ କଷ୍ଟରେ ରାଜଲକ୍ଷ୍ମୀ ଓହ୍ଲାଇଲେ ଖଟରୁ। ରିସିଭରକୁ ନେଲେ କାନ ପାଖକୁ।

ସେପାଖରୁ ଆସୁଥିବା ବାର୍ତ୍ତା ଯ ସୁଖକର ନ ଥିଲା, ଏହା ସ୍ପଷ୍ଟ ସୂଚେଇ ଦେଉଥିଲା ରାଜଲକ୍ଷ୍ମୀଙ୍କ କୁଞ୍ଚିତ କପାଳ। ଘର୍ମାକ୍ତ ମୁହଁ। ସେପାଖରୁ ଆସୁଥିବା ବାର୍ତ୍ତାକୁ ସେ ନିରବରେ ଶୁଣିଲେ ଏବଂ ରିସିଭରକୁ କ୍ରେଡାଲ ଉପରେ ଥୋଇ ଫେରିବା ବେଳକୁ ସମ୍ପୂର୍ଣ୍ଣ ଭାବରେ ବୁଡିଯାଇଥିଲେ ଝାଳରେ। ଅଜଣା ଆତଙ୍କଟିଏ କାୟା ବିସ୍ତାର କରି ସାରିଥିଲା ତାଙ୍କର ସମଗ୍ର ଶରୀର ଉପରେ। ଥରଥର ପାଦରେ ସେ ଫେରିଆସିଲେ ନିଜ ପିଲାଙ୍କ ପାଖକୁ ଏବଂ ସେଠାରୁ ଫେରିଯାଇ ଠିଆହେଲେ ଶୁଭକାନ୍ତଙ୍କ ପାଖରେ। ଅପେକ୍ଷା କଲେ, କାଳେ ସେ ପଚାରିବେ ଟେଲିଫୋନ୍‌ର ବାର୍ତ୍ତା ସମ୍ପର୍କରେ।

ଶୁଭକାନ୍ତ କିନ୍ତୁ ଆଦୌ ଆଗ୍ରହୀ ନଥିଲେ କିଛି ପଚାରିବାକୁ କିମ୍ବା ଶୁଣିବାକୁ। କଥା ପଦେ କହିବା ପାଇଁ ଯେଉଁ ସାମାନ୍ୟ ଇଚ୍ଛା ଓ ସାମର୍ଥ୍ୟ ଆବଶ୍ୟକ, ସେ ହରାଇ ବସିଥିଲେ ସେଇ ସମୟରେ। ସେ ଜାଣିଥିଲେ, ଏଭଳି ସମୟରେ ଟେଲିଫୋନ୍ ମାଧମରେ ଆସିଥିବା ସେଇ ସମ୍ବାଦଟି କେବେ ସୁସମ୍ବାଦ ନ ଥିବ। ଥିବ ଦାରୁଣ ଦୁଃସମ୍ବାଦ।

ସତେ କି କେବଳ ଦୁଃସମ୍ବାଦ ଶୁଣିବା ଏବଂ ଦୁଃସମୟରେ ବଞ୍ଚିବା ତାଙ୍କର କପାଳ ଲିଖନ !

: ଥାନାରୁ ଫୋନ୍ ଆସିଥିଲା। - ଶୁଭକାନ୍ତଙ୍କ ଆଡୁ କୌଣସି ଆଗ୍ରହ ନ ଦେଖି ରାଜଲକ୍ଷ୍ମୀ ନିଜ ଆଡୁ କହିଲେ- "କେହି ଜଣେ ଅତ୍ୟନ୍ତ ରୁକ୍ଷ ଓ ଅଭଦ୍ର ସ୍ୱରରେ ଆଦେଶ ଦେବା ପରି କହୁଥିଲେ, ଥାନାରେ ଦେଖା କରିବା ପାଇଁ।"

: ସାରା ଦୁନିଆରେ ସମସ୍ତେ ରୁକ୍ଷ ଓ ଅଭଦ୍ର। ଏକା ତୁମ ଯୋଗ୍ୟ ସନ୍ତାନଟି ନରମ ଓ ଭଦ୍ର ! ଏଇଆ ତ ! - ଟିପ୍ପଣୀ ଦେଲେ ଶୁଭକାନ୍ତ ଏବଂ ଚେୟାର ଉପରକୁ ଶୋଇଭା ଭଙ୍ଗୀରେ ଆଉଜି ପଡିଲେ।

ଆହତ ହେଲେ ରାଜଲକ୍ଷ୍ମୀ। ଗୋଟାଏ କ୍ରୋଧ ସଞ୍ଚରିଗଲା ତାଙ୍କ ମନ ଉପରେ। ତଥାପି ନିଜକୁ ଆୟତ୍ତ କରି ସେ ଶାନ୍ତ ସ୍ୱରରେ କହିଲେ: 'ଏମିତି ବାରମ୍ବାର ତାକୁ ମୋ ପୁଅ ମୋ ପୁଅ ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ଏକଥା କହି ତୁମେ କ'ଣ ପ୍ରମାଣିତ କରିବାକୁ ଚାହୁଁଛ ? ସେ କ'ଣ କେବଳ ମୋ ପୁଅ ! ତୁମ ପୁଅ ନୁହେଁ?'

କାମଟିଏ ମନେ ପଡିଯିବା ପରି ଶୁଭକାନ୍ତ ଉଠି ଠିଆହେଲେ, ଗଲେ କପ୍‌ବୋର୍ଡ ପାଖକୁ। ସେଠୁ ଫେରିଲେ। ଡାଇନିଂ ଟେବୁଲ ଉପରେ ରଖାଯାଇଥିବା ବୋତଲରୁ ଦି ଢୋକ ପାଣି ପିଇ ର୍‍ୟାକ୍‌ରୁ ବାହାର କଲେ ନିଜ ପ୍ୟାଣ୍ଟ ସାର୍ଟ। ପିନ୍ଧିଲେ। ସାର୍ଟରେ ବୋତାମ ଦେଉ ଦେଉ କହିଲେ - "କିଏ କହିଲା ସେ ମୋ ପୁଅ ନୁହେଁ? ସେ ଅଲବତ୍ ମୋ ଔରସରୁ ଜନ୍ମିତ ସନ୍ତାନ। ହେଲେ ଏବେ ଭାବୁଛି, ମୁଁ ତା ବାପା ହୋଇପାରେ, କିନ୍ତୁ ସେ ମୋ ପୁଅ ନୁହେଁ।"

ସ୍ୱାମୀଙ୍କ କଥାରୁ କିଛି ବୁଝି ନ ପାରି ରାଜଲକ୍ଷ୍ମୀ ବଲବଲ କରି ଚାହିଁରହିଥିଲେ ତାଙ୍କ ମୁହଁକୁ।

ତାଙ୍କୁ ବୁଝାଇବା ପାଇଁ ତିଳେମାତ୍ର ଆଗ୍ରହ ନଥିଲେ ସୁଦ୍ଧା ଶୁଭକାନ୍ତ ବାଧ ହୋଇ କହିଲେ- "ତାକୁ ମୁଁ କାଢ଼ି ଫୋପାଡି ଦେଇଛି ମୋ ମନ ଓ ଛାତି ଭିତରୁ। ତା'ର କିମ୍ବା ମୋର ଆଉ କିଛି ବି ଆବଶ୍ୟକତା ନାହିଁ କାହା ପାଖରେ। ସେ ବରଂ କେବଳ ତୁମ ପୁଅ ହୋଇ ରହୁ। ରହିଥାଉ।

- କିଏ ନିଜର ଜନ୍ମିତ ସନ୍ତାନକୁ ନେଇ ଏପରି କଥା କୁହେ? ତୁମେ ବାପଟି। ଛାତି ଉପରେ ପଥର ରଖି କେମିତି ଏମିତି କଥା କହିପାରୁଛି ତୁମେ? - ଥମ୍ ଥମ୍ ଶୁଭୁଥିଲା



ରାଜଲକ୍ଷ୍ମୀଙ୍କ ସ୍ୱର।

ଶୁଭାକାନ୍ତଙ୍କୁ ଆଦୌ ପ୍ରଭାବିତ କରିପାରିଲା ନାହିଁ ରାଜଲକ୍ଷ୍ମୀଙ୍କ ଏକଥା। ସେ ବସିଥିବା ସ୍ଥାନରୁ ପୁଣି ଉଠି ଠିଆହେଲେ। ଘର ଭିତରେ କିଛି ଗୋଟାଏ ଖୋଜିବା ଖୋଜିବା ହେଲେ ଏବଂ ପୁଣି ଯାଇ ବସିଲେ ନିଜ ଆର୍ମ ଚେୟାରରେ।

ପ୍ରଦୀପ୍ତ, ତାଙ୍କ ଡ୍ରାଇଭର କେତେବେଳଠାରୁ ଆସି ଠିଆହୋଇ ରହିଥିଲା ଡାଇନିଂ ହଲର କବାଟ ପାଖରେ। ନିଜର ଉପସ୍ଥିତିକୁ ସୂଚାଇବା ପାଇଁ ଥରେ ଦି ଥର ଖଣ୍ଡିକାଶ ବି ମାରିଲା। ବାବୁ ଓ ମା'ଙ୍କ ଭିତରେ ଗରମାଗରମ କଥାବାର୍ତ୍ତା ଶୁଣି ନିରବରେ ପୁଣି ଚାଲିଗଲା ଗାଡି ପାଖକୁ।

ଘରୁ ବାହାଯିବା ସମୟରେ ଶୁଭକାନ୍ତ କହିଲେ- "ଫେରୁ ଫେରୁ ଡେରି ହୋଇଯାଇପାରେ। ଯେଉଁ କାମରେ ଯେଉଁ ସ୍ଥାନକୁ ମୁଁ ଯାଉଛି, ସେଠାରୁ ଯଥା ସମୟରେ ଫେରିବାର କିଛି ଠିକ୍ ଠିକଣା ନଥାଏ। ତୁମେ ଗ୍ରୀଲ୍ ଓ କବାଟ ବନ୍ଦ କରି ଘରେ ରୁହ। ମା'ଶାରଳାଙ୍କ ରାଣ, ସତ କହୁଚି, ମୋ ଆତ୍ମା ଜମା ଚାହୁଁନାହିଁ ଥାଏ ଦ୍ୱାର ମୁହଁ ମାଡିବା ପାଇଁ। କୌଣସି ସରଳ, ଭଦ୍ର ମଣିଷ କେବେ ଯାଏ ସେଠିକି ?

ମଣିଷ କେଉଁ ଜନ୍ମରେ କି ପାପ କରିଥିଲା କେଜାଣି, ଏପରି ଘୋଡାମୁହଁ ସନ୍ତାନ ପାଇଲା।

କ୍ଷଣେ ଚୁପ୍ ହେଲେ ଶୁଭକାନ୍ତ। ନାସ୍ତିସୂଚକ ମୁଣ୍ଡ ହଲାଇ ହଲାଇ ଅନୁଭ ସ୍ୱରରେ କହିଲେ- "ଶେଷ ହୋଇଗଲାଣି ତ ଏ ପରମାୟୁ। ଆଉ କେଇଟା ଦିନ ବା ଏ ସଂସାରରେ ? ଯଦି ଏ ଜନ୍ମରେ ମୁଁ କିଞ୍ଚିତ ପୂଣ୍ୟକର୍ମ କରିଥାଏ, ଯଦି ମୁଁ ଆରଜନ୍ମରେ ମଣିଷ ଜନ୍ମ ପାଏ, ଯଦି ଭଗବାନ ମୋ ଉପରେ ସନ୍ତୁଷ୍ଟ ହୋଇ ମାତ୍ର ଗୋଟିଏ ବର ମାଗିବାକୁ ମୋତେ କୁହନ୍ତି, ତେବେ ମୁଁ ମାଗିବି ... ହେ ପ୍ରଭୁ, ମୋତେ ନିଃସନ୍ତାନ କର, ଦରକାର ନାହିଁ ମୋର ପୁତ୍ର, ପୌତ୍ର..."

ବସିବା ସ୍ଥାନରୁ ଉଠି ଆସିଲେ ରାଜଲକ୍ଷ୍ମୀ। ଆବେଗରେ ମୁଠାଇ ଧରିଲେ ସ୍ୱାମୀଙ୍କ ହାତକୁ। ଠପ୍‌ଠପ୍ ଲୁହ କେଇବୁନ୍ଦା ଖସି ପଡିଲା ତାଙ୍କ ଆଖିରୁ। କୋହାଚ୍ଛନ୍ନ ଖଣ୍ଡରେ ସେ କହିଲେ- "କାଇଁକି ବାଇଆଙ୍କ ପରି ଏମିତି ଆଡୁସାଡୁ ଗପୁଚ ? ଟିକେ ସ୍ଥିର ମନରେ ସବୁ କଥା ଚିନ୍ତା କର। ଏମିତି ଅଧୈର୍ଯ୍ୟ ହେଲେ କ'ଣ ସବୁ ସମସ୍ୟାର ସମାଧାନ ହୋଇଯିବ ଆପଣାଛାଏଁ? କଥାକୁ ଟିକେ ତଳେଇକି ଦେଖ। ବାହାରିଯିବ ଆପଣାଛାଏଁ ସମାଧାନର ବାଟ। ଟିକେ ସ୍ଥିର ହୁଅ ତୁମେ। ନଇଁପଡିଲେ ପରା ଲହଡି ଚାଲିଯାଏ।"

: ଆହା କି ସୁନ୍ଦର କଥା ଦି' ପଦ ଶୁଣିଲା ଆଜି ଏ ଦୁଇ କାନ। ଏପରି ଅମୃତବୋଳା କଥାଗୁଡା ଏତେ ଦିନଯାଏ କୋଉଠି ଲୁଚାଇ ରଖିଥିଲ ? ମୋ ମନ, ଆତ୍ମା ଏକାଥରକେ ସବୁ ଶାନ୍ତ ହୋଇଗଲା ହେ ତୁମ କଥା ଶୁଣି। ତମେ ଗୋଟାଏ କାମ କର। ନଇଁପଡି ଲହଡି ଭାଙ୍ଗୁଥାଅ ଯେତେ ଇଚ୍ଛା, ମୁଁ ଆସୁଛି।

ଶୁଭକାନ୍ତଙ୍କୁ ଧରି ପକାଇ ରାଜଲକ୍ଷ୍ମୀ କାନ୍ଦ କାନ୍ଦ ହୋଇ କହିଲେ- ବିପଦ ବେଳେ ପରଲୋକ ବି ପଦେ କୁହନ୍ତି। ତୁମେ ଏମିତି ହେଲେ ମୁଁ କଣ କରିବି ? ସଂସାର ଚଳିବ କେମିତି ?

: ସଂସାର ! କେଉଁ ସଂସାର ? କାହା ସଂସାର ? - ଆବାକ ସ୍ୱରରେ ପଚାରିଲେ ଶୁଭକାନ୍ତ ଏବଂ ନିଜ ପ୍ରଶ୍ନର ଉତ୍ତର ନିଜେ ଦେଲେ - ସଂସାର ଆଉ ଅଛି ଯେ ମୁଁ ତାକୁ ଚଳେଇବି ! ଯେଉଁ ସଂସାରରେ ଦିନେ ମୁଣ୍ଡ ଟେକି ଚାଲୁଥିଲି, ସେଇଠି ଏବେ ମୁଣ୍ଡ ପୋତିବାକୁ ପଡୁଛି। ଯେଉଁଠି ଛାତି ଫୁଲେଇ ଯାଆ ଆସ କରୁଥିଲି, ସେଠି ଏବେ ଗାତରେ ପଶି ରହିବାକୁ ବାଧ ହେଉଛି। ବର୍ଷ ବର୍ଷ ଧରି ଯେଉଁ ସୁନାମ ଟିକକ ଅର୍ଜିଥିଲି, ତାହା ଏବେ ଲୁଣ୍ଠିତ ହୋଇଯାଇଛି। ଏ ଅଜଣା, ଅଚିହ୍ନା ସଂସାରରେ ଆଉ ମୁହୂର୍ତ୍ତେ ରହିବାକୁ ମୋର ଆତ୍ମା ଡାକୁନି...

କଇଁକଇଁ ହୋଇ କାନ୍ଦି ଉଠିଲେ ରାଜଲକ୍ଷ୍ମୀ !

ଶୁଭକାନ୍ତ ଆଗେଇଗଲେ ଗାଡି ପାଖକୁ।

ଗ୍ୟାରେଜରୁ ଗାଡି ବାହାର କରି ପ୍ରଦୀପ୍ତ କାରର ଡୋର ଖୋଲି ଧରି ଅପେକ୍ଷା କରିଥିଲା। ଗାଡି ଭିତରେ ପଶି ଅନେକ କ୍ଳାନ୍ତି ମେଣ୍ଟାଇବା ପରେ ସିଟ୍‌କୁ ଆଉଜି ପଡି ଆଖି ବନ୍ଦ କଲେ ଶୁଭକାନ୍ତ।

"ଚାଲ୍ ରାମପୁର ଥାନାକୁ।" - ପ୍ରଦୀପ୍ତକୁ ଆଦେଶ ଦେଇ ଶୁଭକାନ୍ତ ନିଜକୁ ହଜେଇ ଦେଲେ ନିରବତା ଭିତରେ। ***(କ୍ରମଶଃ)***

## ପଥର



**ଶରତ କୁମାର ଦାସ**

ପଥରର କ'ଣ ଜୀବନ ଅଛି ?
ନା ସେ ଚାଲିପାରେ,
ଉଡିପାରେ ଅବା ବୁଡିପାରେ ?
ତମେ କହିବ-ନାଁ, ସେ ପା ନିର୍ଜୀବ,ଜଡ।
ପଥର କ'ଣ କଥା କହିପାରେ ନା ଶୁଣିପାରେ ?
ତମେ କହିବ-ନାଁ।
ପଥର କ'ଣ କିଛି ଦେଖିପାରେ
ନା କିଛି ଅନୁଭବ କରିପାରେ ?
ତମେ କହିବ- ନାଁ, ଜମା ନୁହେଁ।
ହେଲେ ମୁଁ ଦେଖିଛି
ପଥର ଭିତରେ ଅଛି ଗୋଟେ ନିଷ୍ପାପ ଜୀବନ
ତା ସରଳ ବିଶ୍ୱାସର ମଧୁର ଚୁମ୍ବନ।
ମୁଁ ଶୁଣିଛି
ତା' ଛାତି ତଳର ଅସରନ୍ତି ସ୍ପନ୍ଦନ
ତା' କଅଁଳ ନିଃଶ୍ୱାସର ସିକ୍ତ ଓ ମଧୁର କମ୍ପନ।
ମୁଁ ଠିକ୍ ମାପିଛି
ତା' ଆଖି ହଳକରେ ଓହଳି ଥିବା ଲୁହର ଘନତା
ଆଉ ତା' ମନରେ ଖୁନ୍ଦିହୋଇରହିଥିବା
ଯୁଗ ଯୁଗର କୋହର ଗଭୀରତା।
ପଥର ବି କଥା କହିପାରେ,ଶୁଣିପାରେ
ହସିପାରେ ପୁଣି ଗୁମୁରିଗୁମୁରି କାନ୍ଦିପାରେ
ମାତ୍ର ଲୁଚି ଲୁଚି ଅଦୃଶ୍ୟରେ
ସମସ୍ତଙ୍କ ଅଜାଣତରେ।
ସେ ବି ଅନୁଭବ କରିପାରେ ଦୁଃଖ
ପୁଣି ଖୋଜିପାରେ ଦୁଃଖର କାରଣ
ପୋଛିଦେଇପାରେ ଅନ୍ୟ ଆଖିର ଲୁହ,
ନିଜ ଲୁହକୁ ପୋଷପୋଷ ପିଇ ଅନାୟସରେ।
ପଥର ହେଲେ ବି
ତା' ଛାତିଟା କେତେ କୋମଳ ସତେ !
କେତେ ଆବେଗ ଭରିଛି ତା' ଦେହେ !
ଦେଖିବ ଯଦି ତ ଆସ
ଏ ନିରୋଳା କିଟିକିଟି ଅନ୍ଧାରର ଆବରଣ ତଳେ
ସେ କିପରି ହସୁଛି କାନ୍ଦୁଛି ଛାଏଁ ଛାଏଁ
ଉଠୁଛି ପଡୁଛି ଧାଉଁଛି ଶୂନ୍ୟକୁ ଏକଲୟରେ।
ଶୁଣିବ ଯଦି ତ ଆସ
ତା' କାକୁସ୍ଥ ହୃଦୟର ମର୍ମସ୍ପର୍ଶୀ ଡାକ
ତା' ଆର୍ତ୍ତ ଯନ୍ତ୍ରଣାର କରୁଣ ବିଳାପ।
ପାରିବ ଯଦି ତ ପଚାରି ବୁଝ
ତା' ଅସମାପ୍ତ ଅବସୋସର ସୁଦୀର୍ଘ ଇତିବୃତ୍ତ।
ବିଶ୍ୱାସ-ଅବିଶ୍ୱାସର ଡହଡହ ତାତିରେ
ହୁତୁହୁତୁ ଜଳୁଛି ତା' ଜହ୍ନରାତିର ନଅର
ପୋଡି ପାଉଁଶ ହେଉଛି ତା' ଭାଗ୍ୟ ଓ ଭବିଷ୍ୟ
ତା' ପାଦଚିହ୍ନ, ତା' ଅତୀତ ଓ ବର୍ତ୍ତମାନ।
ପଙ୍ଗୁ, ଅଥର୍ବ ଓ ଅଲୋଡା ପରି ପଡିଛି ସେ
କୋଉ ଆଦିମ କାଳରୁ
ବାଟରେ, ଘାଟରେ ପୁଣି ଗାଧୁଆ ତୁଠରେ
ସମର୍ପି ଦେଇ ତା' ସବୁତକ ସୁଖ ଓ ସୌଭାଗ୍ୟ
ଖାସ୍ କେବଳ ତମରି ସ୍ୱାର୍ଥରେ।

***ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ***
***ବଡବିଲ ମହାବିଦ୍ୟାଳୟ, ବଡବିଲ***
***ଜିଲ୍ଲା-କେନ୍ଦୁଝର***
***ଦୂରଭାଷ : ୮୨୪୯୧୩୭୦୯୧***



## ମଧୁର ଯନ୍ତ୍ରଣା



**ରଜୀତ ଦାସ୍**

ଗୋଟିଏ ମାଛି ଅନ୍ଧାରର ନୀରବତାକୁ ଭାଙ୍ଗି
ଭାସି ଆସେ ଦରଭଙ୍ଗା ହସ ଚେନାଏ

ମାଛି ଅନ୍ଧାର, ସୂର୍ଯ୍ୟଙ୍କ ପିଛା କରି ଚାଲିଯାଏ
ଦୂରରୁ ଦୂରକୁ
ସେଇ କଅଁଳି ଅନ୍ଧାର ଭିତରୁ
ନେତ ବୁଢ଼ୀର ଭାସି ଆସୁଥିବା ଚେନାଏ ହସରୁ
ମୁଁ କାଇଁ ଅନୁଭବ କରେ କିଛି ମଧୁର ଯନ୍ତ୍ରଣା

ଅନେକ ଦିନ ତଳୁ ଗୋଟେ ଭଙ୍ଗା ଚାଲିଆ
ମୁଣ୍ଡ ଗୁଞ୍ଜିଛି ଗାଁ ମୁଣ୍ଡ ବରଗଛ ତଳେ
ଆଉ ସେ ଚାଲିଆ ଭିତରେ ନେତ ବୁଢ଼ୀ

ନେତ ବୁଢ଼ୀ ମଥାରେ
ଦାଉ ଦାଉ ହେଇ ଜଳୁଥାଏ
ଠୋପାଏ ସିନ୍ଦୁର ଆଉ ହାତରେ
ଦି ପଟ ପାଣି କାଚ

ସକାଳ ଓ ମଧ୍ୟାନକୁ ପାର କରି
ଏକ ଲମ୍ବା ଅପରାହ୍ନର ଶେଷ ପର୍ଯ୍ୟାୟରେ ସେ
ହେଲେ କାହା ପାଇଁ ସେ ସିନ୍ଦୁର ଓ ପାଣି କାଚ
ଦି ପଟ ପିନ୍ଧେ କେହି ବି ଜାଣି ପାରନ୍ତିନି

କେବେ କେହି ଦେଖିନାହାନ୍ତି
କାହା ସହ ସେ ଘର କରିବାର

ମୋତେ ଭାରି ଭଲ ପାଏ ନେତ ବୁଢ଼ୀ
ଗାଁକୁ ଯିବା ବାଟରେ ଦେଖା ହେଇଗଲେ
ଅଗଣାରେ ଥାଇ ଡାକ ପକାଏ

ଆରେ ନାତିଆ ଭୁଲିଗଲୁ କିରେ ଏ ବୁଢ଼ୀଟାକୁ
କୋଉ ଦିନ ଆଇଲୁବା

ଗୋଟେ ସମ୍ମୋହନ ଥାଏ ତା ଡାକରେ

ଆପେ ଆପେ ପାଦ ଚାଲିଯାଏ ତା ଅଗଣାକୁ
ବରଡା ପତ୍ରର ଚଟ ଟାଏ
ବଢ଼େଇ ଦିଏ ଚୁଲି ମୁଣ୍ଡକୁ
ମୁଁ ବସି ପଡେ ଚକା ପକେଇ

ସେ ବାଢ଼ି ଦିଏ
ପୋଡା ବାଇଗଣ ଭର୍ତ୍ତା ଓ ପଖାଳରୁ ବେଲାଏ

ଖାଉ ଖାଉ ମଝିରେ ପଚାରିଦିଏ
ସେ ଲୋକଟା ବିଷୟରେ
ଯାହା ପାଇଁ ସେ ଆଜିଯାଏ ବି
ପାଣି କାଚ ଦି ପଟ ପିନ୍ଧିଛି

ଗୁଣୁ ଗୁଣୁ ହେଇ
ବହେ ସମ୍ପି ପକାଏ ସେ ଲୋକଟିକୁ
ଆଉ ମୋତେ ଅନେଇ ହସିଦିଏ ଫିକ କରି
ସେ ହସରେ କିନ୍ତୁ ଖୁସି ନ ଥାଏ
ଥାଏ କିଛି ମଧୁର ଯନ୍ତ୍ରଣା।

***ପାରାଦ୍ୱୀପ, ଜଗତସିଂହପୁର***
***ଦୂରଭାଷ : ୮୨୪୯୩୦୯୪୬୦***

## କବିତା ଆସରରେ ଅନାମ ଦାସ



**ଶ୍ୟାମା କିଙ୍କର ମହାନ୍ତି**

ସେଦିନ ଥାଏ ରବିବାର। ସନ୍ଧ୍ୟାରେ କେଦାର ଗୌରୀ ଛକ ରବିନନା କେବିନରୁ ଦଶ ଟଙ୍କାର ଭାଙ୍ଗଟା ମାରି ଅନାମ ଦାସ ଯାଉଥାଏ ଏକ ନମ୍ବର ହାଟ ଆଡେ ମାର୍କେଟିଙ୍ଗ ପାଇଁ। ବାଟରେ ଦେଖିଲା ଗୋଟେ ଜାଗାରେ କବିତା ଆସରର ବ୍ୟାନର ମରା ହେଇଛି, ସେଇଠୁ ପଢିକି ବୁଝିଲା ବର୍ତ୍ତମାନ ହିଁ ଆସର ଚାଲିଛି। କଲେଜ ଜୀବନ ଓ ତା ପରବର୍ତ୍ତୀ କିଛି ବର୍ଷ ଅନାମ ଦାସ ବି କବିତା ଲେଖୁଥିଲା। ହେଲେ ପ୍ରାଇଭେଟ କମ୍ପାନୀର ଛୋଟିଆ ଚାକିରୀ ଆଉ ଯାବତୀୟ ସାଂସାରିକ ଜଞ୍ଜାଳ ଭିତରେ ଆଉ କବିତା ଆଡେ ମନ ବଳାଇ ନଥିଲା। ଆଜି କାଇଁ ତା'ର ଇଚ୍ଛା ହେଲା ଆସରରେ ବସିବାକୁ। ସାଇକେଲଟାକୁ ବାହାରେ ଥୋଇସାରି ହଲ୍‌ର ସବା ପଛ ଦରଜା ଦେଇ ପ୍ରବେଶ କରି ସବା ପଛ ଧାଡିରେ ଯାଇ ବସିଗଲା ଅନାମ ଦାସ।

ସତୁରି ପାଖାପାଖି ଲୋକ ହଲ୍ ଭିତରେ। ଆଗ ଧାଡ଼ିରେ ରଙ୍ଗୀନ ବ୍ୟାଜ ପିନ୍ଧା କିଛି। ମଞ୍ଚ ଉପରେ ସଞ୍ଚାଳିକା ଭୂମିକାରେ ଜଣେ ସୁନ୍ଦରୀ ଝିଅ। ଏପ୍ରିଲ ମାସର ଖରାଦିନରେ ବି କେତେକ ପିନ୍ଧିଛନ୍ତି ହାଫ ଜ୍ୟାକେଟ। ଶ୍ରୋତା ମାନଙ୍କ ହାତରେ ମୋବାଇଲ। କିଏ କବିତା ପଢ଼ାର ଭିଡିଓ କରୁଛି ତ କିଏ ସେଲ୍ଫି ନଉଛି। ସଞ୍ଚାଳିକା ଘୋଷଣା କଲେ ପରବର୍ତ୍ତୀ କବିତା ପଢିବେ 'ଆମ ସମୟର ଗର୍ଜିଅସ୍ କବୀ' ରୂପାଲି ଷଡଙ୍ଗୀ। ଅନାମ ଟିକେ ଭାବିଲା, ଏତେ ବର୍ଷ ହେଲା ଓଡ଼ିଆ ବ୍ୟାକରଣ ବହି ଦେଖିନି ସେ। କିଛି ବଦଳିଛି କି ? ଗର୍ଜନ ଶବ୍ଦରେ ଇସ୍ ପ୍ରତ୍ୟୟ ଯୋଗ ହୋଇ ଶବ୍ଦଟା ଆସିଛି ନା କଣ !! ଚିପା ଜିନ୍ସ ଆଉ କୁର୍ତ୍ତି ପିନ୍ଧା ମଧ୍ୟବୟସ୍କା ରୂପାଲି ମ୍ୟାଡାମ୍ ପୁରା ରୋମାଣ୍ଟିକ କବିତା ଗୋଟେ ପଢିଲେ। ପଢ଼ା ସରିଲା ମାତ୍ରେ ହଲ୍ ଫାଟିପଡୁଥାଏ ତାଳିରେ। ହେଲେ ଅନାମକୁ କବିତାଟି କୌଣସି ହିନ୍ଦୀ ରାପ୍ ଗୀତର ଲିରିକ୍ ଭଳି ଲାଗିଲା। ହୁଏତ ଆଧୁନିକ ଓଡ଼ିଆ କବିତାର ରୂପରେଖ ଯା ଭିତରେ ବଦଳି ଯାଇଛି। ସେ ବି ତାଳି ମାରିଲା ବାଧ ହୋଇ।

ଯା ପରେ ମଞ୍ଚକୁ ଗଲେ ଜଣେ ସୁନ୍ଦର ସୌମ୍ୟଦର୍ଶନ ଯୁବକ। ସଞ୍ଚାଳିକା ପରିଚୟ ଦେଲେ, 'ସମ କାଳୀନ ଓଡ଼ିଆ ସାହିତ୍ୟର ୟଙ୍ଗ ସେନ୍ସେସନ୍' ରାହୁଲ ଶତପଥୀ ! ଦୀର୍ଘ କବିତା,



ଶ୍ରୋତା ମାନେ ଟୁପୁରୁ ଟାପର। ଅନାମ କିନ୍ତୁ ମନଦେଇ ଶୁଣିଲା। ତାକୁ ଲାଗିଲା ସେଇଟା କବିତା କମ ଗପ ଅଧିକା, ପୁଣି ମଝିରେ ମଝିରେ ଇଂରାଜୀ ଶବ୍ଦ ସବୁ। ହଁ ମ, ତା ପୁଅ ତ ତିନିଟା ଚଢେଇ ନ କହି ଥ୍ରୀ ଟା ଚଢେଇ କହୁଛି, ଇଏ ବୋଧେ ସେମିତି ପାଠ ପଢିଥିବ। ଯା ହେଉ ଓଡ଼ିଆ କବିତା ଲେଖୁଛି, ସେତିକି ବଡ଼କଥା।

ଏଥର ପାଳି ପଡିଲା 'ସଫଳ ବ୍ୟୁରୋକ୍ରାଟ ତଥା ବିଶିଷ୍ଟ କବି' ସନାତନ ପଟ୍ଟନାୟକଙ୍କର। ସରଳ ବୋଧଗମ୍ୟ ଭାଷାରେ କବିତାଟିଏ ପଢିଲେ ସେ। ହେଲେ ଅନାମ ଦାସକୁ ଲାଗିଲା ଏମିତି କବିତାସବୁ ସ୍କୁଲକଲେଜ ସ୍ତରର ମାଗାଜିନରେ ସେ ପଢ଼ିଛି। ସେମିତି କିଛି ବୈଶିଷ୍ଟ୍ୟ ଏଥିରେ ନାହିଁ। ଦରକାର ପଡ଼ିଲେ ମନେ ରଖିଥିବା ତା ଲେଖା ଏମିତି କବିତାଟିଏ ବର୍ତ୍ତମାନ ବି ସେ ମଞ୍ଚରେ ଯାଇ ପଢିପାରିବ।

ଏବେ କବିତା ଆସରର ଚା ପାନ ବିରତିଟିଏ ନିଆଗଲା। ଶ୍ରୋତା, ଆୟୋଜକ ତଥା ଅତିଥିମାନେ ଆସନ ଛାଡି ଚା ପିଇବାରେ ବ୍ୟସ୍ତ। ବ୍ୟାଜପିନ୍ଧା ପାଞ୍ଚ/ଛଅ ଜଣିଆ ଗ୍ରୁପଟିଏ ପାଖରେ ଧୀରେ ଯାଇ ପହଞ୍ଚିଲା ସେ। ଆୟୋଜକ ସଂସ୍ଥାର ସଭ୍ୟ ଲେଖାଥିବା ଲୋକଟିଏ ପାଖକୁ ଯାଇ ପଚାରିଲା,

- ଆଛା ଭାଇ ମୁଁ କବିତା ପଢିପାରିବି ?

- ଆପଣ ରେଜିଷ୍ଟ୍ରେସନ କରିଛନ୍ତି ?

- ସେଇଟା କଣ ?

- ପଛରେ ଟେବୁଲ ପାଖରେ ଯେଉଁ ବାବୁ ବସିଛନ୍ତି, ତାଙ୍କୁ ଦୁଇଶହ ଟଙ୍କା ଦେଇ ନିଜର ନାଁ ଓ କବିତା ଦିଅନ୍ତୁ, ଟିକେ ବିରକ୍ତ ହୋଇ କହିଲେ ସଭ୍ୟ।

ଅନାମ ପକେଟ ଅଣ୍ଡାଳିଲା, ଭାବିଲା ଦୁଇଶହ ଟଙ୍କା ଯଦି ଖର୍ଚ୍ଚ କରିଦିଏ କବିତା ପଢ଼ା ପାଇଁ, ପରିବା କେମିତି କିଣିବ ? ଏଥର ସଞ୍ଚାଳିକା ଝିଅଟିକୁ କହିଲା,

- ଆଛା ମ୍ୟାଡାମ, ମୁଁ ଗର୍ଜିଅସ୍ ନୁହେଁ, ୟଙ୍ଗ ସେନ୍ସେସନ ନୁହେଁ, ବ୍ୟୁରୋକ୍ରାଟ ବି ନୁହେଁ। ମୋ କବିତା ଚଳିବ ତ ?

ସଞ୍ଚାଳିକା ବିକଳ ଭାବେ ସଭ୍ୟଙ୍କ ମୁହଁକୁ ଓ ସଭ୍ୟ ଅନୁରୂପ ଭାବେ ପାଖରେ ଥିବା ଆୟୋଜକ ସଂସ୍ଥାର ସମ୍ପାଦକଙ୍କ ମୁହଁକୁ ଚାହିଁଲେ। ସମ୍ପାଦକ ଅନାମ ଦାସର ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ନିରୀକ୍ଷଣ କରି ଟିକେ ଇତଃସ୍ତତ ହେଲେ। ବ୍ୟାଜରେ ମୁଖ୍ୟ ଅତିଥି ଲେଖାଥିବା ଜଣେ ଚଷମା ପିନ୍ଧା ଭଦ୍ରଲୋକ ଚା ପିଇସାରି ପକେଟରୁ ପାନ କାଢୁଥିଲେ। ଅନାମକୁ ଲକ୍ଷ୍ୟ କରି ସମ୍ପାଦକଙ୍କୁ କହିଲେ,

- ହି ସିମ୍ସ ଟୁ ହାଭ୍ ଗଟ୍ ସମ୍ ଟ୍ୟାଲେଣ୍ଟ।

-ସାର୍ , ମୋ ପାଇଁ ଖଣ୍ଡେ ପାନ ହବ କି ? ଅନାମ ପଚାରିଲା।

- ସିଓର ...ସିଓର..

ମୁଖ୍ୟ ଅତିଥିଙ୍କ ଠାରୁ ପାନ ଖଣ୍ଡକ ଧରି ତାଙ୍କୁ ଧନ୍ୟବାଦ ଦେଇସାରିଲା ପରେ ଜମ୍ପା ଆଉ ପଛକୁ ନ ଅନେଇ ଅନାମ ଦାସ ସେଇ ପଛ ଦରଜା ବାଟେ ହଲ୍ ଭିତରୁ ବାହାରି ଆସିଲା।

***ନୀଳାଚଳ ଇସ୍ପାତ ନିଗମ,***
***ଡୁବୁରୀ, ଯାଜପୁର***
***ଦୂରଭାଷ : ୯୮୬୧୧୯୧୩୮୦***

## ବାପା



**ଧୁଧିଷ୍ଟିର ପ୍ରଧାନ**

ବାପୟତି "ବାପା' ପାଳୟତି "ପିତା"
ଅଭିନ୍ନ ଚିର ସୁନ୍ଦର।
ତାଙ୍କ ପଦ ଯୁଗ୍ମ ଅଟେ ମହାଦ୍ରୁମ
କରୁଣାର ଗନ୍ତାଘର।
ଶିଷ୍ଟ ହେବା ପାଇଁ ଉଦବୁଦ୍ଧ କରାଇ
ଦାନ କରି ହିତବାଣୀ।
ହୃଦୟ ଭିତରେ ଅତି ଯତନରେ
ସୁରକ୍ଷା ଘର ନିର୍ମାଣି।
ଅସାର ସଂସାର ହେବା ପାଇଁ ପାର
ଆଲୋକ ବର୍ତ୍ତିକା ହୋଇ।
ସ୍ୱଭାବେ ଆମକୁ ଗଢ଼ି ତୋଳିବାକୁ
ଦିଅନ୍ତି ଗୁରୁ ଚିହ୍ନାଇ।
ପିତା ହିଁ ଧରମ ବ୍ୟାପ୍ତ ସ୍ୱର୍ଗ ସମ
ପାଶେ ସଦା ରହିଥାନ୍ତି।
ତାଙ୍କୁ ଚପ କଲେ ସର୍ବ ଶୁଭ ମିଳେ
କରୁଣା ବାରି ବର୍ଷନ୍ତି।
ଏ ମର୍ତ୍ତ୍ୟ ଧାମର ଜୀବନ୍ତ ଠାକୁର
ଚନ୍ଦ୍ର ଦିବାକର ସମ।
ପ୍ରେରଣାର କର ଝରାଇ ନିଜର
ପ୍ରଗତି କରି ସୁଷମ।
ବାପା ଏକ ଶବ୍ଦ ଅମୀୟ ସମ୍ପଦ
ନିନାଦିତ ଏ ସଂସାରେ।
ତାଙ୍କ ସେବା ଫଳେ ବହୁ ପୂଣ୍ୟ ମିଳେ
ଖୁସୀ ହୁଅନ୍ତି ଅମରେ।

***ମଧୁପୁର, ବାରଙ୍ଗ, କଟକ***
***ଦୂରଭାଷ : ୯୪୩୭୫୬୬୩୯୭***

ସ୍ୱାଧୀନ ବନାମ ଆରତୀ

# ଅସ୍ତରଙ୍ଗ ବ୍ଲକରେ ଅଚଳାବସ୍ଥା ଜାରି

**ଅସ୍ତରଙ୍ଗ, (ଶରତ କୁମାର ପରିଡ଼ା):** ଅସ୍ତରଙ୍ଗ ବ୍ଲକ ରାଜନୀତି ଏବେ ଦିନକୁ ଦିନ ଚର୍ଚ୍ଚାକୁ ଆସିବାରେ ଲାଗିଛି। ଏକ ଦଶନ୍ଧି ପୂର୍ବରୁ ସ୍ୱାଧୀନ ନାୟକ ଲଗାତାର ଭାବେ ବିଜେଡି ଦଳ ପକ୍ଷରୁ ଦୁଇ ଥର ଅଧ୍ୟକ୍ଷ ପଦବୀକୁ ସମାନ୍ତରାଳ ଭାବେ ନିଜ ଗୁରୁ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ସାଧାରଣରେ ସବୁବେଳେ ଚର୍ଚ୍ଚାରେ ରହିଥିଲେ। ଦଳମତ ନିର୍ବିଶେଷରେ ୧୫ ପଞ୍ଚାୟତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନହିତକର ଯୋଜନା ଗୁଡିକୁ ସାମୁହିକ ଭାବେ ନିଷ୍ପାର ସହିତ କାର୍ଯ୍ୟକାରୀ କରିବାରେ ସଫଳ ହୋଇଥିଲେ। ସେ କେବେ ବିବାଦୀୟ ପରିସ୍ଥିତିକୁ ମୁକାବିଲା କରି ନ ଥିଲେ। ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସା ପତ୍ର ପାଇଥିଲେ। ଏବେ କଂଗ୍ରେସ, ବିଜେପି ଓ ମିଳିତ ମଞ୍ଚ ପକ୍ଷରୁ ନୂତନ ବ୍ଲକ ଅଧ୍ୟକ୍ଷା ଭାବେ ଆରତୀ ନାୟକ ଦାୟିତ୍ୱ ଗ୍ରହଣ କରିବା ୧ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି। ଏହି ଦାୟିତ୍ୱ ଗ୍ରହଣ କରିବା ସମୟ ମଧ୍ୟରେ ବ୍ଲକ ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ଗତି କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଯୋଜନା ମାଧ୍ୟମରେ ବିଦ୍ୟାଳୟ ଗୁଡିକୁ ରୂପାନ୍ତିକରଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟାଳୟ ଗୁଡିକର ସୌନ୍ଦର୍ଯ୍ୟ କରଣ ସହିତ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତ କରଣ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଠିକାଦାର ମାନେ ଉକ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିଛନ୍ତି। କିନ୍ତୁ କାର୍ଯ୍ୟର ଅଧା ବିଲ ପାଇଛନ୍ତି ଆଉ ଅଧା ବିଲ ଏପର୍ଯ୍ୟନ୍ତ ପାଇପାରି ନାହାନ୍ତି। ବ୍ଲକରେ କାର୍ଯ୍ୟରତ ଥିବା ଜୈନେକ ମହିଳା କନିଷ୍ଠ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟଶୈଳୀ ନେଇ ଠିକାଦାର ମାନେ ବିଲ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଠିକାଦାରଙ୍କ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଉ ନାହିଁ। ଫଳରେ ଅସନ୍ତୋଷ ଦେଖାଦେଇଛି। ୧୫ ପଞ୍ଚାୟତ ଏବେ ଏକ ପ୍ରକାର ସ୍ଥାଣୁତା ଅବସ୍ଥାରେ ଗତି କରୁଛି। କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଅଧ୍ୟକ୍ଷା ବିଡ଼ିଓଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ଏପରି ଅଚଳାବସ୍ଥା ଲାଗି ରହିଥିବା କିଛି ନିର୍ବାଚିତ ପ୍ରତିନିଧି ସାଧାରଣରେ ଅଭିଯୋଗ କରିଛନ୍ତି। ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ କଣ ପାଇଁ ଆଗେଇ ପାରୁନି କିଏ ବାଧକ ସାଜୁଛି ସେଥିପାଇଁ କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା ବ୍ଲକ କାର୍ଯ୍ୟାଳୟକୁ ସମୀକ୍ଷା କରିବା ପାଇଁ ଯାଇଥିଲେ। ମନ୍ତ୍ରୀଙ୍କ ସମୀକ୍ଷା ବେଳେ ବହୁ ବେନିୟମ କାର୍ଯ୍ୟର ଅନିୟମିତତା ପଦାରେ ପଡିବା ଆଶଙ୍କାରେ ଅଧ୍ୟକ୍ଷାଙ୍କ ସମର୍ଥକ ମାନେ ବିଡ଼ିଓଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ହୋହାଲ୍ଲା କରିଥିଲେ। ସାଧାରଣରେ ଏହାକୁ ସେତେବେଳେ ନିନ୍ଦା କରାଯାଇଥିଲା। ଆଳଙ୍ଗପୁର, ଆଳସାହି, ନଗର ଓ କେନ୍ଦ୍ରାପଟି ପଞ୍ଚାୟତରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା କରାଯାଇଥିବା ସମ୍ପର୍କରେ ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମାନେ ନିଜକୁ ସରପଞ୍ଚ ମନେ କରି ସରକାରଙ୍କ ଗାଇଡି ଲାଇନକୁ ଖୋଲା ଖୋଲି ଉଲ୍ଲଙ୍ଘନ କରି ବେଆଇନି ଭାବେ କାର୍ଯ୍ୟ କରି ଅଗ୍ରୀମ ବିଲ ନେଇଯିବା ପାଇଁ ସମର୍ଥ ହେଉଥିଲେ। ବିରୋଧୀ ମାନେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଏବେ ବ୍ଲକ କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି। ବ୍ଲକ ପ୍ରଶାସନ ଜନସାଧାରଣଙ୍କ ସମୂହ ସ୍ୱାର୍ଥକୁ ଅଣଦେଖା କରିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ହୋଇପାରୁ ନାହିଁ। ବହୁ ଯୋଜନା ଏବେ କାର୍ଯ୍ୟକାରୀ ନ ହୋଇ ପଡି ରହିଥିବା କିଛି ସରପଞ୍ଚ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଯନ୍ତ୍ରୀ ମାନେ ବହୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧକ ହେଉଥିବା ସରପଞ୍ଚ ମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ , ସଚିବ, ୫-ଟି' ସଚିବ, ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ...

ଦାୟିତ୍ୱରେ ଥିବା ପ୍ରଣବପ୍ରକାଶ ସେହି ଜିଲ୍ଲାର ସଂଗଠନକୁ ନିଜ କବଜାରେ ରଖିବାକୁ ପ୍ରୟାସ କରୁଥିବାରୁ ନୂଆ ପର୍ଯ୍ୟବେକ୍ଷକ ଶ୍ରୀ ମୁଦୁଲିଙ୍କୁ ଜିଲ୍ଲାର ସାଂଗଠନିକ କାର୍ଯ୍ୟ କରାଇବାକୁ ସୁଯୋଗ ଦେଉନଥିବା ଚର୍ଚ୍ଚା ହେଉଛି। ପଶ୍ଚିମ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ କଳାହାଣ୍ଡି ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ପ୍ରଣବ ବଳନ୍ତରାୟଙ୍କୁ ଗତ ୩ମାସ ପୂର୍ବେ ନିଯୁକ୍ତି ମିଳିଛି। ସେ ସାଂଗଠନିକ ସ୍ଥିତି ପରଖିବାକୁ ଜିଲ୍ଲାକୁ ମାତ୍ର ଥରୁଟିଏ ଯାଇଥିବା ସୂଚନା ମିଳିଛି। କଳାହାଣ୍ଡି ଜିଲ୍ଲାର ବିଜେଡିର ସଂଗଠନରେ ଫାଟ ଜଳଜଳ ଦିଶୁଥିବାବେଳେ ମମିତା ମେହେର ହତ୍ୟା ମାମଲାରେ ବିବାଦୀୟ ଦିବ୍ୟଶଙ୍କର ମିଶ୍ରଙ୍କୁ ନେଇ ଜିଲ୍ଲାର ଦଳୀୟ ନେତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଥିଲେ ମଧ୍ୟ ସେ ନିଜର ପତିଆରା ଦେଖାଇବାକୁ ଅନ୍ୟ ନେତାଙ୍କୁ ସାମ୍ନାରେ ରଖୁଛନ୍ତି। ଯେଉଁଥିପାଇଁ ଜିଲ୍ଲାରେ ସଂଗଠନ ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହେବାରେ ଲାଗିଛି ଓ ଜିଲ୍ଲାର ଆଗଧାଡ଼ିର ନେତାମାନଙ୍କ ମଧ୍ୟରେ ଛକାପଞ୍ଝା ତୀବ୍ରତର ହେଉଛି। ସେହିପରି ବଲାଙ୍ଗିର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ସୁଶାନ୍ତ ସିଂ କାର୍ଯ୍ୟ କରୁଛନ୍ତି। ଜିଲ୍ଲାର ବିଜେଡି ସଭାପତି ଭାବେ ମନ୍ତ୍ରୀ ଟୁକୁନି ସାହୁ ରହିଛନ୍ତି। ସୁଶାନ୍ତଙ୍କ ଖାସ୍ ଅନୁଗତ ଟୁକୁନି ଜିଲ୍ଲା ସଭାପତି ହେବାର ପ୍ରାୟ ୩ବର୍ଷ ହେଲାଣି। କିନ୍ତୁ ସେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଥରୁଟିଏ ବି ଡାକିନାହାନ୍ତି କିମ୍ବା ସୁଶାନ୍ତ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ସଂଗଠନର ସ୍ଥିତିର ସମୀକ୍ଷା ମଧ୍ୟ କରିନାହାନ୍ତି। ଜିଲ୍ଲାରେ ଏଯୁ ସିଂହଦେଓ ପରିବାରର ପ୍ରଭାବକୁ ହ୍ରାସ ପାଇଁ ସୁଶାନ୍ତ-ଟୁକୁନିଙ୍କ ଯୋଡ଼ି ଦୀର୍ଘଦିନ ଧରି ଲାଗିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଥିରେ ସଫଳ ହୋଇପାରିନାହାନ୍ତି। ସିଂହଦେଓ ପରିବାରର ପ୍ରଭାବ ବଳବତ୍ତର ଥିବାବେଳେ ଅବସରପ୍ରାପ୍ତ ଆଇଏଏସ୍ ଅସିତ୍ ତ୍ରିପାଠୀ ଓ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ସେଠାରୁ ଦଳୀୟ ଟିକେଟ୍ ପାଇବାକୁ ନେଇ ଉଦ୍ୟମ କରୁଥିବାରୁ ସୁଶାନ୍ତ-ଟୁକୁନି ଯୋଡ଼ି ଏବେ ବଲାଙ୍ଗିର ରାଜନୀତିରେ ନିଷ୍ପ୍ରଭ ପାଲଟିବାକୁ ଯାଉଥିବା ଜଣାପଡ଼ିଛି। ସେହିପରି ଜିଲ୍ଲାସ୍ତରର ସଂଗଠନରେ ଜାରି ରହିଥିବା ତୀବ୍ର ଗୋଷ୍ଠୀକନ୍ଦଳ ଓ ଛକାପଞ୍ଝା ଯୋଗୁ ଗଞ୍ଜାମ ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ଅମାତ୍, ଯାଜପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଅଶୋକ ଚନ୍ଦ୍ର ପଣ୍ଡା, ପୁରୀ ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଭଦ୍ରକ ପର୍ଯ୍ୟବେକ୍ଷକ ପ୍ରତାପ ଜେନା ପ୍ରମୁଖ ସେମାନଙ୍କୁ ଆବଣ୍ଟିତ ଜିଲ୍ଲାର ସଂଗଠନକୁ ସକ୍ରିୟ କରିବା ଦିଗରେ କାର୍ଯ୍ୟକ୍ରମ ନେବା ସମ୍ଭବପର ହୋଇପାରିନି। ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ବରଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ସୁଧୀର ସାମଲ, ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଓ ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଏସବୁ ଜିଲ୍ଲାରେ ଯାଇ ଡେରା ପକାଇଥିଲେ ମଧ୍ୟ ନିର୍ବାଚନମଣ୍ଡଳୀୱାରି କିମ୍ବା ଜିଲ୍ଲାସ୍ତରରେ ସଂଗଠନକୁ ସଜାଡ଼ିବା ଦିଗରେ କାର୍ଯ୍ୟକ୍ରମ କରିବା କିମ୍ବା ଜିଲ୍ଲାର ସବୁନେତାମାନଙ୍କୁ ଏକାଠି ବସାଇ ସଂଗଠନ ସମ୍ପର୍କରେ ଆଲୋଚନା କରିବାରେ ସକ୍ଷମ ହୋଇପାରିନଥିବା ଜଣାପଡ଼ିଛି। ସେହିପରି ସୁବର୍ଣ୍ଣପୁରରେ ଦେବେଶ ଆଚାର୍ଯ୍ୟ, ନୂଆପଡ଼ାରେ ସ୍ନେହାଙ୍ଗିନୀ ଛୁରିଆ, ନବରଙ୍ଗପୁରରେ ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ ବି ଏପର୍ଯ୍ୟନ୍ତ ଜିଲ୍ଲାର ନେତାମାନଙ୍କ ସହ ବୈଠକ କରିନଥିବା ସୂଚନା ମିଳିଛି। ଏପଟେ ନିର୍ବାଚନକୁ ଆଖିରେ ଦଳ ଖୁବଶୀଘ୍ର ବିଭିନ୍ନ ନିର୍ବାଚନମଣ୍ଡଳୀ ଓ ବ୍ଲକୱାରି ପର୍ଯ୍ୟବେକ୍ଷକ ନିଯୁକ୍ତି କରିବ ବୋଲି ଜଣାପଡ଼ିଛି।

### ସରକାରୀ ...

ପ୍ରଭାବିତ କରି ଦଲାଲମାନେ ନିକଟସ୍ଥ ଘରୋଇ ହସ୍ପିଟାଲକୁ ନେଇଯାଉଥିବାରୁ ରୋଗୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଭଳି ଘଟଣାରେ ରାଜ୍ୟ ହାଇକୋର୍ଟ କଠୋର ଆଭିମୁଖ୍ୟ ପୋଷଣ କରିବା ସହ ଏପରି ଗତିବିଧିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ସ୍ୱାସ୍ଥ୍ୟସଚିବ ଶ୍ରୀମତୀ ପଣ୍ଡିତ ଥାନା ଆଇଆଇସିଠୁ ଆରମ୍ଭ କରି ବିଡିଓ, ଏସଡିପିଓ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଏସପି ଓ ଜିଲ୍ଲାପାଳ ଆଦିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସକ୍ରିୟ ଥିବା ଦଲାଲମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

### ମହଙ୍ଗା ମାଡ଼ରୁ ...

ଯୋଗାଣ ଜନିତ ସମସ୍ୟାକୁ ଏହାର ମୁଖ୍ୟ କାରଣ କୁହାଯାଉଥିବାବେଳେ ବ୍ୟବସାୟୀ ମହାସଂଘ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ପ୍ରୀତିକୁ ଏଥିପାଇଁ ଦାୟୀ କରିଛି। ଘରୋଇ ବଜାର ଚାହିଦାକୁ ଆଖିବୁଜି ଦେଇ କେନ୍ଦ୍ର ସରକାର ବିଦେଶକୁ ଜିରା ରପ୍ତାନି କରୁଛନ୍ତି। ଯାହା ଫଳରେ ଯୋଗାଣ ଚାହିଦା ଜନିତ ସମସ୍ୟା ଲାଗି ବଜାରରେ ଏବେ ଜିରା ମହଙ୍ଗା ହୋଇ ହଜାରେ ଟଙ୍କା ଛୁଇଁଛି। ଏଭଳି ପରିସ୍ଥିତିରେ ହାଣ୍ଡିଶାଳରେ ଛୁଙ୍କ ମହଙ୍ଗା ହୋଇଯାଇଛି। ଦୁଇ ଦିନ ତଳେ ୭୦୦ ଟଙ୍କାରେ ବିକ୍ରି ହେଉଥିବା ଜିରା କିଲୋ ୧୫ ଦିନ ତଳେ ୫୫୦ ଟଙ୍କା ରହିଥିଲା। ବର୍ତ୍ତମାନ ରାଜ୍ୟର ହାଟ ବଜାରଗୁଡିକରେ ଟମାଟୋ କିଲୋ ପିଛା ୧୬୦ ଟଙ୍କା, ବିନ୍ସ, ୩୦୦ ଟଙ୍କା, ଅଦା ୨୮୦ ଟଙ୍କା ଏବଂ ଧନିଆ ପତ୍ର ୩୦୦ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥଳେ ଜିରା ମୂଲ୍ୟ ବୃଦ୍ଧି ଖାଉଟିଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଓଡ଼ିଶାକୁ ସାଧାରଣତଃ ଜିରା ଗୁଜରାଟ ଏବଂ ରାଜସ୍ଥାନରୁ ଆସିଥାଏ। ଚଳିତବର୍ଷ ପାଣିପାଗ ବିଗିଡିଥିବା ଯୋଗୁ ଦେଶରେ ଜିରା ଫସଲ ପ୍ରଭାବିତ ହୋଇଛି। ଏଭଳି ସମୟରେ କେନ୍ଦ୍ର ସରକାର ଦେଶର ଚାହିଦାକୁ ନ ଦେଖି ବିଦେଶକୁ ଜିରା ରପ୍ତାନୀ ପାଇଁ ଅନୁମତି ଦେଇଛନ୍ତି। ଏହାର ସୁଯୋଗ ନେଇ କର୍ପୋରେଟ୍ ସଂସ୍ଥାଗୁଡିକ ଚୀନ୍ ଓ ବାଂଲାଦେଶକୁ ହଜାର ହଜାର କ୍ୱିଣ୍ଟାଲ ଜିରା ରପ୍ତାନୀ କରି ମାଲେମାଲ ହେଉଛନ୍ତି। ଗତ ୩ ସପ୍ତାହ ଭିତରେ କେବଳ ଚୀନ ଭାରତରୁ ୩୦୦ରୁ ୩୫୦ ଜିରା କଣ୍ଟେନର୍ ଆମଦାନୀ କରିଛି। କେନ୍ଦ୍ର ସରକାରଙ୍କ ଏଭଳି ଖାଉଟି ମାରଣ ନୀତି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି ବୋଲି ବ୍ୟବସାୟୀ ମହାସଂଘ କହିଛି।

### ଡିଏନ୍ ଗ୍ରୁପ୍‌ରେ ...

ଜଗଦୀଶ ପ୍ରସ୍ତୁତ କରି ରଖିଥିବା ସାଧାରଣରେ ଚର୍ଚ୍ଚା। ମିଳିଥିବା ସୂଚନା ଅନୁସାରେ, ଆଇଟି ବିଭାଗ ଡିଏନ୍ ଗ୍ରୁପ ସହ ଜଡ଼ିତ ବିଭିନ୍ନ କମ୍ପାନୀ ଉପରେ ଚଢ଼ଉ କରି କୋଟି ଟଙ୍କା କାରବାରର ଦସ୍ତାବିଜ ଜବତ କରିଛି। ପ୍ରଥମ ଦିନ ଚଢ଼ଉବେଳେ ଯେଉଁ ଭଡ଼ାଘର (ସରକାରୀ କ୍ୱାର୍ଟର୍ସ)ରୁ ନଗଦ ୩୦କୋଟି ଟଙ୍କା ମିଳିଥିଲା, ତାହା ଚନ୍ଦ୍ରଶେଖର ପଣ୍ଡାଙ୍କର ବୋଲି ଆୟକର ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜଗଦୀଶଙ୍କ ଡିଏନ୍ ଗ୍ରୁପ୍ ସହ ଏକାଧିକ କମ୍ପାନୀ ରହିଥିଲେ ମଧ୍ୟ ଚନ୍ଦ୍ରଶେଖର ଓ ଚନ୍ଦ୍ରକାନ୍ତ ଯେଉଁ କମ୍ପାନୀ (ଡିଏନ୍ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡ)ର ନିର୍ଦ୍ଦେଶକ ଅଛନ୍ତି ସେଥିରେ ଜଗଦୀଶ କିମ୍ବା ଅନ୍ୟ କୌଣସି ସହଯୋଗୀ ସାମିଲ୍ ନାହାନ୍ତି। ଏପରିକି ଜଗଦୀଶଙ୍କର ଅତ୍ୟନ୍ତ ଖାସ୍ ଏହି ଦୁଇ ବ୍ୟକ୍ତିଙ୍କୁ ମଧ୍ୟ ନିଜର ଅନ୍ୟ କୌଣସି କମ୍ପାନୀରେ ଆଇନଗତ ଭାବେ ସାମିଲ୍ କରିନାହାନ୍ତି। ଚନ୍ଦ୍ରଶେଖର ଓ ଚନ୍ଦ୍ରକାନ୍ତ କେବଳ ଡିଏନ୍ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ସହ ଜଡ଼ିତ, ଯେଉଁ କମ୍ପାନୀ ୨୦୦୫ ସେପ୍ଟେମ୍ବର ୧୪ତାରିଖରେ ପଞ୍ଜିକୃତ ହୋଇଛି। ଏହି କମ୍ପାନୀର ପ୍ରାରମ୍ଭିକ ନିର୍ଦ୍ଦେଶକ ଭାବେ ଜଗଦୀଶ ପ୍ରସାଦ ନାଏକ ଓ ରତ୍ନମାଳା ସ୍ୱାଇଁ ରହିଥିବାବେଳେ ଉଭୟ ଇସ୍ତଫା ଦେଇଥିଲେ ଏବଂ ୨୦୧୭ ଡିସେମ୍ବର ୨୨ତାରିଖରେ ଚନ୍ଦ୍ରକାନ୍ତ ମିଶ୍ର ଓ ଚନ୍ଦ୍ରଶେଖର ପଣ୍ଡା ଉକ୍ତ କମ୍ପାନୀର ନୂଆ ପରିଚାଳନା ନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ଏହି କମ୍ପାନୀରେ ଚନ୍ଦ୍ରକାନ୍ତ ଓ ଚନ୍ଦ୍ରଶେଖରଙ୍କୁ ବାଦ୍ ଦେଲେ ଅନ୍ୟ କେହି ବି ନିର୍ଦ୍ଦେଶକ କିମ୍ବା ଅଂଶୀଦାର ନଥିବା ସୂଚନା ମିଳିଛି। ଖୋଳତାଡ଼ରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଏବେ ଯେଉଁ ନଗଦ ୩୦କୋଟି ଟଙ୍କା ଜବତ ହୋଇଛି ତାହା ଡିଏନ୍ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡର ବୋଲି ଦର୍ଶାଇବାକୁ ପ୍ରୟାସ ହେଉଛି। ଏହି ଡିଏନ୍ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିମାନେ କଳାଟଙ୍କାକୁ ନିବେଶ କରିଥିବା ସନ୍ଦେହ କରାଯାଉଛି। ୨୦୧୭ ଡିସେମ୍ବର ମାସରେ ଏହି କମ୍ପାନୀର ମାଲିକାନାରୁ ଆଇନଗତ ଦୃଷ୍ଟିରୁ ଜଗଦୀଶ ଓହରି ଯାଇଥିଲେ ମଧ୍ୟ କମ୍ପାନୀଟି ଏବେବି ବାସ୍ତବରେ ତାଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିବା ଜଣାପଡିଛି। ଡିଏନ୍ ପ୍ରର୍ପଟିଜ୍ ପ୍ରାଇଭେଟ୍ ଲିମିଟେଡରେ ରାଜ୍ୟର ମୋଟ ୬ଜଣ ଆଇଏଏସ୍ ନିଜର ଅର୍ଥ ନିବେଶ କରିଥିବାର ଚର୍ଚ୍ଚା ପାୱାର କରିଡରରେ ଜୋର ଧରିଛି।

### 'ସହମତିରେ ...

ଅନୁରୋଧ କରିଥିଲେ ମଧ୍ୟ ମହିଳାଙ୍କ ପୂର୍ବ ବିବାହ ବଳବତ୍ତର ରହିଥିବାରୁ ଅପେକ୍ଷା କରିବାକୁ ମହିଳା ଜଣକ କହିଥିଲେ। ନିଜ ପ୍ରଥମ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇବା ପରେ ବିବାହ କରିବା ସମ୍ଭବ ବୋଲି ସେ କହିଥିଲେ। ତେବେ ପରବର୍ତ୍ତୀ ସମୟରେ କୌଣସି କାରଣରୁ ମନୋରଞ୍ଜନ ଆଉ ବିବାହ କରିବାକୁ ରାଜି ହୋଇନଥିଲେ। ଏହା ବିରୋଧରେ ମହିଳା ଜଣକ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ କମ୍ପ୍ଲେନ କେସ ଦାୟର କରିଥିଲେ। ମାମଲାର ବିଚାର କରି ମହିଳାଙ୍କ ଅଭିଯୋଗ ଆଧାରରେ ଏତଲା ରୁଜୁ କରି ତଦନ୍ତ କରିବାକୁ ଲକ୍ଷ୍ମୀସାଗର ଥାନାକୁ ଭୁବନେଶ୍ୱର ଏସଡିଜେଏମ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିବା ସହ ମନୋରଞ୍ଜନ ତାଙ୍କଠାରୁ ପର୍ଯ୍ୟାୟ କ୍ରମେ ୭ ଲକ୍ଷ ଟଙ୍କା ନେଇଥିବା ଦର୍ଶାଇଥିଲେ। ପରେ ବିବାହ କରିବା ପରିବର୍ତ୍ତେ ଧମକ ଚମକ ସହ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବା ଅଭିଯୋଗ କରିଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ମନୋରଞ୍ଜନ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଶୁଣାଣି କରି ଜଷ୍ଟିସ ଆର. କେ. ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି।

### 'ଗୀତା ପ୍ରେସ୍ ...

ପାଖରେ ସହଜରେ ପହଞ୍ଚି ପାରୁ ନ ଥିଲା। ଅନେକ ସଂଙ୍କଟ ଆମ ଉପରେ ଆସିଛି। ମାତ୍ର ଭଗବାନଙ୍କ ଅବତାର ରୂପରେ ଅନେକ ବିଭୂତି ଜନ୍ମ ନେଇ ଧର୍ମର ରକ୍ଷା କରିଛନ୍ତି। ସେହିପରି ଗୀତା ପ୍ରେସ୍ ଭଗବାନଙ୍କ ରୂପରେ ଧର୍ମ ଓ ମୂଲ୍ୟବୋଧର ସୁରକ୍ଷା କରିଛି। ଲୋକଙ୍କ ପଥପଦର୍ଶକ ହୋଇପାରିଛି। ପ୍ରତି ଘରେ ଗୀତା ପ୍ରେସ୍ର ପୂଜ୍ୟ ପୁସ୍ତକମାନ ପହଞ୍ଚି ପାରିଛି। ତେଣୁ ଉଦ୍ୟମ ପବିତ୍ର ହୋଇଥିଲେ ସଫଳତା ନିଶ୍ଚୟ ମିଳିଥାଏ। ରାଜନୈତିକ ଛୁଙ୍କ ଦେଇ ମୋଦି କହିଛନ୍ତି, ଗୋଲାମୀ ଶାସନରୁ ମୁକ୍ତ ହୋଇ ଏବେ ନିଜ ଶାସନ ଉପରେ ଭରସା କରିବା ସମୟ ଆସିଛି। ଦେଶ ଏବେ ବିକାଶ ଓ ନିଜ ଶାସନକୁ ନେଇ ଚାଲୁଛି। ଆମେ ବିଶ୍ୱସ୍ତରୀରୟ ଭିତ୍ତିଭୂମି ନିର୍ମାଣ କରୁଛୁ। ଏଥିସହ କେଦାର ନାଥ ଓ ଅନ୍ୟ ତୀର୍ଥର ଉନ୍ନତିକରଣ ମଧ୍ୟ କରୁଛୁ। ବହୁଦିନର ସ୍ୱପ୍ନ ଥିବା ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାମ ଶେଷ ହେବାକୁ ଯାଉଛି। ସବୁଠି ଏବେ ଇଂରେଜ ଶାସନର ପଦଚିହ୍ନକୁ ହଟାଇ ଭାରତୀୟ ବିଚାର ଓ ଚିହ୍ନକୁ ସୂଚିତ କରାଯାଉଛି। ଆମର ମୂର୍ତ୍ତିକୁ ଚୋରି କରି ବିକ୍ରି କରାଯାଇଥିଲା, ତାହା ମଧ୍ୟ ଆମ ମନ୍ଦିରକୁ ଫେରି ଆସୁଛି। ଏକ ନୂଆ ଭାରତର ନିର୍ମାଣ କରିବା ଓ ବିଶ୍ୱକଲ୍ୟାଣ ନିମନ୍ତେ ରହିଥିବା ଇଛାକୁ ସଫଳ କରିବା ଏହାର ମୂଳ ଉଦ୍ଦେଶ୍ୟ।

### ପାଣିପାଗ ...

ଏହା ସହ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା ଥିବା ମଧ୍ୟ ଜରୁରୀ ବୋଲି ଏଥିରେ କୁହାଯାଇଛି। ବର୍ତ୍ତମାନ ସହରାଞ୍ଚଳଗୁଡ଼ିକ ପାଇଁ ସହରୀବନ୍ୟା ଏକ ବଡ଼ ସମସ୍ୟା ପାଲଟିଛି। ହଠାତ୍ ହେଉଥିବା ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ସହ ଲୋକଙ୍କ ପାଇଁ ସମସ୍ୟା ବଢୁଛି। ହଠାତ୍ ବର୍ଷାର ତୀବ୍ରତା ଅଧିକ ହେଉଥିବା ହେତୁ ସହରବାସୀଙ୍କ ସମେତ ପ୍ରଶାସନ ପାଇଁ ମଧ୍ୟ ଚିନ୍ତାର କାରଣ ସାଜୁଛି। ଏହି ଏକ୍ସ-ବ୍ୟାଣ୍ଡ ରାଡାର୍ ବସିଲେ ୧୦୦ କିଲୋମିଟର ପରିଧି ମଧ୍ୟରେ ଯେଉଁ ପାଣିପାଗ ଜନିତ ଘଟଣା ଘଟିବ ତାହା ଅତି ସହଜରେ ଜାଣି ହେବ। କଟକ ଓ ଭୁବନେଶ୍ୱରରେ ଅଞ୍ଚଳୱାରୀ ବର୍ଷା ଓ ବଜ୍ରପାତର ଆଗୁଆ ସୂଚନା ଦିଆଯିବା ସହିତ କେଉଁ ସ୍ଥାନରେ କେତେ ପରିମାଣରେ ବର୍ଷା ହେବ ତାହା ରାଡାର ସୂଚନା ଦ୍ୱାରା ଜାରି କରାଯାଇପାରିବ।

### 'ସହରାଞ୍ଚଳର ...

ମିଶନ ଶକ୍ତିର ମହିଳାମାନେ ଏବେ ଆମର ଜଳାଶୟଗୁଡିକର ମଧ୍ୟ ରକ୍ଷକ ହୋଇ ତା'ର ଦେଖା ଶୁଣା କରିବେ। ସହର, ଗାଁ ସବୁ କ୍ଷେତ୍ରର ବିକାଶରେ ମହିଳାମାନଙ୍କ ଭୂମିକା ଦିନକୁ ଦିନ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆମ ପୋଖରୀ କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ଆନନ୍ଦ ମଲ୍ଲିଗଉଡ୍‌ଙ୍କୁ ସମ୍ମାନିତ କରିଥିଲେ। ଜଣେ ମେକାନିକାଲ ଇଞ୍ଜିନିୟର ଭାବେ ବୃତ୍ତି ଆରମ୍ଭ କରିଥିବା ଶ୍ରୀ ଆନନ୍ଦ ଜଳାଶୟ ସୁରକ୍ଷା ପାଇଁ ବୃତ୍ତି ପରିତ୍ୟାଗ କରି କାମ ଆରମ୍ଭ କରିଥିଲେ। ଜଳ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଦକ୍ଷତା ଓ ସୁନାମ ରହିଛି। ସାରା ଦେଶରେ ସେ ଲେକ୍ ମ୍ୟାନ୍ ଭାବରେ ପରିଚିତ। ଏହି ଅବସରରେ ଆମ ପୋଖରୀ ପାଇଲଟ୍ ପ୍ରୋଜେକ୍ଟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରର ମହାନଗର ନିଗମର ଟିମ୍ ଗୁଡିକୁ ମଧ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ପାଇଲଟ୍ ପ୍ରୋଜେକ୍ଟରେ କାମ କରୁଥିବା ଭୁବନେଶ୍ୱର ମହାନଗର ନିଗମର ମିଶନ ଶକ୍ତି ମା ଗୀତାଞ୍ଜଳି ବେହେରା, କଟକ ମହାନଗର ନିଗମର ମିଶନ ଶକ୍ତି ମା ଅନିତା ରାଣୀ ଓ ବ୍ରହ୍ମପୁରର ମହାନଗର ନିଗମର ମିଶନ ଶକ୍ତି ମା ସୁନିତା ପଣ୍ଡା ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି ଜଳାଶୟର ପୁନରୁଦ୍ଧାରରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭରଷା ପାଇଁ ସେମାନେ ଆଜି ଦକ୍ଷ ହୋଇପାରିଛନ୍ତି ଓ ବିକାଶ ପ୍ରକ୍ରିୟାରେ ସହଭାଗୀ ହୋଇପାରିଛନ୍ତି ବୋଲି କହିଥିଲେ। ବିଭାଗର ପ୍ରମୁଖ ସଚିବ ଜି. ମାଥିଭାତନନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଓଡ଼ିଶାର ଯୁବକ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ବିଜୁ ଯୁବଜନତା ଦଳ ସଂକଳ୍ପ କରୁ'



**ଭୁବନେଶ୍ୱର :** ନିକଟରେ ବିଜୁ ଯୁବଜନତା ଦଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ କରି ପ୍ରତ୍ୟେକ ଜିଲ୍ଲାରେ "ସଂକଳ୍ପ ସମାବେଶ" ଓ ଆନ୍ଦୋଳନ କରିବାର ନିଷ୍ପତି ନେଇଛି। ଏନେଇ ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିସ୍ ଆଚାର୍ଯ୍ୟ ୨୩ବର୍ଷର ବିଜୁ ଯୁବଜନତା ଦଳଙ୍କ ଏଭଳି ନିଷ୍ପତି ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କହିଛନ୍ତି। ଶ୍ରୀ ଆଚାର୍ଯ୍ୟ ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ବିଜୁ ଯୁବଜନତା ଦଳକୁ ପ୍ରଶ୍ନ କରିଛନ୍ତି ଯେ, ତୁମେମାନେ କ'ଣ ସଂକଳ୍ପ ନେଇଛ, ସଚିବଙ୍କ ବସ୍ତାନି ବୋହିବା ପାଇଁ ନା ତୁମର ମନ୍ତ୍ରୀ, ବିଧାୟକମାନେ ଯେପରି ଷ୍ଟେଜ ଓ ଚୌକି ପକାଇବା କାର୍ଯ୍ୟ କରୁଛନ୍ତି ସେଭଳି, ୫ଟି ସଚିବ ଯେଉଁ ରାଜ୍ୟରୁ ଆସିଛନ୍ତି ସେଠି ଓଡ଼ିଶାର ଯୁବକମାନେ ଦାଦନ ଖଟିବାକୁ ଯିବା ପାଇଁ ? ନା ବେରୋଜଗାର ବଢ଼ାଇବା, ଝିଅ ଓ ବୋହୂମାନଙ୍କ ଇଜ୍ଜତ ନିଲାମ କରିବାର ସଂକଳ୍ପ ନେବେ କି ? ରାଜ୍ୟ ସରକାରଙ୍କ ଗୁମାସ୍ତା ନହୋଇ ଓଡ଼ିଶାର ଯୁବକ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ବିଜୁ ଯୁବଜନତା ଦଳ ସଂକଳ୍ପ କରୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ବିଜୁ ଯୁବଜନତା ଦଳ ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ଉଠାଇବା ପାଇଁ ଭୟ କରୁଛି। କାରଣ ରାଜ୍ୟର ଯୁବପିଢ଼ିଙ୍କ ସମସ୍ୟାକୁ ଅଣଦେଖା କରିଛନ୍ତି ରାଜ୍ୟ ସରକାର। ଯୁବକମାନଙ୍କ ପାଇଁ ରାଜ୍ୟରେ ରୋଜଗାର ନାହିଁ। ଗାଁ ଗାଁରେ ଯୁବକ ମାନଙ୍କୁ ନିଶାରେ ବୁଡାଇ ରଖିଛନ୍ତି ରାଜ୍ୟ ସରକାର। ଓଡିଶାରେ ଏବେ ୯ଲକ୍ଷ ବେକାରୀ ରହୁଛନ୍ତି କିନ୍ତୁ ବିଜୁ ଯୁବଜନତା ଦଳ ଏନେଇ କୌଣସି ସ୍ୱର ଉଠାଉନାହିଁ ବରଂ ମିଛ କଥା କହି ଭୋଟ ରାଜନୀତି କରିବାରେ ଆଗଭର ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ରାଜ୍ୟ ସରକାର କଲେଜମାନଙ୍କରେ ନିର୍ବାଚନ ବନ୍ଦ କରି ଛାତ୍ରନେତା ତିଆରି କରିବାର ସୁଯୋଗ ବନ୍ଦ କରିଦେଲେ। କଲେକ୍ଟର,ଏସପି, ବ୍ଲକ, ବିଡିଓ, ତହସିଲଦାର ଇତ୍ୟାଦି ଚାକିରୀ ପରେ ନେତା ହେବେ। ଯେଉଁମାନେ ରାଜନୀତି କରିବେ ସେମାନେ ପ୍ରଶାସନିକ ଅଧିକାରୀଙ୍କ ଗୁମାସ୍ତା ହେବେ। ରାଜ୍ୟରେ କାହିଁକି ବେରୋଜଗାର ବଢୁଛି, ଲୋକେ କାହିଁକି ଦାଦନ ଖଟିବାକୁ ଯାଉଛନ୍ତି ତାହାର ବିଜୁ ଯୁବଜନତା ଦଳ କୌଣସି ବ୍ୟବସ୍ଥା ନକରି "ସଂକଳ୍ପ ସମାବେଶ" କ'ଣ କରିବେ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ସେହିପରି ଦୀର୍ଘ ୬ବର୍ଷ ପୁର୍ବରୁ ମହାନଦୀ ବଂଚାଅ ବୋଲି ନାରା ଦେଉଥିଲେ କିନ୍ତୁ କଆଡେ ଗଲା। ୫୨ପ୍ରତିଶତ ଜଳ ସଂରକ୍ଷଣ ହେବ ବୋଲି ରାଜ୍ୟ ସରକାର ମାଷ୍ଟର ପ୍ଲାନ କରିଥିଲେ କୁଆଡେ ଗଲା। ୧ ଅକ୍ଟୋବର ୨୦୨୦ରେ ବିଧାୟକ ରାଜକିଶୋର ଦାସ ଜଳସମ୍ପଦମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ "ମହାନଦୀବନ୍ଧ" ଯୋଜନା କାର୍ଯ୍ୟକାରୀ ହେଉନଥିବାରୁ ୭୦ଲକ୍ଷ କ୍ୟୁବିକ୍ ପାଣି ସମୁଦ୍ରରେ ମିଶିଲା। ୨୦୧୭ରେ ରାଜ୍ୟ ସରକାର ଘୋଷଣା କରିଥିଲେ ଜଳସଂରକ୍ଷଣ ପାଇଁ ୧୧ଟି ବନ୍ଧ ନିର୍ମାଣ କରିବୁ। ବର୍ତ୍ତମାନ ସୁଦ୍ଧା କେତୋଟି ବନ୍ଧ ନିର୍ମାଣ ହୋଇଛି, କେତୋଟି ବନ୍ଧନିର୍ମାଣଧିନ ଅଛି ଓ ବାକି ବନ୍ଧ ନିର୍ମାଣ ପାଇଁ ସରକାରୀ ଯୋଜନା ଅଛି କି ନାହିଁ ? ଏହି ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ମହାନଦୀ ଅବବାହିକାରେ କିଛି ବନ୍ଧ ନିର୍ମାଣର ପରିକଳ୍ପନା କରାଯାଇଥିଲା କିନ୍ତୁ ଏପର୍ଯ୍ୟ ହୋଇନାହିଁ। ଏହି ନଦୀବନ୍ଧକୁ ବାନ୍ଧିବାକୁ ରାଜ୍ୟ ସରକାରଙ୍କୁ "ଇନ୍ଦ୍ର ମନା କରିଛି ନା କେନ୍ଦ୍ର ମନାକରିଛନ୍ତି" ଏହାର ଉତର ରଖନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ପୂର୍ବରୁ ମହାନଦୀ ଅବବାହିକାରେ ଲକ୍ଷ ଲକ୍ଷ ଚାରା ଲଗାଯାଇଥାନ୍ତା କିନ୍ତୁ ତାହାକୁ ମଧ୍ୟ ଘୋଟାଲା କରିଛନ୍ତି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଧାନର ଏମଏସପି ୨୦୧୪ରେ ୧୩୧୦ଟଙ୍କା ଥିଲା ତାହା ୨୧୮୩ଟଙ୍କାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ପାଇଁ ଚାଷୀ ଉଚିତ ମୂଲ୍ୟ ପାଇବାରୁ ବଂଚିତ ହେବା ସହ ଧାନ ମଣ୍ଡିରେ ପଡିରହିଥିବାରୁ ଧାନ ଗଜା ହୋଇଗଲାଣି। ଏନେଇ ବିଜେପି ବାରମ୍ବାର ଆନ୍ଦୋଳନ କରୁଛି। ୨୦୧୭ରେ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ୧୦୦ଟଙ୍କା ବୋନସ ଦେବେ ବୋଲି କହିଥିଲେ କିନ୍ତୁ ଏଯାଏଁ ମିଳିନାହିଁ। ମିଛୁଆ ମୁଖ୍ୟମନ୍ତ୍ରୀ ପାଇଁ ଆନ୍ଦୋଳନ କରିବେ ନା ଚାଷୀ ହକ ପାଇଁ ଆନ୍ଦୋଳନ କରିବ ବିଜୁ ଯୁବଜନତା ଦଳ ତାହାର ଉତର ରଖନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ସତ ଶିକ୍ଷକ, ମିଛ ଅଫିସର

**ଭଦ୍ରକ :** ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଚାଲିଛି। ଜଣେ ଶିକ୍ଷକ ୨୦୧୩ ମସିହାରୁ ରାମସା ଓ ମୋ ସ୍କୁଲ ସେକ୍ସନରେ ଦୀର୍ଘ ୧୧ ବର୍ଷ ଧରି ନିଜକୁ ଅଫିସରଙ୍କ ଭଳି ଭାବି କାର୍ଯ୍ୟ କରୁଥିଲେ। ଉକ୍ତ ବ୍ୟକ୍ତି ହେଉଛନ୍ତି ମନୋଜ କୁମାର ବେହେରା। ଏ ସମ୍ପର୍କରେ ଆରଟିଆଇରେ ତଥ୍ୟ ମାଗିଥିଲେ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ। ଯାହା ଜଣାପଡିଲା ତାଙ୍କର ପ୍ରକୃତ ସ୍କୁଲ ହେଉଛି କେସିଭିଏମ୍, ଯାହାକି ଆଗରପଡାରେ ଅବସ୍ଥିତ। ହେଲେ ସେ ସେଠାରୁ ଚତୁରତାର ସହିତ ଡେପୁଟେସନରେ ପାଇମହୁରା ସିଟି ସ୍କୁଲ ଓ ପରେ ଏସ୍‌ଏସ୍‌ଏସ୍‌ଏସ୍ ବିଦ୍ୟାଳୟ ଚନ୍ଦନ ବଜାରକୁ ଡେପୁଟେସନରେ ଗଲେ। କିନ୍ତୁ ଶ୍ରୀ ଧଳ ଯେତେବେଳେ ଜାଣିବାକୁ ପାଇଲେ ସେ ଜଣେ ଶିକ୍ଷକ ହୋଇଥିବା ବେଳେ କିପରି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାମ କରିବାର ସୁଯୋଗ ପାଇଲେ। ପ୍ରକାଶଥାଉ କି, ଶ୍ରୀ ବେହେରାଙ୍କୁ ଏଠାରେ କାର୍ଯ୍ୟ କରିବା ପାଇଁ କୌଣସି ସରକାରୀ ଚିଠି କିମ୍ବା ନିର୍ଦ୍ଦେଶନାମା ନଥିଲା। କିନ୍ତୁ ଜନସୂଚନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଯାହାଙ୍କ ନାମ ମାୟାଧର ସାହୁ ତଥ୍ୟ ଦେଲେ ଯେ, ଶ୍ରୀ ବେହେରା ପୂର୍ବରୁ ତିନୋଟି ସ୍ଥାନରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନର ସରକାରୀ ନିୟମିତ ଉପସ୍ଥାନ ଖାତାରୁ ଜଣାପଡିଲା ଯେ, ତାଙ୍କର ସ୍ୱତନ୍ତ୍ର ନାମ ଥାଇ ବର୍ଷବର୍ଷ ଧରି ସେ ସ୍ୱାକ୍ଷର କରିଛନ୍ତି। ତାଙ୍କୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ ମଧ୍ୟ କରିଛନ୍ତି। ଡିଇଓ କହୁଛନ୍ତି, ସେମିତି କୌଣସି ସରକାରୀ ଚିଠି ନଥିଲେ ବି ଆମେ ତାଙ୍କୁ ଡାକି ଏଠାରେ କାମ କରାଉଥିଲୁ। ଯେହେତୁ ସେ ପୋଷ୍ଟିଂ ପାଇଥିବା ବିଦ୍ୟାଳୟରେ ଅଳ୍ପ ପିଲା ଅଛନ୍ତି। ତେବେ ପ୍ରଶ୍ନ ଉଠୁଛି କେଉଁ ଆଦେଶ ବଳରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଉପସ୍ଥାନ ଖାତାରେ ଶ୍ରୀ ବେହେରା ଦସ୍ତଖତ କଲେ କିପରି ? ଖବରରୁ ଯାହା ଜଣାପଡିଛି ଏ ବାବଦରେ ଡିଇଓ, ଏଡିଇଓ ସମସ୍ତେ ଜାଣିଥିଲେ। ହେଲେ ସରକାରୀ ନିର୍ଦ୍ଦେଶକୁ ମନଇଚ୍ଛା ମୋଡି ମକଚି ଶ୍ରୀ ବେହେରାଙ୍କୁ କେଉଁ ଉଦ୍ଦେଶ୍ୟରେ କାର୍ଯ୍ୟ କରାଉଥିଲେ ତାହାର ଉପଯୁକ୍ତ ତଦନ୍ତ କରିବା ପାଇଁ ଦାବି ଉଠୁଛି। ତେବେ ସବୁଠୁ ବଡ ପ୍ରଶ୍ନ ହେଉଛି ଜଣେ ଶିକ୍ଷକ ଡିଇଓ ଅଫିସରେ କାମ କରି କେଉଁ ଆଦେଶ ବଳରେ ମୂଳ ସ୍କୁଲରୁ ଦରମା ନେଉଥିଲେ।

# ୭୪ତମ ବନ ମହୋତ୍ସବ ସପ୍ତାହ ପାଳିତ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଛୁରିଆନା ପଂଚାୟତ ଗଙ୍ଗାଦେବୀ ମୁହାଣମୁହଁ ଠାରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲକୁ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀଙ୍କ ସହାୟତାରେ ୭୪ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କ୍ରୀଡା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ବୃକ୍ଷ ହିଁ ଜୀବନ ଓ ଜଳ ବାୟୁ ପରିବର୍ତ୍ତନରେ ବୃକ୍ଷ ମୁଖ୍ୟ ଭୂମିକା ନେଇଥାଏ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଉପାଧ୍ୟକ୍ଷ ଶ୍ରୀଯୁକ୍ତ ନାୟକ କହିଛନ୍ତି ବୃକ୍ଷ ଯୋଗୁଁ ବାଲିକୁ ବାନ୍ଧି ରଖି ସମୁଦ୍ରର ପ୍ରାକୃତିକ ବିପର୍ଯ୍ୟୟ ଦାଉରୁ ଆମକୁ ରକ୍ଷା କରେଥାଏ ବୋଲି କହିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯୋତିର୍ମୟୀ ଦଳାଇ, ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁ, ଦୁଇ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ସରପଞ୍ଚ କ୍ଷୀରୋଦ କାଣ୍ଡି, ଯଶୋବନ୍ତ ନାୟକ, ସାଂସଦ ପ୍ରତିନିଧି ଚମ୍ପକ ବାରିକ,ପ୍ରତାପ ନାୟକ, ସମିତି ସଭ୍ୟା ଆରତୀ କାଣ୍ଡି, ମନ୍ଦାକିନୀ ଛାଟୋଇ ଓ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ଯାନୀଙ୍କ ତତ୍ତ୍ୱାବଧାନରେ, ବନପାଳ ବିରଜା ମହାପାତ୍ର ଓ ସବୀର ସାହୁଙ୍କ ପରିଚାଳନା ରେ ବନରକ୍ଷୀ ଭାବଗ୍ରାହୀ ସେଠି,ପ୍ରତାପ ବସ୍ତିଆ, ପରିବେଶବିତ୍ ଶୋଭାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରାବଣରେ ଶିବପୂଜା



ପ୍ରେମାନନ୍ଦ ପାଣିଗ୍ରାହୀ

ଦେବଦେବ ମହାଦେବଙ୍କର ପ୍ରିୟ ମାସ ଶ୍ରାବଣ । ଶିବ ପୁରାଣ ଅନୁଯାୟୀ ଶିବଲିଙ୍ଗ ସ୍ୱୟଂ ଶକ୍ତି। ଏହି ପବିତ୍ର ମାସରେ ଶିବ ଲିଙ୍ଗରେ ପୂଣ୍ୟତୋୟାର ଜଳ ଅଭିଷେକ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଅଭୁତ ପୂର୍ବ ଆକର୍ଷଣ ରହିଆସିଛି। ଶ୍ରାବଣ କୃଷ୍ଣପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକମାସ ବ୍ୟାପି ଅନୁଷ୍ଠିତ ହୋଇଥାଏ ଏହି ଶ୍ରାବଣୀ ମେଳା। ଦେବଙ୍କର ଦେବ ମହାଦେବ। ସକଳ ଚରାଚର ବିଶ୍ୱ ତାଙ୍କ ଦ୍ୱାରା ସୃଷ୍ଟି । ସେ ଭୋଗ ଓ ମୋକ୍ଷ ଉଭୟର ଦେବତା । ତେଣୁ ସମସ୍ତେ ତାଙ୍କୁ ପ୍ରସନ୍ନ କରିବା ପାଇଁ ନାନା ବ୍ରତ ପାଳନ କରିଥାନ୍ତି। ଏହି ବ୍ରତ ମାନଙ୍କ ମଧ୍ୟରୁ ଶ୍ରାବଣୀ ମେଳା ବା ବୋଲ୍‌ବମ୍ ଯାତ୍ରା କୋଟି କୋଟି ଧର୍ମାନୁରାଗି ଭାରତୀୟଙ୍କ ହୃଦୟରେ ଅସୀମ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ଉଦ୍ରେକ କରିଥାଏ। ଶିବପୁରାଣରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ସମୁଦ୍ର ମନ୍ଥନ ପାଇଁ ଦିନେ ଭଗବାନ ବିଷ୍ଣୁ କୂର୍ମ ଅବତାର ଧାରଣ କରିଥିଲେ । ସମୁଦ୍ର ଦଧିଭାଣ୍ଡ ହୋଇଥିବା ବେଳେ ଅବତାରୀ କୂର୍ମ ଖୁଆ ଏବଂ ବିଶାଳ ସର୍ପ ବାଶୁକି ଦଉଡି ଭାବରେ ବ୍ୟବହୃତ ହୋଇଥିଲେ । ଶ୍ରାବଣ ମାସରେ ଦେବତା ଓ ଅସୁର ମାନଙ୍କ ଦ୍ୱାରା ଏହି ସମୁଦ୍ର ମନ୍ଥନ ହୋଇଥିଲା । ସମୁଦ୍ର ମନ୍ଥନ କରିବା ଫଳରେ ଅମୃତ, ଐରାବତ ହସ୍ତୀ, ଉଚ୍ଚୈସ୍ରବା ଅଶ୍ୱ, ଲକ୍ଷ୍ମୀ, ରମ୍ଭା ଆଦି ଅପସରା, ଚନ୍ଦ୍ର ଏବଂ ସର୍ବ ଶେଷରେ ବାସୁକି ଠାରୁ ହଳାହଳ ବିଷ ଉଦ୍‌ଭବ ହୋଇଥିଲା । ଏହି ବିଷର ଜ୍ୱାଳା ସମଗ୍ର ସୃଷ୍ଟି ଜଗତକୁ ଉତ୍ପୀଡିତ କରିବାକୁ ବସିଥିବାରୁ ଏଥିରୁ ରକ୍ଷା କରିବା ପାଇଁ ଦେବତାମାନଙ୍କ ପ୍ରାର୍ଥନାରେ ମହାଦେବ ଏହାକୁ ପାନ କରିଥିଲେ। ତେବେ ଏହି ହଳାହଳ ବିଷ ପ୍ରଭାବରେ ଶିବଙ୍କ କଣ୍ଠଦେଶ ନୀଳ ପଡିଯାଇଥିଲା। ଦେବତାମାନେ କମଣ୍ଡଳୁରେ ଗଙ୍ଗାଜଳ ଆଣି ତାଙ୍କୁ ଅଭିଷେକ କରିବାକୁ ଲାଗିଲେ। ତେଣୁ ସେହିଦିନ ଠାରୁ ପବିତ୍ର ଶ୍ରାବଣ ମାସରେ ଶିବଙ୍କୁ ଗଙ୍ଗାଜଳରେ ଅଭିଷେକ କରିବାର ପରିମ୍ପରା ଆମ ଭାରତ ବର୍ଷରେ ଆରମ୍ଭ ହୋଇଛି। ଭକ୍ତଗଣ ମହାପ୍ରଭୁଙ୍କୁ ଶୀତଳ କରି ତାଙ୍କ ଆର୍ଶୀବାଦ କାମନା କରିଥାନ୍ତି। କୁହାଯାଏ ଶ୍ରାବଣ ମାସରେ ମହାଦେବଙ୍କୁ ତୀର୍ଥ ଜଳରେ ଅଭିଷେକ କରାଇଲେ ମହାପୂଣ୍ୟ ପ୍ରାପ୍ତି ହୁଏ। ଶ୍ରାବଣ ମାସ ସୋମବାର ତିଥିରେ ନଦୀରୁ ଜଳ ଭାର ବୋହି ଜଳକୁ ଶିବଙ୍କ ମସ୍ତକ ଉପରେ ଢାଳି ଭକ୍ତମାନେ ନିଜର ମନସ୍କାମନା ଜଣାଇଥାନ୍ତି। ଏହି ଶ୍ରାବଣୀ ଯାତ୍ରାରେ ସାମିଲ ହୋଇ ପବିତ୍ର ଜଳକୁ କାନ୍ଧରେ ବୋହି ବିଧି ମୁତାବକ ମନ୍ତ୍ର ଉଚ୍ଚାରଣ ପୂର୍ବକ ଚାଲୁଥିବା ଭକ୍ତମାନଙ୍କୁ କାଉଡିଆ କୁହାଯାଇଥାଏ। ନିଷ୍ଠାର ସହ ମାସାଧିକ କାଳ ଏହି ବ୍ରତ ପାଳନ କରି କାଉଡିଆମାନେ ଅପୂର୍ବ ଆନନ୍ଦ ପାଇଥାନ୍ତି।

ବୋଲ୍‌ବମ୍ ସଂସ୍କୃତି ଆମ ରାଜ୍ୟର ପାରମ୍ପରିକ ସଂସ୍କୃତି ନୁହଁ । ବିଶେଷତଃ ମାରୱାଡି ସଂପ୍ରଦାୟ ଦ୍ୱାରା ପ୍ରଚଳିତ ଏହି ପର୍ବ ଓଡିଶାକୁ ଗତ କେତେ ଦଶନ୍ଧି ଧରି ଜାବୁଡି ବସିଛି। ଉତ୍ତର ଭାରତରେ ପ୍ରସିଦ୍ଧ ଶୈବପୀଠ ଯଥା ବାରାଣାସୀ, କେଦାରନାଥ ଆଦି ସ୍ଥାନରେ ଏହି ଯାତ୍ରା ପ୍ରଥମେ ଆରମ୍ଭ ହୋଇଥିବା ଜଣାପଡେ। ଟେଲିଭିଜନ୍ ଓ ସିନେମାରେ ବୋଲ୍‌ବମ୍ ଯାତ୍ରାର ମହନୀୟତାର ପ୍ରଭାବରେ ଓଡିଶାର ଶିବ ଭକ୍ତମାନେ ଏହି ଯାତ୍ରାରେ ସାମିଲ୍ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ଏହା ଉପକୂଳ ଓଡିଶାରେ ଆରମ୍ଭ ହୋଇଥିଲା । ଧିରେ ଧିରେ ଏହା ସମଗ୍ର ଓଡିଶାକୁ ପରିବ୍ୟାପ୍ତ ହୋଇଛି। ସାଧାରଣତଃ ପରିବାରର ମୁଖ୍ୟମାନେ ସନ୍ତାନ ପ୍ରାପ୍ତି, ଦୂରାରୋଗ ବ୍ୟାଧିରୁ ଆରୋଗ୍ୟ ଲାଭ ଓ ମାନସିକ ଶାନ୍ତି ପାଇଁ ଏହି କଷ୍ଟକର ବୋଲ୍‌ବମ୍ ଯାତ୍ରାରେ ସାମିଲ୍ ହେଉଥିଲେ। ପୂର୍ବରୁ କେବଳ ପୁରୁଷ ଭକ୍ତ ଏହି ଯାତ୍ରାରେ ଯାଉଥିବାବେଳେ ଅଧୁନା ପୁରୁଷ ସମେତ ମହିଳା ଓ ଶିଶୁ କାଉଡିଆମାନେ ଆଧାତ୍ମିକ ଭାବନାର ବଶବର୍ତ୍ତୀ ହୋଇ ଏହି ଯାତ୍ରାରେ ସାମିଲ ହେଉଛନ୍ତି। ବୋଲ୍‌ବମ୍ ଯାତ୍ରା ଏବେ ଅଧିକ ଆକର୍ଷଣୀୟ ଓ ବ୍ୟୟ ସାପେକ୍ଷ ହେଉଛି। ଅନେକ ଭକ୍ତ ବ୍ରତ ଓ ମାନସିକ ରଖି ବୋଲ୍‌ବମ୍ ଯାତ୍ରା କରୁଥିବା ବେଳେ କେତେକ ଖୁସି ଓ ସୌକ୍‌ରେ ଜଳଭାର ନେଇ ଯାତ୍ରା କରୁଛନ୍ତି। ପ୍ରତି ସୋମବାର ଭକ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେବେ ଆଜିକାଲି ଏହି ଯାତ୍ରା ଭକ୍ତି ଓ ନିଷ୍ଠା ବଦଳରେ ଲୋକଦେଖାଣିଆରେ ପରିଣତ ହେଉଛି ବୋଲି କେତେକ କହିବା ଆରମ୍ଭ କଲେଣି।









ଓଡିଶାର ଯେଉଁ ଶୈବ ପୀଠ ଯେତେ ପ୍ରସିଦ୍ଧ ସେଠାରେ ସେତେବେଶୀ କାଉଡିଆଙ୍କ ଭିଡ ପରିଲକ୍ଷିତ ହୁଏ। ଅନେକ ଭକ୍ତ ଶ୍ରାବଣର ପ୍ରତି ସୋମବାର ଭିନ୍ନ ଭିନ୍ନ ଶିବ ମନ୍ଦିରରେ ଜଳାଭିଷେକ କରନ୍ତି। ଦୂରଦୂରାନ୍ତକୁ ଯାଉଥିବା ଅନେକ ଭକ୍ତ ସାଙ୍ଗରେ ଯାନ ବାହନର ବ୍ୟବସ୍ଥା କରିଥାନ୍ତି। ନିଜର ସମସ୍ତ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ରୋଷଇ ସାମଗ୍ରୀ, ସେଜ, ମଶାରୀ ଏହି ଯାନରେ ନେଇଥାନ୍ତି। ଯାନରେ ଉଚ୍ଚ ଶବ୍ଦ ସଂପନ୍ନ ଡି.ଜେର ବ୍ୟବସ୍ଥା କରାଯାଇଥାଏ। ଏସବୁ ଦେଖିଲେ ମନେହୁଏ ସତେ ଯେପରି ଶ୍ରାବଣୀ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢାଳି କୃପା ଭିକ୍ଷା କରିବାପାଇଁ ଯାଉନାହାନ୍ତି ପିକ୍‌ନିକ୍ କରିବାପାଇଁ ଯାଉଛନ୍ତି। କେତେକ ବିଶ୍ରାମ ସମୟରେ ଦେଶୀ ବିଦେଶୀ ପାନୀୟର ଆଶ୍ରା ନିଅନ୍ତି। ନିଶା ସେବନ କରି କାନ୍ଧରେ ପାରିଭାର ବୁହାଇ ଶୈବପୀଠକୁ ଆସୁଥିବା କାଉଡିଆମାନେ ପରମ୍ପରାକୁ ବିକୃତ କରୁଥିବା ଦେଖିବାକୁ ମିଳୁଛି। ରାସ୍ତାକଡ ବାଉଁଶବାଡରେ ବାହୁଙ୍ଗୀ ରଖି ଶୋଇଯାଇଥିବାବେଳେ କେତେକ କାଉଡିଆଙ୍କ ମୋବାଇଲ୍ ଓ ଟଙ୍କାକୁ ଅନ୍ୟ କାଉଡିଆ ଚୋରୀ କରିନେଉଥିବାର ଅଭିଯୋଗ ମଧ୍ୟ ହେଉଛି। ବେଳେ ବେଳେ ଦୁଇ କାଉଡିଆ ଗୋଷ୍ଠୀଙ୍କ ମଧ୍ୟରେ ଝଗଡା ଏତେ ତୀବ୍ର ହେଉଛି ଯେ ମାମଲା ଥାନାକୁ ଯାଉଛି। ଲକ୍ଷ ଲକ୍ଷ ଭକ୍ତ ଏହି ବୋଲ୍ ବମ ଯାତ୍ରାରେ ସାମିଲ ହେବା ଫଳରେ ସେମାନେ ବିଶ୍ରାମ ନେଉଥିବା ସ୍ଥାନରେ ମଳ, ମୂତ୍ର, ଖଲିପତ୍ର, ପଲିଥିନ୍ ପଡିରହିବାରୁ ପରିବେଶ ପ୍ରଦୂଷିତ ହେଉଛି । କାଉଡି କାନ୍ଧରେ ଧରି ରାସ୍ତାରେ ଯିବା ସମୟରେ ଏମାନେ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି ଯଦ୍ୱାରାକି ଅନ୍ୟ ପଥଚାରୀ ଓ ଯାତ୍ରୀମାନଙ୍କର ବହୁ ମୂଲ୍ୟ ସମୟ ନଷ୍ଟ ହେଉଛି । ବେଳେ ବେଳେ କାଉଡିଆ ଭକ୍ତମାନେ ମଧ୍ୟ ଦୁର୍ଘଟଣାର ଶୀକାର ହେଉଛନ୍ତି। କାଉଡିଆ ଭକ୍ତମାନଙ୍କର ଭିଡକୁ ଦେଖି ପ୍ରସିଦ୍ଧ ଶୈବପୀଠ ପରିସରରେ ଅସ୍ଥାୟୀ ଶିବ ଲିଙ୍ଗ ସ୍ଥାପନା କରାଯାଇ ଭକ୍ତଙ୍କ ଜଳ ଦ୍ୱାରା ଅଭିଷେକ କରାଯାଉଛି।

ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ମହାଦେବଙ୍କର ନାମ ପଞ୍ଚାକ୍ଷର ଉଚ୍ଚାରଣ ଏକ ପବିତ୍ର ଶିହରଣ ସୃଷ୍ଟି କରିଥାଏ। କିନ୍ତୁ ଅନେକ ଭକ୍ତ ଶିବଙ୍କର ଏ ପବିତ୍ର ନାମକୁ ଦ୍ୱିଅର୍ଥବୋଧକ କରି ଗାଇବା ଦ୍ୱାରା ଏମାନଙ୍କ ଭକ୍ତି ଓ ସମର୍ପଣ ଭାବ କେତେ ତାହା ବାରି ହୋଇପଡୁଛି। ବୋଲ୍‌ବମ୍ ଯାତ୍ରା ଦ୍ୱାରା ଭକ୍ତମାନଙ୍କର ଯେଉଁ ଶ୍ରଦ୍ଧା, ଭକ୍ତି, ସେବା ଓ ମାନବିକତା ଭାବ ଉଦ୍ରେକ ହୁଏ ତାହା ଭାରତୀୟ ଧର୍ମ ଧାରଣାକୁ ପରିସ୍ଫୁଟ କରିଆସିଛି। ଏହାକୁ ବଜାୟ ରଖିବା ଆମ ସମସ୍ତଙ୍କର କାମନା ହେବା ଉଚିତ୍।

*ଭୁଷଳ, ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*

**କର୍ପୋରେଟ୍ ସଂସ୍ଥା ନିୟନ୍ତ୍ରଣରେ ଦେଶର ଖୁଚୁରା ବଜାର**

# ବଢୁଛି ଅଟା, ସୁଜି, ମଇଦା ଦର

**ଭୁବନେଶ୍ୱର :** ଦିନକୁ ଦିନ ଅସହ୍ୟ ହେଉଛି ବଜାର ତାତି। ଏହି ବଜାର ତାତି ଏବେ ଖରା ତାତିକୁ ବଳିଗଲାଣି। ମହଙ୍ଗା ମାଡ଼ରେ ବଜାର ଗରମ। ବଜାରର ଏଭଳି ସ୍ଥିତିରେ ଖାଉଟି ଅସହାୟ। କାରଣ ଖୁଚୁରା ବଜାରରେ ବର୍ତ୍ତମାନ ହୁ ହୁ ହୋଇ ବଢ଼ିବାରେ ଲାଗିଛି ଅଟା ଚୁଡ଼ା, ଚାଉଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦର। ଇତିମଧ୍ୟରେ ଚାଉଳ କିଲୋ ପିଛା ୩୫, ଚୁଡା ୪୦ ଟଙ୍କା ଏବଂ ଅଟା ଅଟା କିଲୋ ୪୫ ଟଙ୍କା ଉପରେ ବିକ୍ରି ହେଉଛି। ଗହମ ଯୋଗାଣ ଜନିତ ସମସ୍ୟା ବଜାରରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ଯାହାର ଫଳ ସ୍ୱରୂପ ଅଟା ଦର ବଢ଼ି ବଢ଼ି ଚାଲିଛି। ସ୍ଥିତି ଏବେ ଏମିତି ହୋଇଛି ଯେ, କେତେବେଳେ ଗରିବଙ୍କ ତାଓ୍ୱାରୁ ରୁଟି ଉଭାନ୍ ହୋଇଯିବ ତାହା କହିବା ମୁସ୍କିଲ୍। ଦେଶର ଖୁଚୁରା ବଜାର ବର୍ତ୍ତମାନ କର୍ପୋରେଟ୍ ସଂସ୍ଥାଗୁଡିକର ନିୟନ୍ତ୍ରଣରେ ରହିଛି। ଆହୁରି ଏଥିରେ ଦାଉ ସାଧୁଛି ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)। ଏଫ୍‌ସିଆଇ ବଜାରକୁ ଚାଉଳ ଏବଂ ଗହମ ଛାଡୁନାହିଁ। ଏହାର ପ୍ରଭାବରେ ବଜାରରେ ରକେଟ୍ ଭଳି ବଢ଼ିବାରେ ଲାଗିଛି ଅଟା, ସୁଜି ଏବଂ ମଇଦା ଦର। ଏଭଳି ବଜାର ସ୍ଥିତିକୁ ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବ୍ୟବସାୟୀ ମହାସଂଘ ସରକାରଙ୍କୁ ଅନୁରୋଧ କରିଛି। ନଚେତ୍ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ମହାସଂଘ ଚେତାଇ



ଦେଇଛି। ଖୁଚୁରା ବଜାରରେ ଚାଉଳ ଏବଂ ଅଟା ଦର ବଢ଼ିବାରେ ଲାଗିଥିବାବେଳେ ଗୋଦାମରୁ ଏଫ୍‌ସିଆଇ ଏ ଯାଏ ଗହମ ଏବଂ ଚାଉଳ ଖୋଲା ବଜାରକୁ ଛାଡୁନାହିଁ। ଯାହାଫଳରେ ବିଚାରା ଖାଉଟି କଳବଳ ହେଉଛନ୍ତି। ସେପଟେ ବିରୋଧୀ ଦଳଗୁଡିକ ଦରଦାମ ବୃଦ୍ଧିକୁ କେନ୍ଦ୍ରର ଅପାରଗତା ବୋଲି କହୁଛନ୍ତି। ଖୋଲା ବଜାରକୁ ଚାଉଳ ଓ ଗହମ ନ ଆସିଲେ ଦେଶରେ ଖାଦ୍ୟାନ୍ନ ଅଭାବ ଦେଖାଦେବ ବୋଲି ଅର୍ଥନୀତି କ୍ଷେତ୍ରର ବିଶେଷଜ୍ଞ କହିଛନ୍ତି। ବିଶେଷଜ୍ଞମାନଙ୍କ ମତରେ ଏବେ କର୍ପୋରେଟ୍ ସଂସ୍ଥାଗୁଡିକର ହାତରେ ଖୁଚୁରା ବଜାର। ଉତ୍ପାଦନ ଭଲ ହୋଇଥିଲେ ବି କର୍ପୋରେଟ୍ ସଂସ୍ଥାଗୁଡିକ ବଜାର ଦରକୁ ଉପର ତଳ କରୁଛନ୍ତି। ଅପରପେକ୍ଷ ଘରୋଇ ବଜାରରେ ଦେଖାଦେଉଥିବା ଚାହିଦା ପୂରଣ କରିବା ଲାଗି ପ୍ରତ୍ୟେକ ବର୍ଷ ଜୁନ୍ ଓ ଜୁଲାଇରେ ଏଫ୍‌ସିଆଇ ପ୍ରତି ରାଜ୍ୟକୁ ବହୁ ପୂର୍ବରୁ ଗହମ ଓ ଚାଉଳ ଆବଣ୍ଟନ କରି କରିଦେଇଥାଏ। କିନ୍ତୁ ଚଳିତ ବର୍ଷ ସ୍ଥିତି ଓଲଟା। ଗହମ ଅଭାବରୁ ଖୁଚୁରା ବଜାରରେ ଅଟା, ସୁଜି, ମଇଦା ଓ ଗହମଜାତ ସାମଗ୍ରୀଗୁଡିକର ଦର ରକେଟ୍ ଭଳି ବଢିଚାଲିଛି। ତଥାପି ଏଫ୍‌ସିଆଇର କର୍ତ୍ତାକର୍ତ୍ତା ନିଦ ଭାଙ୍ଗୁନାହିଁ। ଏମିତି ନିଲାମି ପ୍ରକ୍ରିୟା କରାଯାଇଛି, ତାହା ବ୍ୟବସାୟୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କେବେ ସରିବ ନିଲାମ ଶେଷ ହେବ ଆଉ ଖୋଲା ବଜାରକୁ ଗହମ ଓ ଚାଉଳ ଆସିବ ତାହା କହି ହେଉନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବଢ଼ିବା ପରେ ଚାଉଳ ଓ ଚୁଡ଼ା ଦର ବି ବଢିଚାଲିଛି। ବଜାରର ଏପରି ସ୍ଥିତି ଦେଖି ରାଜ୍ୟ ବ୍ୟବସାୟୀ ମହାସଂଘ ଉଦ୍‌ବେଗ ପ୍ରକାଶ କରିଛି।

# ପ୍ରତି ବ୍ଲକରେ ଖୋଲିବ ଗ୍ରାମୀଣ ଶିଳ୍ପ ପାର୍କ

**ଭୁବନେଶ୍ୱର :** ରାଜ୍ୟବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶ ଦିଗରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ଓଡ଼ିଶା। ରାଜ୍ୟର ବିଭିନ୍ନ ବର୍ଗର ଉତ୍ପାଦକଙ୍କ ଉନ୍ନତି ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଗ୍ରାମୀଣ ଶିଳ୍ପ ପାର୍କ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହି ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କଳାହାଣ୍ଡିରେ ସ୍ଥାପିତ ଶିଳ୍ପ ପାର୍କ ଢ଼ାଞ୍ଚାରେ ବ୍ଲକ ସ୍ତରରେ ଗ୍ରାମୀଣ ଶିଳ୍ପ ପାର୍କ ପ୍ରତିଷ୍ଠା ହେବ। ଏହି ପାର୍କ ପ୍ରତିଷ୍ଠା ପାଇଁ ବିଭାଗ ପକ୍ଷରୁ ପ୍ରାଥମିକ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆସନ୍ତା ୬ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକଳ୍ପର ଚୂଡ଼ାନ୍ତ ଢ଼ାଞ୍ଚା ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ କୃଷି ଓ ଅଣ କୃଷି ଉତ୍ପାଦର ପ୍ରଚାର ପ୍ରସାରକୁ ଲକ୍ଷ୍ୟରେ ରଖି ଗ୍ରାମୀଣ ଶିଳ୍ପ ପାର୍କ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେଠାରେ କେବଳ ଉତ୍ପାଦର ବିକ୍ରି ବଟା ପାଇଁ ଭିତ୍ତିଭୂମି ରହିବ ନାହିଁ ବରଂ ପ୍ରଶିକ୍ଷଣ, ବିପଣନ, ଋଣ ସହାୟତା, ବ୍ରାଣ୍ଡିଂ, ପ୍ରକ୍ରିୟାକରଣ ଆଦି ପାଇଁ ସୁବିଧା ଯୋଗାଇ ଦିଆଯିବ। ପ୍ରତି ବ୍ଲକରେ ଅନ୍ୟୁନ ୭ ଏକରରୁ ୧୦ ଏକର ଜମି ଉପରେ ପାର୍କ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରହିଛି। ସେଠାରେ ମୁଖ୍ୟତଃ ମିଶନ୍ ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ ଓ କୃଷି ବିଭାଗର ଅଧିକ ଗୁରୁତ୍ୱ ରହିବ। ସେହିପରି ପ୍ରଶିକ୍ଷଣ କାମ ପାଇଁ ଦକ୍ଷତା ବିକାଶ ବିଭାଗକୁ ସାମିଲ କରାଯିବ।



ପଞ୍ଚାୟତିରାଜ ବିଭାଗର ଅଧିକାରୀଙ୍କ କହିବା ଅନୁସାରେ ଆମ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ଢ଼େର ଚାହିଦା ରହିଛି। ଅପରପକ୍ଷେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ଅନେକ ଉତ୍ପାଦ ରହିଛି। ତେବେ ସେଗୁଡ଼ିକର ପ୍ୟାକେଜିଂ, ବ୍ରାଣ୍ଡିଂର ଆବଶ୍ୟକତା ରହିଛି। ଉତ୍ପାଦର ବିକ୍ରି ବଟା ସହିତ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ସେଥିପାଇଁ ମାଷ୍ଟର ଟ୍ରେନର ମାନଙ୍କୁ ନିଯୁକ୍ତ କରାଯିବ। ଏଥିସହ ଦେଶ ଭିତରେ ବିକ୍ରି ତଥା ବିଦେଶକୁ ରପ୍ତାନୀ ପାଇଁ ପଦକ୍ଷେପ ନିଆଯିବ। ଏହି ପ୍ରକଳ୍ପ ମୁଖ୍ୟତଃ ଗ୍ରାମାଞ୍ଚଳର କାରିଗର, ଉତ୍ପାଦକମାନଙ୍କୁ ଦୃଷ୍ଟିରେ ରଖି ହାତକୁ ନିଆଯାଉଛି। ଯେଉଁଠି ଉତ୍ପାଦକ ବର୍ଷକୁ ୧ ରୁ ୫ ଲକ୍ଷ ଟଙ୍କା ମଧ୍ୟରେ ବ୍ୟବସାୟ କରୁଛନ୍ତି ଶିଳ୍ପ ପାର୍କ ପ୍ରତିଷ୍ଠା ହେଲେ ସେମାନଙ୍କ ଆୟ ବହୁଗୁଣା ହୋଇପାରିବ। ସେହିପରି କୃଷି ଯନ୍ତ୍ରାଂଶ, କୃଷି ଉତ୍ପାଦ ମଧ୍ୟ ସେଠାରେ ଉପଲବ୍ଧ ହେବ। ଅଦା, ହଳଦୀ, ମହୁ, ଝୁଣା, ମସଲା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଲଘୁ ବନଜାତ ଦ୍ରବ୍ୟ ନୂଆ ପ୍ୟାକେଜିଂରେ ମିଳିବ। ସବୁ ବର୍ଗର ବ୍ୟବସାୟ ପାଇଁ ବିଶେଷଜ୍ଞ ନିୟୋଜିତ ହେବେ। କହିବାକୁ ଗଲେ ଗୋଟିଏ ଛାତ ତଳେ ସବୁ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହେବ। ଶିଳ୍ପ ପାର୍କରେ ବ୍ୟବସାୟୀ ତଥା ଜନସାଧାରଣଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ କରାଯିବ। କ'ଣ କଲେ ବ୍ୟବସାୟରେ ବୃଦ୍ଧି ହେବ, ଆର୍ଥିକ ସହାୟତା, ସରକାରଙ୍କ ଯୋଜନା ସମ୍ପର୍କରେ ଉତ୍ପାଦକଙ୍କୁ ଅବଗତ କରାଯିବ ଏବଂ ସହାୟତା ଦିଆଯିବ। ପଞ୍ଚାୟତିରାଜ, ଦକ୍ଷତା ବିକାଶ, ମିଶନ୍ ଶକ୍ତି ବିଭାଗ ଉପରେ ପ୍ରଶିକ୍ଷଣ ଦାୟିତ୍ୱ ରହିବ। ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ପ୍ରସ୍ତୁତ ହୋଇଥିବା ବେଳେ ସରକାରଙ୍କ ଅନୁମୋଦନ ପରେ ପ୍ରକଳ୍ପ ଆରମ୍ଭ ହେବ ବୋଲି କୁହାଯାଇଛି।



### ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ

# ୯ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୯ ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ଏଥିରେ ବିଭିନ୍ନ କ୍ଷେତ୍ରର ଅଧିକାରୀ, ଯଥା – ଏକ୍‌ଜିକ୍ୟୁଟିଭ ଇଂଜିନିୟର, ଓଏଏସ୍ ଅଧିକାରୀ, କୃଷି ବିଭାଗ ଅଧିକାରୀ, ସାମାଜିକ ଶିକ୍ଷା ଅଧିକାରୀ, ଅଡିଟର, ଜୁନିର ଇଂଜିନିୟର ପ୍ରମୁଖ ଅନ୍ତର୍ଭୁକ୍ତ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୯୭ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି କିମ୍ବା ସେମାନଙ୍କର ପେନ୍‌ସନ ବନ୍ଦ କରାଯାଇଛି। ଏହି ୯ ଜଣଙ୍କ ମଧ୍ୟରୁ କଟକ ଜିଲ୍ଲା ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନ-୨ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବରାମ ବିଶ୍ୱାଳ ଏକ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ତାଙ୍କର ପେନ୍‌ସନକୁ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲା କାର୍ଲାମୁଣ୍ଡା ବ୍ଲକ୍ର ପୂର୍ବତନ ବିଡିଓ (ଅବସରପ୍ରାପ୍ତ ଓଏଏସ ଅଧିକାରୀ) ଗଣ୍ଡାରାମ ଖମାରୀ ଏକ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟି ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟର ପୂର୍ବତନ ସହକାରୀ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ନାୟକ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୁର୍ନୀତି, ଅପାରଗତା କାରଣରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଜି. ଉଦୟଗିରିର ପୂର୍ବତନ ସହକାରୀ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ଗୌଡ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟିକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ମାଲକାନଗିରି ଜିଲ୍ଲାର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାଶରଥୀ ତ୍ରିପାଠୀ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟିକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ବରଗଡ ଜିଲ୍ଲା ସୋହେଲା ଆରଡବ୍ଲ୍ୟୁଏସ୍ଏସ୍ ପୂର୍ବତନ ଜୁନିଅର ଇଂଜିନିୟର ଉପେନ୍ଦ୍ରଭଞ୍ଜ ନାୟକ ଜଣେ ସରକାରୀ ଅଧିକାରୀ ହେବା ସତ୍ତ୍ୱେ କାର୍ଯ୍ୟରେ ସଚ୍ଚୋଟତା ରକ୍ଷା କରିବାରେ ଏବଂ କର୍ତ୍ତବ୍ୟ ପରାୟଣତାରେ ବିଫଳ ହୋଇଥିଲେ। ଏହାସହିତ ତାଙ୍କର ବ୍ୟବହାରରେ ଶିଷ୍ଟାଚାର ମଧ୍ୟ ନଥିଲା। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାକିରୀରୁ ବହିଷ୍କୃତ କରାଯାଇଛି। ସୁନ୍ଦରଗଡ ଜିଲ୍ଲା ଲୋକାଲ ଫଣ୍ଡ ଅଡିଟ ବିଭାଗର ପୂର୍ବତନ ଅଡିଟର ସୁଶିଲ କୁମାର ମେହେର ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୁର୍ନୀତି ଓ ଅପାରଗତା କାରଣରୁ ତାଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି। ମୟୁରଭଞ୍ଜ ଉଦଳାର ପୂର୍ବତନ ସାମାଜିକ ଶିକ୍ଷା ଅଧିକାରୀ ଆନନ୍ଦ ଚନ୍ଦ୍ର ନାୟକ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଯୋଗୁ ତାଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟିକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ନୟାଗଡ ଜିଲ୍ଲା ଚାନ୍ଦପୁରର ପୂର୍ବତନ ଡିଏମ୍ଏସ୍ଏନ୍ ସୁପରିନ୍‌ଟେଣ୍ଡେଣ୍ଟ ଡଃ ସୁରେନ୍ଦ୍ର ନାଥ ପତି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ପାଉଥିବା ପେନ୍‌ସନକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଛି।

# ପାଇକ ବିଦ୍ରୋହ ସ୍ମାରକୀ ଓଡିଆ ଜାତିର ଅସ୍ମିତା : ଧର୍ମେନ୍ଦ୍ର



**ଖୋର୍ଦ୍ଧା :** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକୀ ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାମର ଅଗ୍ରଗତି ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପ୍ରକଳ୍ପର ପରିକଳ୍ପନା ୨୦୧୭ ମସିହାରେ ହୋଇଥିଲା। ଏହି ବର୍ଷ ଭାରତର ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ କେନ୍ଦ୍ର ବଜେଟରେ ଅର୍ଥ ବରାଦ କରିବା ସହ ଓଡ଼ିଆ ଜାତିର ବୀରତ୍ୱକୁ ରାଷ୍ଟ୍ରୀୟ-ଅନ୍ତରାଷ୍ଟ୍ରୀୟ ସ୍ୱୀକୃତି ପ୍ରଦାନ କରିଥିଲେ। ପରେ ୨୦୧୭ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ନୂଆଦିଲ୍ଲୀ ଠାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ସମାରୋହର ଆୟୋଜନ ହୋଇଥିଲା। ୨୦୧୮ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରୁଣେଇ ପାଦଦେଶରେ ପାଇକ ବିଦ୍ରୋହର ସ୍ମାରକୀ ମୁଦ୍ରା ଓ ଷ୍ଟାମ୍ପ ଉନ୍ମୋଚନ କରିଥିଲେ। ୨୦୧୯ ଡିସେମ୍ବର ୮ରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୧୭ରୁ ପାଖାପାଖି ୬ ବର୍ଷ ମଧ୍ୟରେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ସବୁ ବୁଝାମଣା ହୋଇ ସାରିଛି। ରାଜ୍ୟ ସରକାର ବରୁଣେଇର ପାଦଦେଶରେ ଜମି ମଧ ଉପଲବ୍ଧ କରାଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ସବୁ ନିୟମକୁ ମାନିବା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରକଳ୍ପ ସ୍ଥାନରୁ ବିଦ୍ୟୁତ ଖୁଣ୍ଟ ଓ ଗଛ ହସ୍ତାନ୍ତରଣ ପାଇଁ ଅର୍ଥ ଦିଆଯାଇଛି। ଏହା ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଛି। ପାଇକ ବିଦ୍ରୋହ ହେଉଛି ଓଡିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ପ୍ରତୀକ। ତେଣୁ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ପାଇକ ସ୍ମାରକୀ ନିର୍ମାଣ ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ପ୍ରକଳ୍ପ ସ୍ଥାନ ପରିଦର୍ଶନ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସାଂସଦ ଭର୍ତ୍ତୃହରି ମହତାବ ସାଥୀରେ ଥିଲେ।

## +୨ କଳାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

**ମାଲକାନଗିରି :** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କାଲିମେଳା ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆଜି +୨ କଳା ବାର୍ଷିକ ପରୀକ୍ଷାରେ ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଗଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଲିମେଳା ପଞ୍ଚାୟତ ସମିତି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧନା କରାଗଲା। +୨ କଳା ପରୀକ୍ଷାରେ ବିଦ୍ୟାଳୟର ଛାତ୍ରୀ ସସ୍ମିତା ପଡ଼ିଆମି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ମଧ୍ୟ ଅଧିକାର କରିଛନ୍ତି। ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ରାଜଦିପ୍ ମଣ୍ଡଳ ଏବଂ ତୃତୀୟ ସ୍ଥାନ ସେଫାଳି ସରକାର ଅଧିକାର କରିଛନ୍ତି।

### ସାମ୍ବାଦିକ କଲ୍ୟାଣ ଯୋଜନା ୱେବ ପୋର୍ଟାଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ଏଣିକି ଗୋଟିଏ କ୍ଲିକ୍‌ରେ ସାମ୍ବାଦିକ ବୀମା




**ଭୁବନେଶ୍ୱର :** ଏଣିକି କାଗଜକଲମ ନୁହେଁ ଗୋଟିଏ କ୍ଲିକରେ ସାମ୍ବାଦିକ ବୀମା। ସାମ୍ବାଦିକ କଲ୍ୟାଣ ଯୋଜନା ୱେବ ପୋର୍ଟାଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଣିକି ସ୍ୱାସ୍ଥ୍ୟ ବୀମା ହେଉ କି ଅନ୍ୟାନ୍ୟ ସହାୟତା ପାଇଁ ସାମ୍ବାଦିକଙ୍କୁ ଜିଲ୍ଲା କିମ୍ବା ରାଜ୍ୟ ମୁଖ୍ୟାଳୟକୁ ଆସିବାକୁ ପଡ଼ିବନାହିଁ। ଏହି ପୋର୍ଟାଲ ଜରିଆରସାମ୍ବାଦିକଙ୍କ ପାଇଁ ପୋର୍ଟାଲ ଲୋକାର୍ପିତ କରି ଖୁସି ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ। ୫ଟି ନୀତି ଉପରେ ଗୁରୁତ୍ୱ ଦେଇ ପୋର୍ଟାଲ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରୁଥିବା ଓଡ଼ିଆ ସାମ୍ବାଦିକ ଅନଲାଇନ କଲ୍ୟାଣ ଯୋଜନାର ସୁବିଧା ନେଇପାରିବେ। ରାଜ୍ୟ ସରକାର ଗୋପବନ୍ଧୁ କର୍ମୀଜୀବୀ ସମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା କରିଛନ୍ତି। ଚିକିତ୍ସା ପାଇଁ ସାମ୍ବାଦିକ ଓ ତାଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଦିଆଯାଉଛି। ମୃତ୍ୟୁ ହେଲେ ୪ଲକ୍ଷ ସହାୟତା ରାଶି ଯୋଗାଇ ଦିଆଯାଉଛି। ସାମ୍ବାଦିକତା ଏକ ବୃତ୍ତି ନୁହେଁ ଏକ ମିଶନ। ସାମ୍ବାଦିକମାନେ ସଚେତନ ସମାଜ ଗଠନ ପାଇଁ କାମ ଜାରି ରଖନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସାମ୍ବାଦିକଙ୍କୁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଶ୍ରୀମନ୍ଦିର ଦଇତାପତି ନିଯୋଗର ଦାବି

# ଭକ୍ତଙ୍କ ପାଇଁ ଲାଗୁ ହେଉ ଡ୍ରେସ୍ କୋଡ୍

**ପୁରୀ :** ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଲାଗୁ ହେଉ ଡ୍ରେସ୍ କୋଡ୍। ଜିନ୍ସ ପ୍ୟାଣ୍ଟ, ହାପ୍ ପ୍ୟାଣ୍ଟ ଓ ଟି-ସର୍ଟ ପରି ଆଧୁନିକ ପୋଷାକ ପିନ୍ଧିଥିଲେ ଜଗାଦର୍ଶନ ପାଇଁ ଛଡ଼ାନଯାଉ। ମହାପ୍ରଭୁ ଜଗନ୍ନାଥଙ୍କ ସେବାପୂଜାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଦଇତାପତି ନିଯୋଗ ଉଠାଇଛନ୍ତି ଏଭଳି ଦାବି। ନିଯୋଗର ସଂପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଅଧିକାଂଶ ଭକ୍ତ ଶାଳୀନତା ରକ୍ଷା କରୁନଥିବା ଭଳି ପୋଷାକ ପରିଧାନ କରୁଛନ୍ତି। ଯାହାକି ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାକୁ ଆଘାତ ପହଞ୍ଚାଉଛି। ତେଣୁ ପାଶ୍ଚାତ୍ୟ ପୋଷାକ ପିନ୍ଧି ଆସୁଥିବା ଭକ୍ତଙ୍କୁ ମନ୍ଦିର ପ୍ରବେଶ ପୂର୍ବରୁ ଅଟକାଯାଉ। ଟେଞ୍ଜିଂ ରୁମ୍‌ରେ ପୋଷାକ ବଦଳାଇ ମନ୍ଦିରକୁ ଯିବାର ବ୍ୟବସ୍ଥା କରାଯାଉ ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି। ସେପଟେ ନିଯୋଗର ଏଭଳି ଦାବିକୁ ସମର୍ଥନ କରି ଆଉ ଜଣେ ବରିଷ୍ଠ ସେବାୟତ କହିଛନ୍ତି, ଦକ୍ଷିଣ ଭାରତର ଅଧିକାଂଶ ମନ୍ଦିର ସହ ଦେଶର ପ୍ରାୟ ସବୁ ପ୍ରମୁଖ ଧାର୍ମିକ ସ୍ଥଳରେ ଡ୍ରେସକୋଡ୍ ବ୍ୟବସ୍ଥା ରହିଛି। ତେଣୁ ଶ୍ରୀମନ୍ଦିରରେ ମଧ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। କାଳିଆ ଦର୍ଶନ ପାଇଁ ଆସୁଥିବା ମହିଳାମାନେ ଶରୀରକୁ ସମ୍ପୂର୍ଣ୍ଣ ଘୋଡ଼େଇ ରଖିଲା ଭଳି ଶାଢ଼ୀ ଓ ସାଲୱାର ପରିଧାନ କଲେ ଭଲ। ସେହିପରି ପୁରୁଷ ଭକ୍ତମାନେ ଧୋତି, ଗାମୁଛା ସହ ମଠା ପିନ୍ଧିବାକୁ ପ୍ରସ୍ତାବ ଦେଇଛି ଦଇତାପତି ନିଯୋଗ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଦିଗରେ ଯଥାଶୀଘ୍ର ଯତ୍ନବାନ ହୋଇ ନିଷ୍ପତ୍ତି ନେବାକୁ ନିଯୋଗ ନିବେଦନ କରିଛନ୍ତି ସେବାୟତ। ତେଣେ ଶ୍ରୀମନ୍ଦିରରେ



ଭକ୍ତଙ୍କ ପାଇଁ ଡ୍ରେସକୋଡ୍ ଲାଗୁ ଦାବି ଯଥାର୍ଥ ଦର୍ଶାଇଛନ୍ତି ଅନେକ ଭକ୍ତ। ତେବେ କିଏ କେଉଁ ପ୍ରକାର ପୋଷାକ ପିନ୍ଧିବ? କେତେ ବୟସ ପିଲାଙ୍କଠାରୁ ଏହାକୁ ବାଧ୍ୟତାମୂଳକ କରାଯିବ? ସେ ନେଇ ସ୍ପଷ୍ଟତା ଆସିବା ଦରକାର ବୋଲି ଭକ୍ତଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ତେବେ ଅତିକମ୍‌ରେ ୧୨ରୁ ୧୪ବର୍ଷ ପର୍ଯ୍ୟନ୍ତ ପିଲାଙ୍କ କ୍ଷେତ୍ରରେ ଏହା ଲାଗୁ ନକରିବାକୁ ପ୍ରସ୍ତାବ ରଖିଛନ୍ତି। ଡ୍ରେସକୋଡ୍ ଲାଗୁ ପାଇଁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନର ବିଚାରଧାର ଭିତରେ ରହିଛି। କିନ୍ତୁ ଏଥିପାଇଁ ମନ୍ଦିର ପରିଚାଳନା କମିଟି, ସେବାୟତ ନିଯୋଗ ଓ ପ୍ରଶାସନର ସହମତି ଆସିଲେ ଯାଇ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ ବୋଲି କହିଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ ଜୀତେନ୍ଦ୍ର ସାହୁ। ୨୦୨୧ ମସିହା ଅକ୍ଟୋବର ୨୦ ତାରିଖରୁ ଶ୍ରୀମନ୍ଦିରରେ ସେବାୟତଙ୍କ ପାଇଁ ଲାଗୁ ହୋଇ ସାରିଛି ଡ୍ରେସକୋଡ୍। ଧୋତି, ଗାମୁଛା ଓ ପାଟ ପିନ୍ଧିନଥିଲେ କୌଣସି ସେବାୟତଙ୍କୁ ସେବାପୂଜା ପାଇଁ ଅନୁମତି ମିଳିବନି ବୋଲି ନିୟମ ହୋଇଥିଲା। ହେଲେ ତାହା ଏଯାଏଁ କଡ଼ାକଡ଼ି ପାଳନ ହେଉନାହିଁ। ଆଉ ଏଭଳି ସ୍ଥିତିରେ ଭକ୍ତଙ୍କ ପାଇଁ ଡ୍ରେସକୋଡ୍ ଲାଗୁ ଦାବି ଉଠିଲାଣି।

## ଅଗଷ୍ଟ ୯ରେ ତ୍ରିସ୍ତରୀୟ ପଞ୍ଚାୟତ ଉପନିର୍ବାଚନ

**ଭୁବନେଶ୍ୱର :** ଆସନ୍ତା ଅଗଷ୍ଟ ୯ତାରିଖରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ଉପନିର୍ବାଚନ ହେବ। ଅଗଷ୍ଟ ୧୧ରେ ଭୋଟ୍ ଗଣତି କରି ଫଳାଫଳ ଘୋଷଣା ହେବ ବୋଲି ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚିତ ପ୍ରତିନିଧିଙ୍କ ମୃତ୍ୟୁ/ଇସ୍ତଫା/ଅଯୋଗ୍ୟତା କାରଣରୁ ଖାଲି ପଡ଼ିଥିବା ଆସନ ଏବଂ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ସଂରକ୍ଷିତ ଆସନରେ ପ୍ରାର୍ଥୀ ନମିଳିବାରୁ ନିର୍ବାଚନ ହୋଇପାରିନଥିବା ଆସନରେ ଏବେ ନିର୍ବାଚନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।ରାଜ୍ୟ ନିର୍ବାଚନ କମିସନଙ୍କ ବିଜ୍ଞପ୍ତି ଅନୁଯାୟୀ, ଜୁଲାଇ ୧୦ରେ ଏହି ଉପନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଜୁଲାଇ ୧୪ରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଜୁଲାଇ ୨୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ସହ ନିର୍ବାଚନ ପ୍ରଚାର ଆରମ୍ଭ ହେବ। ଅଗଷ୍ଟ ୯ରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ଅଗଷ୍ଟ ୧୧ରେ ସକାଳ୮ଟାରୁ ଭୋଟ୍ ଗଣତି ହେବ। ଅଗଷ୍ଟ ୯ରେ କଟକର ଡମପଡ଼ା, ଶରଧାପୁର, ଗଞ୍ଜାମର ଅମୃତୁଲୁ, ମୟୂରଭଞ୍ଜର ପାନପଡ଼ିଆ, ନବରଙ୍ଗପୁରର ସାନମ୍ବଦା, ପୁରୀର ବୀରରାମଚନ୍ଦ୍ରପୁର ପଞ୍ଚାୟତରେ ସରପଞ୍ଚ ପଦବି ପାଇଁ ଉପ-ନିର୍ବାଚନ ହେବ। ସେହିପରି ଯାଜପୁର ଜିଲ୍ଲାର ଜୋନ୍ ନଂ-୧୫, ଧର୍ମଶାଳାରେ ଜିଲ୍ଲା ପରିଷଦ ସଭ୍ୟ ପାଇଁ ନିର୍ବାଚନ ହେବ। ଏହାବାଦ୍ ବଲାଙ୍ଗୀରର ଗୋଟିଏ ୱାର୍ଡ, ବାଲେଶ୍ୱରର ୨ଟି, ବରଗଡ଼ର ୫ଟି, କଟକର ୩ଟି, ଗଞ୍ଜାମର ୬ଟି, ଯାଜପୁରର ୨ଟି, କଳାହାଣ୍ଡିର୪ଟି, କେନ୍ଦ୍ରାପଡ଼ାର ଗୋଟିଏ, କେନ୍ଦୁଝରର ୩ଟି, କୋରାପୁଟର ୨ଟି, ମୟୂରଭଞ୍ଜର ୪ଟି, ନବରଙ୍ଗପୁରର ୧୦ଟି ୱାର୍ଡ, ନୟାଗଡ଼ର ୨ଟି, ସୁବର୍ଣ୍ଣପୁରର ଗୋଟିଏ ୱାର୍ଡରେ ୱାର୍ଡମେମ୍ବର ପଦବି, ୮ଟି ଜିଲ୍ଲାରେ ୯ଟି ପଞ୍ଚାୟତ ସମିତି ସଭ୍ୟ ପାଇଁ ନିର୍ବାଚନ ହେବ। ଏହାବାଦ୍ ମୟୂରଭଞ୍ଜ ଜିଲ୍ଲାର ୬ଟି ୱାର୍ଡ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ୧୨ଟି ୱାର୍ଡରେ ସଂରକ୍ଷିତ ପ୍ରାର୍ଥୀ ନମିଳିବାରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନବେଳେ ନିର୍ବାଚନ ହୋଇପାରିନଥିଲା। ଏବେ ଏହାକୁ ଅଣସଂରକ୍ଷିତ କରାଯିବା ପରେ ଏଠାରେ ବି ଏକସଙ୍ଗେ ନିର୍ବାଚନ ହେବ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

### ରକ୍ତ ଭଣ୍ଡାରରେ ନାଟ୍ ଟେକ୍ନୋଲୋଜି ପାଇଁ ବୈଷୟିକ କମିଟି ଗଠିତ

**ଭୁବନେଶ୍ୱର :** ରାଜ୍ୟର ୪୫ଟି ରକ୍ତ ଭଣ୍ଡାରରେ ରକ୍ତର ସ୍କ୍ରିନିଂ ପାଇଁ ନୂଆ ବିଜ୍ଞାନଭିତ୍ତିକ ନାଟ୍ ଟେକ୍ନୋଲୋଜି ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରିଛନ୍ତି। ଏହି କମିଟିରେ ସ୍ୱତନ୍ତ୍ର ସଚିବ(ପିଏଚ୍) ଅଧ୍ୟକ୍ଷ ରହିଛନ୍ତି। ରାଜ୍ୟ ରକ୍ତ ନିରାପତ୍ତା ନିର୍ଦ୍ଦେଶକ ସଦସ୍ୟ ଆବାହକ ଥିବା ବେଳେ ଡିଏମ୍ଇଟି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଏସ୍‌ସିବି, ଏମ୍‌କେସିଜି, ଭିମ୍‌ସାର ଓ ଏମ୍‌ସର ଟ୍ରାନ୍ସଫ୍ୟୁଜ୍ ମେଡିସିନ୍‌ର ପ୍ରଫେସର ତଥା ବିଭାଗୀୟ ନିର୍ଦ୍ଦେଶକ ଏହାର ସଦସ୍ୟ ରହିଛି। ଏହାବାଦ୍ ସ୍ୱତନ୍ତ୍ରଭାବେ ପୂର୍ବତନ ଡିଏମ୍‌ଇଟି ପ୍ରଫେସର ଡା.ସିବିକେ ମହାନ୍ତିଙ୍କୁ କମିଟିରେ ସାମିଲ କରାଯାଇଛି।

### ପ୍ରଶାସନ-ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା

# ବିପୁଳ ପରିମାଣର ରାଜସ୍ୱ କ୍ଷତି, ହନ୍ତସନ୍ତ ଜନତା



**ନବରଙ୍ଗପୁର :** ବାଲି ମାଫିଆଙ୍କ ଆତଙ୍କରେ ଏବେ ହନ୍ତସନ୍ତ ଅଞ୍ଚଳବାସୀ, ହେଲେ ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା। ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ କୋଷାଗୁମୁଡା ବ୍ଲକ ସଦର ମହକୁମା ଠାରେ। ଦିନ ରାତି ବିଭିନ୍ନ ବାଲିଘାଟରୁ ହଜାର ହଜାର ଟ୍ରକ ମାଧ୍ୟମରେ ବାହାର ରାଜ୍ୟକୁ ବାଲି ଚୋରା ଚାଲାଣ କରାଯାଉଛି। ଦିନ ରାତି ବାଲି ଟ୍ରକ ଯିବା ଆସିବା ହେଉଥିବାରୁ ରାସ୍ତାଘାଟର ଅବସ୍ଥା ନ କହିବା ଭଲ। ବାରମ୍ବାର ଗଣ ମାଧ୍ୟମ ରେ ଖବର ପ୍ରକାଶ ପାଇଲେ ମଧ କିଛି ଖାତିର କରୁନାହାନ୍ତି ବାଲି ମାଫିଆ ଯାହାକୁ ନେଇ ଏବେ ଅଞ୍ଚଳବାସୀ ଚିନ୍ତାରେ। ପ୍ରଶାସନ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକାରେ ବାଲି ଘାଟରୁ ହଜାର ହଜାର ଟ୍ରକ ବାଲି ବାହାର ରାଜ୍ୟ ଛତିଶଗଡ ଓ ଆନ୍ଧ୍ର ପ୍ରଦେଶକୁ ଚୋରାଚାଲାଣ ହେଉଛି ବୋଲି ସ୍ପଷ୍ଟ ଅଞ୍ଚଳବାସୀ ମତ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଖରା ୪ମାସ ତ ବାଲି ବୋହିଲେ ଏବେ ବର୍ଷା ମାସ ଆସିଲା ଆଉ ନଦୀରୁ ବାଲି ଉଠିପାରିବ ନାହିଁ ଯାହାକୁ ଆଖିରେ ରଖି ବାଲିମାଫିଆଙ୍କ ପୂର୍ବ ପ୍ରସ୍ତୁତି ଆରମ୍ଭ ହେଇଥିବା ଦେଖିବାକୁ ମିଳିଛି। ବର୍ଷା ମାସରେ ବେପାର ଠପ ହେବା ଡରରେ ବାଲି ମାଫିଆ ଏବେ ଠୁଁ ହିଁ ଟ୍ରକ ଟ୍ରକ ବାଲି ବିଭିନ୍ନ ସ୍ଥାନରେ ଠୁଳ କରିବାକୁ ଆରମ୍ଭ କରି ସାରିଲେଣି। କୋଷାଗୁମୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜୁନାପାଣି ଗ୍ରାମରେ ରହିଥିବା ସରକାରୀ ବିଦ୍ୟାଳୟ ପରିସରରେ ଠୁଳ ହେଇଛି, ଶହ ଶହ ଟ୍ରକ ବାଲି ଯାହାକୁ ନେଇ ଜୁନାପାଣି ଗ୍ରାମବାସୀ ଦୃଢ଼ ନିନ୍ଦା କରୁଥିବା ସହ କୋଡ଼ିଙ୍ଗା ତହସିଲ କୋଷାଗୁମୁଡା ରାଜସ୍ୱ ବିଭାଗ ଉପରେ ସିଧା ସଳଖ ଅଙ୍ଗୁଳି ଉଠାଇ ପ୍ରଶ୍ନ କରୁଛନ୍ତି। ଏପଟେ ନିରୀହ ଗରିବ ପରିବାର ନିଜ ଘର ପାଇଁ ବାଲି ଆଣିଲା ବେଳେ ଟ୍ରାକ୍ଟରକୁ ରଖି ଚାଲାଣ କରୁଛନ୍ତି କିନ୍ତୁ, ସରକାରୀ ବିଦ୍ୟାଳୟ ପରିସରରେ ସହ ସହ ଟ୍ରକ ବାଲି ଠୁଳ ହେଉଥିବା ଦେଖି ମଧ ରାଜସ୍ୱ ବିଭାଗର ଆଖି ଖୋଲୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ କୋଷାଗୁମୁଡା ଟଙ୍ଗ ମନ୍ଦିର ଯିବା ରାସ୍ତା ପାର୍ଶ୍ୱରେ ମଧ ଠୁଳ ହେଉଛି ବାଲି ଯଦି ପ୍ରଶାସନ ଆଖି ପଡିଥାନ୍ତା ତ କଣ ବାଲିମାଫିଙ୍କ ଏତେ ସାହସ ହୁଅନ୍ତା କି? ଅନ୍ୟପଟେ ସନ୍ତୋଷପୁର ପଇଦାପାଲି ଘାଟରୁ ବାଲି ବାହାର କରୁଥିବା ଟ୍ରକ ଯିବା ଆସିବା ସୁବିଧା କରିବା ପାଇଁ ମୁଖ୍ୟ ରାସ୍ତା ଉପରେ ମାଟି ପକାଇବା ଦ୍ୱାରା ଏବେ ସେହି ରାସ୍ତାରେ ଯାତାୟାତ ବାଧା ପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି। ମୁଖ୍ୟ ରାସ୍ତା ଉପରେ ମାଟି ପଡ଼ିଥିବା ହେତୁ ଅଳ୍ପ ବର୍ଷା ଆସିବାରୁ ମାଟି ପଚପଚ ହୋଇ ରହିଛି ନା ଯାଉଛି ଗାଡି ମଟର ନା ଚାଲୁଛନ୍ତି ମଣିଷ ତଥାପି ପ୍ରଶାସନ ସାଜିଛନ୍ତି ନିରବ ଦ୍ରଷ୍ଟା। ଏଠି ସିଧା ପ୍ରଶ୍ନ କଣ ବାଲି ମାଫିଆଙ୍କ ପ୍ରତି ପ୍ରଶାସନର ପ୍ରେମ ପାଇଁ ସାଧାରଣ ଜନତା ଏମିତି ହିଁ ହଇରାଣ ହରକତ ହେଉଥିବେ କି? ନବରଙ୍ଗପୁର ତତ୍କାଳୀନ ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ ଜେଲ ଗଲା ପରେ ମଧ ବାଲି ମାଫିଆଙ୍କ ପ୍ରତି ପ୍ରଶାସନର ପ୍ରେମ ସରୁନି ଏହା ସରିବ କେବେ? ଏ ନେଇ ନୂତନ ଭାବେ ଦାଇତ୍ୱରେ ଥିବା ଉପ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ପ୍ରକାଶ କରିପାରି ନାହୁଁ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି